

ଯଦି ଆମେ ସତ୍ ଜୀବନଯାପନ କରିବାକୁ ଚାହିଁବା, ଆମକୁ ମନ ଭିତରେ ଅଳସୁଆମୀକୁ ତ୍ୟାଗ କରି କିଛି ଭଲ ଚିନ୍ତା କରିବାକୁ ପଡ଼ିବ। ତା'ହେଲେ ଆମର ଜୀବନ ଧାରା ସରଳ ହୋଇଯିବ।
- -ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ଅନାସ୍ଥାରେ ହାରି ପଦ ଛାଡ଼ିଲେ ସରପଞ୍ଚ

**ବାଲିପାଟଣା,୨୧।୧(ଡି.ଏନ୍.ଏ.):** ବାଲିପାଟଣା ବ୍ଲକ ଅନ୍ତର୍ଗତ ଭାପୁର ପଞ୍ଚାୟତରେ ଦୀର୍ଘ ଦିନ ଧରି ସରପଞ୍ଚ ଏବଂ ୱାର୍ଡ ସଭ୍ୟଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା। ସରପଞ୍ଚଙ୍କ ବିରୋଧରେ ୱାର୍ଡସଭ୍ୟମାନେ ଅନାସ୍ଥା ଆଣିବାକୁ ପ୍ରସ୍ତୁତ ହେଉଥିଲେ। ନିୟମ ଅନୁଯାୟୀ, କାର୍ଯ୍ୟକାଳ ଆରମ୍ଭର ୨ବର୍ଷ ୬ମାସ ପୂର୍ବରୁ ଅନାସ୍ଥା ପ୍ରସ୍ତାବ ଅଣାଯାଇ ପାରିବ ନାହିଁ। ଏହି ଅବଧି ପୂରିବା ପରେ ୱାର୍ଡ ସଭ୍ୟମାନେ ଅନାସ୍ଥା ପ୍ରସ୍ତାବ ଆଣି ମଙ୍ଗଳବାର ଭୁବନେଶ୍ୱର ଉପଜିଲାପାଳଙ୍କ ତତ୍ତ୍ୱାବଧାନରେ ଭୋଟ୍ କରାଯାଇଥିଲା। ୧୪ଜଣ ସଭ୍ୟଙ୍କ ମଧ୍ୟରୁ ୧୩ଜଣ ୱାର୍ଡ ସଭ୍ୟ ସରପଞ୍ଚଙ୍କ ବିରୋଧରେ ଭୋଟ୍ ଦେଇଥିଲେ। ଗୋଟିଏ ଭୋଟ୍ ସରପଞ୍ଚଙ୍କ ସପକ୍ଷରେ ଯାଇଥିଲା। ଫଳରେ ସରପଞ୍ଚ କମଳା ସାହୁଙ୍କୁ ପଦବୀ ହରାଇବାକୁ ପଡ଼ିଥିଲା। ଜିଲାପାଳଙ୍କ ଚିଠି ନଂ.୧୨/୨୦୨୦ ଅନୁଯାୟୀ ଅନାସ୍ଥା ପ୍ରସ୍ତାବ କରାଯାଇଥିଲା।

### ଗଞ୍ଜେଇ ଜବତ, ବେପାରୀ ଗିରଫ

**ବାଲିଅନ୍ତା,୨୧।୧(ଡି.ଏନ୍.ଏ.):** ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ବାଲିଅନ୍ତା ଥାନା ପୋଲିସ ମଙ୍ଗଳବାର ଜଣେ ବେପାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ଜଗନ୍ନାଥପୁର ଗ୍ରାମର ବିଜୟ କୁମାର ପାତ୍ର। ତାଙ୍କ ନିକଟରୁ ୨କେଜି ୩୫୦ଗ୍ରାମ ଗଞ୍ଜେଇ ଜବତ ହୋଇଛି। ସୂଚନା ଅନୁଯାୟୀ, ବିଜୟ ଗଞ୍ଜେଇକୁ ପୁଡିଆ କରି ବିକ୍ରି କରୁଥିଲେ। ସୋମବାର ଅନନ୍ତପୁରସ୍ଥିତ ଏକ କଲେଜ ସମ୍ମୁଖରେ ଗଞ୍ଜେଇ ଧରି ଘରକୁ ଯାଉଥିବା ବେଳେ ପୋଲିସ ତାଙ୍କୁ ଧରିଥିଲା। ଏ ନେଇ ଥାନାରେ ଏକ ମାମଲା (ନଂ.୧୫/୨୦)ରୁଜୁ ହୋଇଛି।

### ସମବାୟ ସମିତିର ସାଧାରଣ ସଭା

**ବାଲିଅନ୍ତା,୨୧।୧(ଡି.ଏନ୍.ଏ.):** ଭୁବନେଶ୍ୱର ମହାନଗର ନିଗମର ୪ ନଂ. ୱାର୍ଡ ଅଧୀନ ପାହଳ ସେବା ସମବାୟ ସମିତିର ୫୬ତମ ବାର୍ଷିକ ସାଧାରଣ ସଭା ମଙ୍ଗଳବାର ସମିତିର କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରଶାନ୍ତ କୁମାର ଦାସ ଏଥିରେ ଅଧ୍ୟକ୍ଷତା କରିଥିଲେ। ପରିଚାଳନା ପରିଷଦର ସଭ୍ୟାସଭ୍ୟମାନେ ଯୋଗଦେଇ ଆଲୋଚନାରେ ଭାଗନେଇଥିଲେ। ସମିତିର ଜମା ସଂଗ୍ରହ ବୃଦ୍ଧି, କୃଷି ଭିତ୍ତିକ ଓ ଅଣକୃଷି ଋଣ ଲଗାଣ, ବିହନ, ସାର ବିକ୍ରି ଓ ଧାନ କିଣା ସଂପର୍କରେ ଆଲୋଚନା କରାଯାଇଥିଲା। ସମ୍ପାଦକ ସରୋଜ ରଥ ବାର୍ଷିକ ବିବରଣୀ ପାଠ କରିଥିଲେ। ପୂର୍ବତନ ସଭାପତି ପଦ୍ମନାଭ ପଟ୍ଟନାୟକ ଏବଂ ଅକ୍ଷୟ କୁମାର ଲେଙ୍କା ଯୋଗଦେଇଥିଲେ। ସମିତିର ଉପସଭାନେତ୍ରୀ ମାନସୀ ନାୟକ ଧନ୍ୟବାଦ ଦେଇଥିଲେ।

# ପିଲାଙ୍କ ଭବିଷ୍ୟତ ସହ ଖେଳୁଛି ୟୁନିଭର୍ସିଟି ଲ କଲେଜ

**ଭୁବନେଶ୍ୱର,୨୧।୧(ବ୍ୟୁରୋ)**

- ବିନା ଆଫିଲିଏଶନରେ ଚାଲିଛି ଏଲ୍ଏଲ୍ଏମ୍ ପାଠ୍ୟକ୍ରମ
- ୟୁଜିସି ନିଷ୍ପତ୍ତି ଉପରେ ୯୦ ଛାତ୍ରୀଛାତ୍ରଙ୍କ ଭାଗ୍ୟ ନିର୍ଦ୍ଧାରଣ
- ଆଡ୍‌ମିଶନ କରିପାରୁନାହାନ୍ତି ଏଣ୍ଟ୍ରାନ୍ସରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ର
- ଅନିୟମିତତାର ତଦନ୍ତ କରୁଛି ଭିଜିଲାନ୍ସ




ୟୁନିଭର୍ସିଟି ଲ' କଲେଜ(ୟୁଏଲ୍‌ସି)ରେ ଏଲ୍ଏଲଏମ୍ ପାଠ୍ୟକ୍ରମ ପାଇଁ ୩ବର୍ଷ ହେବ ୟୁଜିସି ଆଫିଲିଏଶନ ନବୀକରଣ ହୋଇନାହିଁ। କିନ୍ତୁ ଏହା ମଧ୍ୟରେ ଦୁଇବର୍ଷ ଧରି ୬୦ ଛାତ୍ରୀଛାତ୍ର ଆଡ୍‌ମିଶନ କରି ହଟହଟା ହେଉଛନ୍ତି। ଅନ୍ୟପକ୍ଷରେ ଗତବର୍ଷ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ୩୦ ଛାତ୍ରୀଛାତ୍ରଙ୍କର ଏପର୍ଯ୍ୟନ୍ତ ଆଡ୍‌ମିଶନ କରାଯାଇପାରୁନି। ସେମାନେ ୭ ମାସ ହେବ ଅପେକ୍ଷା କରି ରହିଥିଲେ ମଧ୍ୟ କଲେଜ କର୍ତ୍ତୃପକ୍ଷ କୌଣସି ସ୍ପଷ୍ଟ ସୂଚନା ଦେଉନାହାନ୍ତି। ଅନ୍ୟପକ୍ଷରେ ପ୍ରବେଶିକା ପରୀକ୍ଷା (ଏଣ୍ଟ୍ରାନ୍ସ) ଓ ଆଡ୍‌ମିଶନରେ ଅନିୟମିତତା ଅଭିଯୋଗ ଆସିବା ପରେ ଭିଜିଲାନ୍ସ ପକ୍ଷରୁ ମଧ୍ୟ ତଦନ୍ତ ଚାଲିଛି। ଏପରି ସ୍ଥିତିରେ ୯୦ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଥିବାବେଳେ କଲେଜ କର୍ତ୍ତୃପକ୍ଷ ଖେଳ ଖେଳୁଥିବା ନେଇ ସେମାନେ ଅଭିଯୋଗ କରିଛନ୍ତି।

ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରେ ରହିଛି ୟୁନିଭର୍ସିଟି ଲ କଲେଜ। ୨୦୧୨ରେ ପ୍ରଥମେ ମାଷ୍ଟର ଡିଗ୍ରୀ ଅଫ୍ ଲ (ଏଲ୍ଏଲ୍ଏମ୍) କୋର୍ସ ଖୋଲିଥିଲା। ମାନବ ଅଧିକାର ଉପରେ ଏଲ୍ଏଲଏମ୍ କୋର୍ସ ପାଇଁ ୩୦ ସିଟ୍‌କୁ ୟୁଜିସି ୫ବର୍ଷିଆ ଆଫିଲିଏଶନ (ଅନୁମତି) ଦେଇଥିଲା। କିନ୍ତୁ ୨୦୧୭ରୁ ଆଫିଲିଏଶନ କଟିଯାଇଥିଲେ ମଧ୍ୟ ୨୦୧୭ -୧୮ ଓ ୨୦୧୮-୧୯ ବ୍ୟାଚ୍ ପାଇଁ ପ୍ରବେଶିକା ପରୀକ୍ଷା କରାଇ ଉତ୍ତୀର୍ଣ୍ଣ ୬୦ ଛାତ୍ରୀଛାତ୍ରଙ୍କର ଆଡ୍‌ମିଶନ କରାଯାଇଥିଲା। ପ୍ରତି ସିଟ୍ ପାଇଁ ୩୦ହଜାର ଟଙ୍କା ଲେଖାଏ ଫି ନେଇଥିଲେ କର୍ତ୍ତୃପକ୍ଷ। ସେହିପରି ୨୦୧୯ ବ୍ୟାଚ୍ ପାଇଁ ପ୍ରବେଶିକା ପରୀକ୍ଷା ଦେଇ ୩୦ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଥିଲେ। ମାତ୍ର ଆଫିଲିଏଶନ ନ ଥିବା ଓ ପ୍ରବେଶିକା ପରୀକ୍ଷାରେ କୃତୀ ଛାତ୍ରୀଛାତ୍ରଙ୍କ ଚୟନରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଭିଜିଲାନ୍ସରେ ଅଭିଯୋଗ ହୋଇଥିଲା। ଏହାପରେ କର୍ତ୍ତୃପକ୍ଷ ଆଉ ଆଡ୍‌ମିଶନ କରି ନ ଥିଲେ। ଏବେ ଏଲ୍ଏଲ୍ଏମ୍ କୋର୍ସ ପାଇଁ ଆଫିଲିଏଶନ ଦେବାକୁ କଲେଜ ପକ୍ଷରୁ ଆବେଦନ କରାଯାଇଥିଲେ ମଧ୍ୟ ୟୁଜିସି ଏହାକୁ ନାକଚ କରିଦେଇଛି। ଏପରିସ୍ଥଳେ ସମସ୍ୟା ସମାଧାନ ପାଇଁ କଲେଜ ଓ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଏନେଇ ଆଲୋଚନା ହୋଇଥିଲେ ମଧ୍ୟ ସମାଧାନର ବାଟ ବାହାରି ପାରିନାହିଁ। ଏହାଛଡ଼ା କଲେଜ ପକ୍ଷରୁ ବାର୍ କାଉନ୍‌ସିଲ ଫି ନିର୍ଦ୍ଧାରିତ ସମୟରେ ପୈଠ କରାଯାଉ ନାହିଁ। ଫଳରେ ରାଜ୍ୟ ବାହାରକୁ ଯାଇ ଓକିଲାତି କରିବା ପାଇଁ ଚାହୁଁଥିବା ଛାତ୍ରୀଛାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିସହିତ କଲେଜର ଅନ୍ୟ ବିଭାଗରେ ଆଡ୍‌ମିଶନରେ ପାତରଅନ୍ତର କରାଯାଉଥିବା ନେଇ ମଧ୍ୟ ବାରମ୍ବାର ଅଭିଯୋଗ ଉଠୁଛି।

ଜଣେ ପୂର୍ବତନ ଛାତ୍ର ଅଭିଷେକ ମହାନ୍ତି କହିଛନ୍ତି, ୨୦୧୫ରେ ଥିବା ତତ୍‌କାଳୀନ କଲେଜ ଅଧ୍ୟକ୍ଷ ଓ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ୟୁଜିସିର ନିଷ୍ପତ୍ତି ଉପରେ ଏବେ ଶେଷ ଭରସା। ଯଦି ତୁରନ୍ତ ସମସ୍ୟାର ସମାଧାନ ବାଟ ନ ବାହାରେ ତେବେ ଛାତ୍ରୀଛାତ୍ରମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ବାଣୀବିହାର ପୂର୍ବତନ ସଭାପତି ତଥା ଲ କଲେଜ ଛାତ୍ର ମହେଶ ପ୍ରସାଦ କହିଛନ୍ତି।

ଏନେଇ କଲେଜ ଅଧ୍ୟକ୍ଷା ଡ. ପ୍ରତିଭା ପଣ୍ଡାଙ୍କୁ ପଚରାରିବାରୁ ସେ କହିଲେ, ପୂର୍ବରୁ ଆଫଲିଏଶନ ପାଇଁ ଆବେଦନ କରାଯାଇ ନ ଥିଲା। ଫଳରେ ଏବେ ଅସୁବିଧା ଉପୁଜୁଛି। ଆମେ ଏ ବିଷୟରେ ବିଶ୍ୱବିଦ୍ୟାଳୟ କୁଳପତିଙ୍କ ସହ ଆଲୋଚନା କରିଛୁ। ସିଣ୍ଡିକେଟ୍‌ରେ ଏହା ଉପରେ ଶୁକ୍ରବାର ଆଲୋଚନା କରିଛନ୍ତି। ଖୁବ୍‌ଶୀଘ୍ର ୟୁଜିସି ନିକଟରୁ ଆଫିଲିଏଶନ ମିଳିବ ବୋଲି କୁଳପତି ପ୍ରତିଶ୍ରୁତି ଦେଇଥିବା ସେ କହିଛନ୍ତି।

## ଡାକୋଟା ବିମାନ ଫେରିବା ନେଇ ଏୟାରପୋର୍ଟ ଅଥରିଟି ଅଫ ଇଣ୍ଡିଆକୁ ଚିଠି ଲେଖିଲେ ସରକାର

**ଭୁବନେଶ୍ୱର,୨୧।୧(ବ୍ୟୁରୋ)**

ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଅତି ପ୍ରିୟ ସାଥୀ ଡାକୋଟା ବିମାନ ଓଡ଼ିଶା ଫେରିବ। ଏଥିପାଇଁ ରାଜ୍ୟ ସରକାର ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଏନେଇ ଏୟାରପୋର୍ଟ ଅଥରିଟି ଅଫ ଇଣ୍ଡିଆକୁ ସରକାର ଚିଠି ଲେଖିଛନ୍ତି। ବିଜୁବାବୁଙ୍କ କଳିଙ୍ଗ ଏୟାରଲାଇନ୍ସର ଡାକୋଟା ବିମାନ ଏବେ ପଶ୍ଚିମବଙ୍ଗର ନେତାଜୀ ବିମାନବନ୍ଦରରେ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ଏହାକୁ ଓଡ଼ିଶା ଫେରାଇ ଆଣିବା ସକାଶେ ଲୋକସେବା ଭବନଠାରେ ଏକ ବୈଠକ ଗତ ଗୁରୁବାର ଅନୁଷ୍ଠିତ ହୋଇଥିଲା। ବୈଠକରେ ଡାକୋଟା ଫେରାଇ ଆଣିବା ନେଇ ଏକ ପ୍ରସ୍ତାବକୁ ଅନୁମୋଦନ ମିଳିବା ପରେ ସରକାର ଡାକୋଟା ଫେରାଇ ଆଣିବାକୁ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟକୁ ଚିଠି ଲେଖାଯିବ ବୋଲି କହିଥିଲେ। ସେହି ଅନୁଯାୟୀ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ଡାକୋଟା ବିଜୁ ପଟ୍ଟନାୟକ ବିମାନବନ୍ଦରରେ ରଖାଯିବ ବୋଲି ଜଣାପଡିଛି।




ସିଫାଠାରେ ଆରମ୍ଭ ହୋଇଥିବା 'ଜିନୋମିକ୍ସ ଇନ୍ ଆକ୍ୱାକଲଚର୍' ଶୀର୍ଷକ ତୃତୀୟ ଅନ୍ତର୍ଜାତୀୟ ସମ୍ମିଳନୀରେ ଅତିଥି ଓ ଅନ୍ୟମାନେ।

## 'ଜିନୋମିକ୍ସ ଇନ୍ ଆକ୍ୱାକଲଚର୍' ସମ୍ମିଳନୀ ଉଦ୍‌ଘାଟିତ

**ବାଲକାଟୀ,୨୧।୧(ଡି.ଏନ୍.ଏ.)**

ରାଜଧାନୀ ଉପକଣ୍ଠ କୌଶଲ୍ୟାଗଙ୍ଗସ୍ଥିତ କେନ୍ଦ୍ରୀୟ ମଧୁରଜଳ କୃଷି ଗବେଷଣା କେନ୍ଦ୍ର (ସିଫା)ରେ ମଙ୍ଗଳବାର 'ଜିନୋମିକ୍ସ ଇନ୍ ଆକ୍ୱାକଲଚର୍' ଶୀର୍ଷକ ତୃତୀୟ ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ ହୋଇଯାଇଛି। ଆସୋସିଏଶନ ଅଫ୍ ଆକ୍ୱାକଲଚରିଷ୍ଟ ଏବଂ ସିଫାର ମିଳିତ ସହଯୋଗରେ ଆୟୋଜିତ ଏହି ସମ୍ମିଳନୀକୁ ମୁଖ୍ୟ ଅତିଥି ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ଡ. ସୌମେନ୍ଦ୍ର ମୋହନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଖାଦ୍ୟ ସୁରକ୍ଷା ପାଇଁ ଜିନୋମିକ୍, ରବୋଟିକ୍ ଏବଂ ବାୟୋଇନ୍‌ଫର୍‌ମ୍ୟାଟିକ୍ ଆଦି ଦିଗରେ ଗବେଷଣାର ପ୍ରମୁଖ ଭୂମିକା ରହିଛି ବୋଲି କହିଥିଲେ। ପ୍ରାରମ୍ଭରେ ଆଇସିଏଆର୍ ଏବଂ ସିଫାର ନିର୍ଦ୍ଦେଶକ ଡ. ବିନ୍ଦୁ ଆର୍ ପିଲାଇ ସିଫାରେ ଜଳକୃଷି ଉତ୍ପାଦନ ବୃଦ୍ଧିରେ ଅଣୁବିଜୀୟ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମିଳନୀ ସଙ୍ଗଠନ ସମ୍ପାଦିକା ଡ. କାନ୍ତା ଦାସମହାପାତ୍ର ଉପସ୍ଥିତ ପ୍ରତିନିଧିଙ୍କୁ ସ୍ୱାଗତ କରିବା ସହ ସୂଚନା ପ୍ରଦାନ କରିଥିଲେ। ୨୩ ଜାନୁୟାରୀ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସମ୍ମିଳନୀରେ ପଶୁ, ମତ୍ସ୍ୟ ଓ ଉଦ୍ଭିଦ ଗବେଷକଙ୍କୁ ଏକାଠି କରି ଜିନୋମିକ୍ ଗବେଷଣାକୁ ଆଗେଇ ନେବା ଏବଂ ଜ୍ଞାନର ବିନିମୟ, ବିଭିନ୍ନ କ୍ଷେତ୍ରରେ ହୋଇଥିବା ବୈଜ୍ଞାନିକ ଉନ୍ନତି, ଅନୁଧ୍ୟାନ ଏବଂ ଭାବବିନିମୟ କରାଯିବ ବୋଲି ନିର୍ଦ୍ଦେଶକ ଡ. ବି.ଆର.ପିଲାଇ ସୂଚନା ଦେଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଚିଲି ସ୍ଥିତ ଫାବେଟ୍-ଇନବାୟୋଜନେର ନିର୍ଦ୍ଦେଶକ ଡ. ଭିକ୍ଟର ମାଟିନେଜ ଯୋଗଦେଇଥିଲେ। ପ୍ଲେନାରୀ ସେସନ୍, ବାଚିନ୍କ ଓ ପୋଷ୍ଟର୍ ସେସନ ସହ ଏକ ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା। ଶେଷରେ ଆସୋସିଏଶନ ଅଫ୍ ଆକ୍ୱାକଲ୍‌ଚରିଷ୍ଟର ସାଧାରଣ ସମ୍ପାଦକ ଡ. ଶୈଳେଶ ସୌରଭ ଧନ୍ୟବାଦ ଦେଇଥିଲେ।

## ଅପରାଧୀଙ୍କୁ ସୁରକ୍ଷା ଦେଉଥିବା ନେତାଙ୍କ ବିରୋଧରେ ମୁଖ୍ୟମନ୍ତ୍ରୀ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ: ଭାଜପା

**ଭୁବନେଶ୍ୱର,୨୧।୧(ବ୍ୟୁରୋ)**

**ପରବିନ୍ଦର, ମାର୍କେଟ ବିଲ୍ଡିଂ ଗଣ୍ଡଗୋଳ ଘଟଣା**

'ଅହିଂସା' ଶବ୍ଦକୁ ସମ୍ବିଧାନର ମୁଖବନ୍ଧରେ ସ୍ଥାନିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରସ୍ତାବ ଦେଇଛନ୍ତି। ମାତ୍ର କମିଶନରେଟ ପୋଲିସ ଅଞ୍ଚଳରେ ଗୋଟିଏ ସପ୍ତାହ ଭିତରେ ବିଜେଡି ଲୋକମାନେ ଦୁଇ ଦୁଇଟି ଗଣ୍ଡଗୋଳ ଘଟାଇଛନ୍ତି। ମାର୍କେଟ ବିଲ୍ଡିଂ ଭଙ୍ଗାରୁଜା ଓ ଆକ୍ରମଣ ଘଟଣାରେ ଜଣେ ବିଧାୟକ ମୁଖ୍ୟ ଅଭିଯୁକ୍ତଙ୍କୁ ସୁରକ୍ଷା ଦେଲେ। ମାର୍କେଟ ବିଲ୍ଡିଂରୁ ବଟି ଆଦାୟ ଉଦ୍ଦେଶ୍ୟରେ ହୋଇଥିବା ଏହି ଗଣ୍ଡଗୋଳ ବିଜେଡି ଦ୍ୱାରା କରାଯାଇଥିବା ଭାଜପା ପକ୍ଷରୁ ସିଧାସଳଖ ଅଭିଯୋଗ କରାଯାଇଛି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ କହିଛନ୍ତି, ଏହି ଘଟଣାରେ ଆତଙ୍କ ଖେଳାଇଥିବା ଅପରାଧୀଙ୍କ ସହ ଜଣେ ବିଧାୟକଙ୍କ ଘନିଷ୍ଠତାର ଅନେକ ପ୍ରମାଣ ଏବେ ସୋସିଆଲ ମିଡିଆରେ ଘୁରି ବୁଲୁଛି। ସେହିପରି ଶିଖ୍ ବ୍ୟବସାୟୀ ପରବିନ୍ଦର ପାଲ ସିଂଙ୍କୁ ପୋଲିସ ସାମ୍ନାରେ କେତେଜଣ ଗୁଣ୍ଡା ମାଡ଼ମାରିଲେ । ମାତ୍ର ଶାସକ ଦଳ ନେତାଙ୍କ ଚାପରେ ପୋଲିସ ଦୁର୍ବଳ ଦଫା ଲଗାଇବାରୁ ସେମାନଙ୍କୁ ବେଲ ମିଳିଗଲା। ହଠାତ୍ ମଧ୍ୟରାତ୍ରିରେ ବିଧାୟକ ଅନନ୍ତ ନାରାୟଣ ଜେନା ଏବଂ ଖୋର୍ଦ୍ଧା ଡିଏସ୍‌ପି ଅନୁପ କାନୁନ୍‌ଗୋ ପରବିନ୍ଦର ସିଂଙ୍କ ଘରକୁ ଯାଇଥିଲେ। ସେହିପରି ଅନେକ ସମୟରେ ବିଜେଡି ନେତାଙ୍କ ନିକଟରେ ଏପରି ବିଶୃଙ୍ଖଳିତ ଆଚରଣ ଦେଖିବାକୁ ମିଳିଛି। ଯଦି ମୁଖ୍ୟମନ୍ତ୍ରୀ ସତରେ ଅହିଂସାର ସପକ୍ଷବାଦୀ ତେବେ ତୁରନ୍ତ ଏହି ଦୁଇ ସ୍ୱର୍ଶକାତର ଘଟଣାରେ ଗୁଣ୍ଡାମାନଙ୍କୁ ପ୍ରଶ୍ରୟ ଦେଉଥିବା ବିଧାୟକଙ୍କୁ ଦଳରୁ ବହିଷ୍କାର କରନ୍ତୁ ଓ ଖୋର୍ଦ୍ଧା ଡିଏସ୍‌ପିଙ୍କୁ ନିଲମ୍ବନ କରନ୍ତୁ ବୋଲି ଭାଜପା ଦାବି କରୁଛି ବୋଲି ପ୍ରଧାନ କହିଛନ୍ତି।

## ପାର୍ଲାମେଣ୍ଟ ଷ୍ଟାଣ୍ଡିଂ କମିଟିର ସୂର୍ଯ୍ୟମନ୍ଦିର ପରିଦର୍ଶନ



ପ୍ରତିନିଧି ଦଳ ସୂର୍ଯ୍ୟମନ୍ଦିର ବୁଲି ଦେଖୁଛନ୍ତି।

**କୋଣାର୍କ, ୨୧।୧(ଡି.ଏନ.ଏ)**

ପାର୍ଲାମେଣ୍ଟ ଷ୍ଟାଣ୍ଡିଂ କମିଟିର ଏକ ପ୍ରତିନିଧି ଦଳ ମଙ୍ଗଳବାର କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିଛନ୍ତି। କମିଟିର ଅଧ୍ୟକ୍ଷ ରାଜୀବ ରଞ୍ଜନ ସିଂଙ୍କ ନେତୃତ୍ୱରେ ଆସିଥିବା ଏହି ଦଳରେ ୧୬ଜଣ ସଦସ୍ୟା ସଦସ୍ୟ ସାମିଲ ଅଛନ୍ତି। ଏହି ପ୍ରତିନିଧି ଦଳ କୋଣାର୍କ ଯାତ୍ରୀନିବାସରେ ପହଞ୍ଚିବା ପରେ ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ ଏବଂ ଏନ୍ଏସି ନିର୍ବାହୀ ଅଧିକାରୀ ଏମ୍. ଶ୍ରୀନିବାସ ଗୋଲାପ ଫୁଲ ଦେଇ ସେମାନଙ୍କୁ ସ୍ୱାଗତ କରିଥିଲେ। ସୂର୍ଯ୍ୟମନ୍ଦିରର କଳା, ସଂସ୍କୃତି ଓ ଭାସ୍କର୍ଯ୍ୟ ସମ୍ପର୍କରେ ସରକାରୀ ସ୍ୱୀକୃତିପ୍ରାପ୍ତ ଗାଇଡ୍ ଆଭାସ ଚନ୍ଦ୍ର ମହାନ୍ତି ସେମାନଙ୍କୁ ଅବଗତ କରାଇଥିଲେ। ଏହି ଗସ୍ତ ସମୟରେ ଏସ୍ଆଇ ସୁପରିଣ୍ଟେଣ୍ଡେଣ୍ଟ ଅରୁଣ କୁମାର ମଲ୍ଲିକ, କୋଣାର୍କ ମ୍ୟୁଜିୟମ୍ ଅଧିକାରୀ ପ୍ରତାପ କୁମାର ନାୟକ, କୋଣାର୍କ ଏସ୍ଆଇ ଅଧିକାରୀ ନିରୋଜ ସିଂ, ଏଏସ୍ଆଇ ଭୁବନେଶ୍ୱର ମଣ୍ଡଳର ଇଞ୍ଜିନିୟର ଅନର୍ଭ ଦାସ ଏବଂ କୋଣାର୍କ ଥାନା ଅଧିକାରୀ ରଞ୍ଜନ ମଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ୨ୟ ସନ୍ଧ୍ୟାରେ ମଞ୍ଚସ୍ଥ ହେଲା 'ସନ୍ ଅଫ୍ ମଦର ଆର୍ଥ'




**ଭୁବନେଶ୍ୱର,୨୧।୧(ବ୍ୟୁରୋ)**

ଅଜିତ୍ ଥିଏଟର୍ ଗ୍ରୁପ୍ ପକ୍ଷରୁ ଏହାର ୨୦ତମ ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ ୮ମ ଜାତୀୟ ନାଟ୍ୟ ମହୋତ୍ସବର ମଙ୍ଗଳବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଏହିଅବସରରେ ସୁଦୂର ଆସାମରୁ ଆସିଥିବା ନାଟ୍ୟଦଳ ବାଡୁଙ୍ଗଦୁପା ଦ୍ୱାରା ନାଟକ 'ସନ୍ ଅଫ୍ ମଦର ଆର୍ଥ' ଭଞ୍ଜକଳା ମଣ୍ଡପ ପରିସରରେ ମଞ୍ଚସ୍ଥ ହୋଇଥିଲା। ଏହି ଲୋକପ୍ରିୟ ନାଟକର ନିର୍ଦ୍ଦେଶନା ଦେଇଥିଲେ ଶୁକ୍ରାଚାର୍ଯ୍ୟ ରାଭା। ସନ୍ଧ୍ୟାରେ ଅତିଥିଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ପୂର୍ବତନ ସଚିବ ବିଜୟ କୁମାର ଜେନା, ଲାଲା ବୀରେନ୍ ରାୟ, ଧୀରେନ୍ଦ୍ର ନାଥ ମଲ୍ଲିକ ଏବଂ ଅଭିନେତା ତଥା ନିର୍ଦ୍ଦେଶକ ଅଜିତ୍ ନାରାୟଣ ଦାସ ଯୋଗଦେଇଥିଲେ।

## ବିଜ୍ଞାନ ପ୍ରଦର୍ଶନୀ 'ଇନ୍‌ସ୍ପାୟାର' ଉଦ୍‌ଘାଟିତ

**ଭୁବନେଶ୍ୱର, ୨୧।୧(ବ୍ୟୁରୋ)**



ଭୂପେନ୍ଦ୍ର ସିଂ ପୁନିଆ ରାଜ୍ୟସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଓ ପ୍ରକଳ୍ପ ପ୍ରତିଯୋଗିତା ଉଦ୍‌ଘାଟନ କରୁଛନ୍ତି।

ରାଜ୍ୟସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଓ ପ୍ରକଳ୍ପ ପ୍ରତିଯୋଗିତା 'ଇନ୍‌ସ୍ପାୟାର' ମଙ୍ଗଳବାର ୟୁନିଟ୍-୧ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୋଟ ୧୪୪ ପ୍ରକଳ୍ପ ସ୍ଥାନ ପାଇଛି। ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂ ପୁନିଆ ଏହାକୁ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ଏଡିପି କାର୍ତ୍ତିକ ଚନ୍ଦ୍ର ଦାସ ଯୋଗଦେଇ କୁନି ପିଲାଙ୍କୁ ଭବିଷ୍ୟତରେ ଜଣେ ଜଣେ ବଡ଼ ବୈଜ୍ଞାନିକ ହେବା ପାଇଁ ଆହ୍ୱାନ ଦେଇଥିଲେ। ଖୋର୍ଦ୍ଧା ଜିଲା ଶିକ୍ଷାଧିକାରୀ ବନ୍ଦନା ମହାପାତ୍ର ଯୋଗଦେଇ ପିଲାମାନଙ୍କ ଆଚରଣ ଓ ଉଚ୍ଚାରଣ ପ୍ରତି ଧ୍ୟାନ ଦେବାକୁ ବିଜ୍ଞାନ ଶିକ୍ଷୟିତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ବ୍ଲକ୍ ଶିକ୍ଷାଧିକାରୀ ଯୋଗଦେଇ ଦୈନନ୍ଦିନ ଜୀବନର ସମସ୍ୟା ସମାଧାନରେ ବିଜ୍ଞାନ କିପରି ସାହାଯ୍ୟ କରେ ତାହା ଉପସ୍ଥାପନା କରିଥିଲେ। ୟୁନିଟ୍-୧ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ସାମନ୍ତରାୟ, କ୍ୟାପିଟାଲ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସୋନାମିକା ରାୟ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଦୀପକ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ପ୍ରସୂତି ମହିଳାଙ୍କୁ ମିଳିଲା ବମ୍ବେ ଗ୍ରୁପ୍ ରକ୍ତ

**ରାଉରକେଲାରୁ ଟ୍ରେନ୍‌ରେ ଆସି ରକ୍ତଦାନ କଲେ ରଜତ**



**ଅନୁଗୋଳ ଅଫିସ, ୨୧।୧:** ଅନୁଗୋଳ ବଇଣ୍ଡା ଅଞ୍ଚଳର ଜଣେ ପ୍ରସୂତି ମହିଳାଙ୍କୁ ମିଳିଛି ବିରଳ ବମ୍ବେ ଗ୍ରୁପ୍ ବା 'ଓଏଚ୍ ପଜେଟିଭ'(ବମ୍ବେ ଫେନୋଟାଇପ) ରକ୍ତ। ତେବେ ଏହି ରକ୍ତଦାନ ପାଇଁ ଜଣେ ବ୍ୟକ୍ତିଙ୍କୁ ରାଉରକେଲାରୁ ଟ୍ରେନ୍‌ରେ ଅନୁଗୋଳ ଆସିବାକୁ ପଡ଼ିଛି। ମଙ୍ଗଳବାର ଏହି ଘଟଣା ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି।

ସୂଚନା ଅନୁଯାୟୀ, ଜିଲା ମୁଖ୍ୟ ଚିକିତ୍ସାଳୟରେ ବଇଣ୍ଡାର ମୋନାଲିସା ବେହେରାଙ୍କ ଚିକିତ୍ସା ଚାଲିଛି। ତାଙ୍କର ବ୍ଲଡ୍ ଗ୍ରୁପ୍ 'ଓଏଚ ପଜେଟିଭ' ହୋଇଥିବାରୁ ତାହା ରକ୍ତ ଭଣ୍ଡାରରେ ନ ଥିଲା। ଏହି ଗ୍ରୁପ୍ ଅତ୍ୟନ୍ତ ବିରଳ ଓ କୋଟିଏ ମଣିଷଙ୍କ ମଧ୍ୟରୁ ଜଣଙ୍କ ଦେହରେ ଥିବାରୁ ପରିବାର ଲୋକେ ଅଧିକ ବ୍ୟସ୍ତ ହୋଇପଡ଼ିଥିଲେ। ତେବେ ବହୁ ଯୋଗଯୋଗ ପରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବଜରଙ୍ଗୀ ପ୍ରତିଷ୍ଠାନର ଅନୁରୋଧ କ୍ରମେ ରକ୍ତଦାତା ରାଉରକେଲାର ରଜତ ଏକ୍କା ଇଣ୍ଟରସିଟ୍ ଯୋଗେ ଅନୁଗୋଳ ରକ୍ତ ଭଣ୍ଡାରକୁ ଆସି ଉକ୍ତ ଗ୍ରୁପ୍‌ର ରକ୍ତ ଦାନ କରିଥିଲେ। ରଜତଙ୍କ ଏହି କାର୍ଯ୍ୟ ପାଇଁ ବଜରଙ୍ଗୀ ପ୍ରତିଷ୍ଠାନର ସଦସ୍ୟ ଲିପୁନ ବାରିକ, ଟିଙ୍କୁନ ପ୍ରଧାନ, ଶିବାଶିଷ କର, ସାମାଜିକ କର୍ମୀ ଯୋଗେନ୍ଦ୍ର କୃତଜ୍ଞତା ଜଣାଇଛନ୍ତି।



ଯଦି ଭଗବାନ ନାହାନ୍ତି ବୋଲି କେହି ଭାବୁଥାନ୍ତି,
ତଥାପି ତାଙ୍କୁ ଖୋଜି ବାହାର କରିବାକୁ ପଡ଼ିବା।
- ଭଲ୍‌ଟାୟାର



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ସିଫା ପକ୍ଷରୁ ଅନ୍ତର୍ଜାତୀୟ ଆଲୋଚନାଚକ୍ର, ଭି.ଜି.ଝିଙ୍ଗରାନ ଅଡିଟୋରିୟମ, ସିଫା, କୌଶଲ୍ୟାଗଙ୍ଗ, ପୂର୍ବାହ୍ନ ୧୦ଟା।
- ଓୟୁଏଟି ପକ୍ଷରୁ କପା ଉତ୍ପାଦନ ସମ୍ମିଳନୀ, ଡ.ଏମ.ଏସ. ସ୍ୱାମିନାଥନ କନଫରେନ୍ସ ହଲ, ଓୟୁଏଟି, ପୂର୍ବାହ୍ନ ୧୦ଟା ୩୦।
- ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ୍ ଫର ଓମେନ ଇନ ଏଗ୍ରିକଲଚର ପକ୍ଷରୁ ଇଣ୍ଟରଫେସ ମିଟ୍, ଆଇସିଏଆର କ୍ୟାମ୍ପସ, ପୂର୍ବାହ୍ନ ୧୦ଟା ୩୦।
- ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକ ପକ୍ଷରୁ ରାଜ୍ୟସ୍ତରୀୟ ସମ୍ମେଳନ, ଫରୱାର୍ଡ ବ୍ଲକ ପାର୍ଟି ଅଫିସ, ଭିଆର-୫୦, ୟୁନିଟ-୬, ପୂର୍ବାହ୍ନ ୧୧ଟା ୩୦।
- ଫଟୋଗ୍ରାଫି ପ୍ରଦର୍ଶନୀ, ଲଳିତ କଳା ଏକାଡେମୀ, ରିଜିଓନାଲ ସେଣ୍ଟର, ପୂର୍ବାହ୍ନ ୧୧ଟାରୁ ସନ୍ଧ୍ୟା ୭ଟା।
- ଅଜିତ ନାଟ୍ୟ ମହୋତ୍ସବ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୪୫।

**କଟକ**

- ଲୋକସେବକ ମଣ୍ଡଳ ଓ ସମାଜ ପରିବାର ପକ୍ଷରୁ ଶତବାର୍ଷିକ ସାଂସ୍କୃତିକ ସମାରୋହ, ବାଲିଯାତ୍ରା ଉପର ପଡ଼ିଆ, କଟକ, ସନ୍ଧ୍ୟା ୬ଟା।

**ପୁରୀ**

- ଶ୍ରୀକ୍ଷେତ୍ର ଯୁବ ମହୋତ୍ସବ, ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସନ୍ଧ୍ୟା ୬ଟା।

# କାର ସହ ୪୮.୪୦୦ କି.ଗ୍ରା. ଗଞ୍ଜେଇ ଜବତ

## ଡ୍ରାଇଭର ସମେତ ୩ ଜେଲ ଗଲେ





**ଖୋର୍ଦ୍ଧା ଅଫିସ/କଟକରୋଡ, ୨୧।୧(ଡି.ଏନ୍.ଏ.):** ଖୋର୍ଦ୍ଧା ଓ ଭୁବନେଶ୍ୱର ଅବକାରୀ ମୋବାଇଲ ସ୍କ୍ୱାଡ ପକ୍ଷରୁ ଖୋର୍ଦ୍ଧା ପୋଲିସ ଜିଲା ଜଙ୍କିଆ ଥାନା ଅନ୍ତର୍ଗତ ଗୋଡିପଡା ଛକରୁ ମଙ୍ଗଳବାର ଭୋର ୬ଟା ସମୟରେ କାର ସହ ୪୮ କେଜି ୪୦୦ ଗ୍ରାମ ଗଞ୍ଜେଇ ଜବତ ହୋଇଛି। ଏହି ଘଟଣାରେ ଅବକାରୀ ମୋବାଇଲ ସ୍କ୍ୱାଡ ପକ୍ଷରୁ ୧୬୦/୨୦୨୦ରେ ମାମଲା ରୁଜୁ କରାଯାଇ ୩ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ କାର ଡ୍ରାଇଭର ବାଲିଅନ୍ତା ଥାନା ଭିଙ୍ଗାରପୁର ଗାଁର କାହ୍ନୁ ଚରଣ ପାଲ(୨୮), ବିହାର ଭୋଜପୁର ଜିଲା ଆରାହା ଥାନା ମାଛୁଆଟୋଲି ଗାଁର ଅନୁପ କୁମାର(୨୫) ଓ ବାଲିଅନ୍ତା ଥାନା ଅଣ୍ଡିକୋ ଗାଁର ସୁରେଶ ଚନ୍ଦ୍ର ନାୟକ(୩୦)ଙ୍କୁ ଜେଲ ଯିବାକୁ ପଡ଼ିଛି। ତେବେ ସୁରେଶ ଅନୁଗୁଳର ଚଣ୍ଡିଆପଡା ଥାନା କୋନାଲଇରେ ରହୁଥିଲେ। ଓଆର୦୫ ଏପି୬୩୩୯ ନଂ କାର ଯୋଗେ ଗଞ୍ଜେଇ ବିହାରରୁ ଭୋଜପୁର ଭୁବନେଶ୍ୱର ଦେଇ କୋରାପୁଟ ଯିବାର ଥିଲା। ଚଢ଼ାଉରେ ଇନସପେକ୍ଟର ପି.କେ. ସେଠୀ, ଏସଆଇ ଏଚ୍. ସାମନ୍ତ, ଏଏସଆଇ ଏସ୍. ମୁଦୁଲିଙ୍କ ସମେତ ଅନ୍ୟମାନେ ସାମିଲ ଥିଲେ।

# ୩୦ରେ ରାଜଧାନୀରେ ସିଏଏ, ଏନ୍‌ପିଆର୍ ବିରୋଧୀ ଅଭିଯାନ

## କଂଗ୍ରେସ ସମର୍ଥନ ଦେବ

**ଭୁବନେଶ୍ୱର,୨୧।୧(ବ୍ୟୁରୋ):** 'ଆମେ ଭାରତବାସୀ' ଆନୁକୂଲ୍ୟରେ ଆସନ୍ତା ୩୦ ତାରିଖରେ ସ୍ଥାନୀୟ ଲୋୟର ପିଏମ୍‌ଜିଠାରେ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ), ଜାତୀୟ ଜନସଂଖ୍ୟା ପଞ୍ଜିକା (ଏନ୍‌ପିଆର) ପ୍ରତ୍ୟାହାର ଦାବିରେ ଅଭିଯାନ ଅନୁଷ୍ଠିତ ହେବ। ଏହି 'ସମ୍ବିଧାନ ବଞ୍ଚାଅ- ଦେଶ ବଞ୍ଚାଅ' ଅଭିଯାନକୁ କଂଗ୍ରେସ ସମର୍ଥନ କରିବ ବୋଲି ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଘୋଷଣା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ରାଜ୍ୟର ସମସ୍ତ କଂଗ୍ରେସ ନେତୃବୃନ୍ଦ ଏବଂ କର୍ମୀ ବହୁସଂଖ୍ୟାରେ ଯୋଗଦେବା ଲାଗି ନିରଞ୍ଜନ ନିବେଦନ କରିଛନ୍ତି।

# ସଜେଇ ହେଉଛି ଜନଜାତି ଗାଁ

**ଭୁବନେଶ୍ୱର,୨୧।୧(ବ୍ୟୁରୋ)**



ଫଟୋ: ବିକାଶ ନାୟକ



ଚାଳ ଛପର ଘର, ଗୋବରରେ ଲିପା ମାଟି କାନ୍ଥ ଓ ତା' ଉପରେ ଅଙ୍କା ଯାଇଥିବା ଆକର୍ଷଣୀୟ ଝୋଟି। ରାଜଧାନୀ ଭୁବନେଶ୍ୱରରେ ଦେଖିବାକୁ ମିଳିବ ଆଦିବାସୀ ସଂସ୍କୃତିର ଝଲକ। ଗାଁ ମାଟିର ବାସ୍ନାରେ ମହକିବ ପରିବେଶ। ସ୍ମାର୍ଟ ସିଟିର ହାର୍ଟ ଉପରେ ଗଢ଼ିଉଠିବ ଜନଜାତି ଗାଁ। ସକାଳ ହେଲେ କୁଡ଼ିଆ ଘର ଆଗରେ ଝୋଟି ଚିତା ଓ ସନ୍ଧ୍ୟା ହେଲେ ଘଣ୍ଟ ହୁଳହୁଳିରେ ସମଗ୍ର ପରିବେଶ ପ୍ରକମ୍ପିତ ହେବ। ସହରବାସୀଙ୍କ ପାଖରେ ଆଦିବାସୀଙ୍କ ନୃତ୍ୟ, ସଙ୍ଗୀତ ତଥା କଳା, ସଂସ୍କୃତିକୁ ପହଞ୍ଚାଇବା ଲକ୍ଷ୍ୟରେ ଆସନ୍ତା ୨୬ ତାରିଖରୁ ରାଜଧାନୀରେ ଆରମ୍ଭ ହେବ ଆଦିବାସୀ ମେଳା। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଆନୁକୂଲ୍ୟରେ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆଠାରେ ଆୟୋଜିତ ହେବାକୁ ଥିବା ଏହି ମେଳାରେ ସହରୀ ଓ ଆଦିବାସୀ ସଂସ୍କୃତିର ମହାମିଳନ ଘଟିବ।

ସଉରା, କୁଟିଆ କନ୍ଧ, ମାଟିଆ, ଓରାମ୍, ମୁଣ୍ଡା, ଖଡ଼ିଆ, କିଷାନ, ହୋ, ସାଉଥି, ପାଉଡ଼ି ଭୂୟାଁ, ମାଙ୍କେଡ଼ିଆ ପ୍ରମୁଖ ଜନଜାତିଙ୍କ ଘର ଏହି ମେଳାର ପ୍ରମୁଖ ଆକର୍ଷଣ ସାଜିବ। ସିମେଣ୍ଟ କି କଂକ୍ରିଟରେ ନୁହେଁ, ବରଂ ମାଟି, ଝାଟି ଓ ବାଉଁଶରେ ତିଆରି ହେଉଛି ସମସ୍ତ ଘର। ଘରଗୁଡ଼ିକର କାନ୍ଥ ବାଉଁଶ, ବେତରେ ହେବା ପରେ ଏଥିରେ ମାଟି ଲେପ ଦିଆଯାଉଛି। ବିଭିନ୍ନ ଜିଲାରୁ ଆସିଥିବା ଜନଜାତି ମହିଳାମାନେ ମାଟି ଚକଟି କାନ୍ଥରେ ଲେପ ଦେଉଥିବାବେଳେ ପୁରୁଷମାନେ ଘର ଛପର କରିବା ପାଇଁ ପ୍ରସ୍ତୁତି ଚଳାଇଛନ୍ତି। କନ୍ଧ ଜନଜାତିଙ୍କ ଘର କାଠପଟାରେ ତିଆରି ହେଉଥିବାବେଳେ ଅନ୍ୟ ଜନଜାତିଙ୍କ ଘର ବାଉଁଶରେ ନିର୍ମିତ ହେଉଛି। ପୂର୍ବପୁରୁଷମାନେ ଯେପରି ଶିଖାଇଯାଇଛନ୍ତି ସେହି ଅନୁସାରେ ସେମାନେ ଆଜି ଘର କରୁଛନ୍ତି। ଘର ତିଆରି ପରେ ବାଉଁଶ ପାଡିଆରେ ଏହାର ଚାରିପାଖକୁ ଘେରାଯାଉଛି। ଘର ଭିତରେ ଭାଡ଼ି କରି ତାହା ଉପରେ ଶୋଇବା, ବାସଭବନ ସମ୍ମୁଖରେ କୁଳଦେବତାଙ୍କୁ ରଖି ପୂଜା କରିବା ପାଇଁ ପ୍ରସ୍ତୁତି ଚାଲିଛି। ସମ୍ପୂର୍ଣ୍ଣ ଆଦିବାସୀ ଚାଲିଚଳଣିର ଝଲକ ଯେପରି ସହରୀ ଲୋକ ଦେଖିପାରିବେ ତାହାକୁ ନଜରରେ ରଖି ସେମାନେ ଶେଷ ସ୍ପର୍ଶ ଦେଉଛନ୍ତି।

## ସ୍ମାର୍ଟ ସିଟିରେ ଢିଙ୍କିଶାଳ, କୁକୁଡ଼ା ଭାଡ଼ି

ବର୍ତ୍ତମାନ ସମୟରେ ଲୋପ ପାଇଯାଉଥିବା ଢିଙ୍କିଶାଳକୁ ଦେଖିବାକୁ ମିଳିବ ଆଦିବାସୀ ମେଳାରେ। ମେଳା ପରିସରରେ ହେଉଥିବା ଜନଜାତିଙ୍କ ବାସଗୃହ ନିକଟରେ ଢିଙ୍କିଶାଳ ଲାଗି ସ୍ୱତନ୍ତ୍ର ଘର କରାଯାଇଛି। ଓରାମ, କିଷାନ ଆଦି ଜନଜାତିର ଲୋକେ ଏହାକୁ ପ୍ରସ୍ତୁତ କରୁଛନ୍ତି। ଏହାସହ ଦାଣ୍ଡକୁ ଲାଗି ଘର ଅଗଣା ମଧ ପ୍ରସ୍ତୁତ ହେଉଛି। ଜନଜାତିମାନେ ନିଜ ନିଜ ପୋଷା କୁକୁଡ଼ା ରଖିବା ଲାଗି ବାସଗୃହର ଚଟାଣ ତଳେ ଭାଡ଼ି ତଥା ସୁଡ଼ଙ୍ଗ କରୁଛନ୍ତି। ଅଧିକାଂଶ ଜନଜାତିଙ୍କ ଘରେ ଏଭଳି ସୁଡ଼ଙ୍ଗ ଘର ଦେଖିବାକୁ ମିଳୁଛି। ସେହିପରି ଗୋରୁ, ଗାଈ, ଛେଳି, ମେଣ୍ଢା, ବତକ ଆଦି ରହିବା ପାଇଁ ମଧ ବ୍ୟବସ୍ଥା ହୋଇଛି। ଅନ୍ୟପକ୍ଷରେ ଫେବୃୟାରୀ ୯ ପର୍ଯ୍ୟନ୍ତ ଚାଲିବାକୁ ଥିବା ମେଳାରେ ଏଥର ୮ ବିଭାଗ ରହିବ। ଆଦିବାସୀ ହାଟରେ ଥିବା ସ୍ୱତନ୍ତ୍ର ଷ୍ଟଲ୍‌ରେ ଆଦିବାସୀ ଅଞ୍ଚଳରେ ମିଳୁଥିବା ଜଙ୍ଗଲଜାତ ଦ୍ରବ୍ୟର ବିକ୍ରିବଟା ହେବ। କେନ୍ଦୁଝର ବଡ଼ି, ଦାରିଙ୍ଗବାଡ଼ିର ହଳଦୀ ଓ ଅଦା, ମାଣ୍ଡିଆ, ମୁଗ, ବିରି, ବାସ୍ନା ଚାଉଳ, ମହୁ, ଝୁଣା, ଝାଡୁ, ପାଲୁଅ ଆଦି ସୁଲଭ ଦରରେ ଗ୍ରାହକ ଏଠାରୁ କିଣିପାରିବେ।

# ଅରୁଣା ମହାନ୍ତିଙ୍କୁ 'ନାଟ୍ୟ କଳାସାରଥି ସମ୍ମାନ'

**ଭୁବନେଶ୍ୱର,୨୧।୧(ବ୍ୟୁରୋ)**

ଚେନ୍ନାଇସ୍ଥିତ ବହୁ ପୁରାତନ କର୍ନାଟକୀ ସଭା 'ପାର୍ଥସାରଥି ସ୍ୱାମୀ ସଭା' ପକ୍ଷରୁ ଓଡ଼ିଶୀ ନୃତ୍ୟଗୁରୁ ଅରୁଣା ମହାନ୍ତିଙ୍କୁ ସମ୍ମାନଜନକ 'ନାଟ୍ୟ କଳାସାରଥି ସମ୍ମାନ' ପ୍ରଦାନ କରାଯାଇଛି। ପ୍ରତିବର୍ଷ କଳା କ୍ଷେତ୍ରରେ ଉତ୍କର୍ଷ ଲାଗି ପ୍ରଦାନ କରାଯାଉଥିବା ଏହି ସମ୍ମାନ ଚଳିତବର୍ଷ ଓଡ଼ିଶା ଡ୍ୟାନ୍ସ ଏକାଡେମୀର କ୍ରିଏଟିଭ୍ ଡାଇରେକ୍ଟର ତଥା ଓଡ଼ିଶୀ ନୃତ୍ୟଶିଳ୍ପୀ ଅରୁଣା ମହାନ୍ତି ଏବଂ ପ୍ରସିଦ୍ଧ ଭାରତନାଟ୍ୟମ୍ ଶିଳ୍ପୀ ଡ. ଲକ୍ଷ୍ମୀ ରାମାସ୍ୱାମୀଙ୍କୁ ପ୍ରଦାନ କରାଯାଇଛି। ଗତ ୧୯ ତାରିଖରେ ଚେନ୍ନାଇର ନାରଦ ଗଣସଭା ହଲ୍‌ରେ ଅନୁଷ୍ଠିତ ଭାରତ ନୃତ୍ୟ ଉତ୍ସବର ଉଦ୍‌ଘାଟନୀ ସନ୍ଧ୍ୟାରେ ଏହି ସମ୍ମାନ ପ୍ରଦାନ କରାଯାଇଥିଲା।




ଅତିଥିମାନେ ଓଡ଼ିଶୀ ନୃତ୍ୟଗୁରୁ ଅରୁଣା ମହାନ୍ତିଙ୍କୁ 'ନାଟ୍ୟ କଳାସାରଥି ସମ୍ମାନ' ପ୍ରଦାନ କରୁଛନ୍ତି।

**ଇଏ ମୋ ବୃତ୍ତି...**

# ଦିବ୍ୟାଙ୍ଗ ହୋଇ ବି ସକ୍ଷମ

ପେଟ ପୋଷେ ପରିଶ୍ରମ। ଭିନ୍ନ ଭିନ୍ନ ପରିଶ୍ରମକୁ ନେଇ ମଣିଷ ଏହାର ନାଁ ଦେଇଛି ବୃତ୍ତି। କୁଟୁମ୍ବ ପୋଷିବା ପାଇଁ ମଣିଷ ଏକ ବୃତ୍ତିରେ ବାନ୍ଧି ହୋଇ ରହେ। ସହରରେ ବୃତ୍ତିକୁ ଆବୋରି ବଞ୍ଚୁଥିବା ମଣିଷମାନଙ୍କ କାହାଣୀକୁ ନେଇ ଆମର ଏହି ସ୍ୱତନ୍ତ୍ର ସ୍ତମ୍ଭ...

**କଟକ ଅଫିସ, ୨୧।୧**



ରିପୋର୍ଟ: ଅଶୋକ କୁମାର ବାରିକ

ସନ୍ତୋଷ କୁମାର ସାହୁ। ଘର ବାରଙ୍ଗ ବ୍ଲକ ଅଧୀନ ବେଲଗଛିଆ ଗ୍ରାମରେ। ଚତୁର୍ଥ ଶ୍ରେଣୀରେ ପଢୁଥିବାବେଳେ ତାଙ୍କର ଦୁଇଟି ଗୋଡ ପୋଲିଓରେ ଆକ୍ରାନ୍ତ ହୋଇଥିଲା। ପାଠପଢାରେ ଆଗ୍ରହ ଥିବାବେଳେ ସେ ବହୁ କଷ୍ଟରେ ଦଶମ ପାସ୍ କରିଥିଲେ। ହେଲେ ଆର୍ଥିକ ସମସ୍ୟା ଯୋଗୁ ସେ ଆଗକୁ ପଢିପାରିଲେ ନାହିଁ। ବାପା ବାଉରିବନ୍ଧୁ ସାହୁଙ୍କ ଫଳ ବ୍ୟବସାୟ ଥିଲା। ସେଥିରୁ ଯାହା ରୋଜଗାର ହୁଏ ପରିବାର ଚଳିଥାଏ। ବାପାଙ୍କୁ ସବୁବେଳେ ନିରୀକ୍ଷଣ କରନ୍ତି ସନ୍ତୋଷ। ସେ ଶାରୀରିକ ସ୍ତରରେ ଅକ୍ଷମ ହୋଇଥିଲେ ମଧ ମାନସିକ ସ୍ତରରେ କେବେ ହାର ମାନି ନ ଥିଲେ। ନିଜ ଗାଁ ଛକଠାରେ ଏକ ଜଳଖିଆ ଦୋକାନ କରି ନିଜର ବ୍ୟବସାୟ ଆରମ୍ଭ କଲେ। ମାତ୍ର କିଛିବର୍ଷ ପରେ ରାସ୍ତାର ସମ୍ପ୍ରସାରଣ ଯୋଗୁ ସନ୍ତୋଷଙ୍କ ଜଳଖିଆ ଦୋକାନ ବନ୍ଦ ହୋଇଗଲା। ନିଜର ଅସୁବିଧା ସମ୍ପର୍କରେ ସରପଞ୍ଚଙ୍କଠାରୁ ଆରମ୍ଭକରି ବିଡିଓଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଜଣାଇଥିଲେ ମଧ କୌଣସି ସୁଫଳ ମିଳି ନ ଥିଲା। ଏହା ଭିତରେ ସନ୍ତୋଷଙ୍କ ବିବାହ ହୋଇଗଲା। ସ୍ତ୍ରୀ ରେବତୀ ସାହୁ ସନ୍ତୋଷଙ୍କୁ ଫଳ ବ୍ୟବସାୟ କରିବାକୁ ପରାମର୍ଶ ଦେଇଥିଲେ। ଏଥିପାଇଁ ଏକ ମୋଟରଗାଡିର ଆବଶ୍ୟକ। ତେଣୁ ସେ ଏକ ମୋଟରଗାଡିକୁ ଋଣରେ ଆଣିଥିଲେ। ମାସକୁ ମାସ ନିଜର ରୋଜଗାରରୁ କିଛି ଟଙ୍କା ସେ କିସ୍ତି ଆକାରରେ ଶୁଝୁଛନ୍ତି। ଦୁଇପୁଅ ସତ୍ୟରଞ୍ଜନ ଓ ରଶ୍ମିରଞ୍ଜନଙ୍କ ପାଠପଢା ଖର୍ଚ୍ଚ ସେ ଏହି ଫଳ ବ୍ୟବସାୟରୁ ତୁଲାଉଥିବା ସନ୍ତୋଷ କହିଥିଲେ। ମଧୁପାଟଣା ଟ୍ରାଫିକ ଛକ ନିକଟରେ ପ୍ରତିଦିନ ସକାଳ ୯ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ସେ ଫଳ ବ୍ୟବସାୟ କରନ୍ତି। ବ୍ୟବସାୟରେ ଛତ୍ରବଜାରର ଫଳ ଗୋଦାମର ମାଲିକମାନେ ତାଙ୍କୁ ସାହାଯ୍ୟ କରୁଛନ୍ତି ବୋଲି ସନ୍ତୋଷ କହିଥିଲେ।

### ଏମାନେ କ'ଣ କୁହନ୍ତି...



ଅଫିସରୁ କାମ ସାରି ଫେରିବାବେଳେ ସନ୍ତୋଷ ଭାଇଙ୍କ ଠାରୁ କିଛି ଫଳ କିଣି ଘରକୁ ନେଇଥାଏ। ସେ ଜଣେ ବ୍ୟବସାୟୀ ସହିତ ଭଲ ମଣିଷ।

- ଭବାନୀ ଶଙ୍କର ଦାସ, ଗ୍ରାହକ



ଅନେକ ବ୍ୟବସାୟୀ ଅଧିକ ଲାଭ ପାଇବା ଆଶାରେ ଉପଯୁକ୍ତ ମୂଲ୍ୟଠାରୁ ଅଧିକ ଦରରେ ଫଳ ବିକ୍ରି କରିଥାନ୍ତି। ମାତ୍ର ସନ୍ତୋଷ ସବୁବେଳେ ଠିକ୍ ଦରରେ ବିକ୍ରି କରନ୍ତି। ସେଥିପାଇଁ ଅନ୍ୟ ବ୍ୟବସାୟୀଙ୍କ ଅପେକ୍ଷା ତାଙ୍କ ପାଖକୁ ବହୁତ ଗ୍ରାହକ ଆସିଥାନ୍ତି।

- ରାମଚନ୍ଦ୍ର ରାଉଳ, ସ୍ଥାନୀୟ ବାସିନ୍ଦା

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



ସରୋଜିନୀ



ରାଜେଶ



ଭାଗ୍ୟରଥୀ



ପବିତ୍ର



ଦେବାଶିଷ



ଶିବୁନ୍

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ବୁଧବାର, ଜାନୁୟାରୀ ୨୨/୨୦୨୦ Bhubaneswar, Wednesday, January 22/2020

# ଗ୍ୟାଙ୍ଗଷ୍ଟର ସକିଲ ଗ୍ୟାଙ୍ଗ୍‌ରେ ଛାତ୍ର

**କଟକ ଅଫିସ, ୨୧।୧:** ଗ୍ୟାଙ୍ଗଷ୍ଟର ମହମ୍ମଦ ସକିଲ୍‌ଙ୍କୁ ନେଇ ଆଉ ଏକ ଚାଞ୍ଚଲ୍ୟକର କଥା ପଦାକୁ ଆସିଛି। ସକିଲ ଗ୍ୟାଙ୍ଗରେ ସାମିଲ ଅଛନ୍ତି ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଛାତ୍ର ଓ ନାବାଳକ। ସକିଲ ଜେଲ୍‌ରେ ଥାଇ ବ୍ୟବସାୟୀଙ୍କୁ ଦାଦାବଟି ମାଗିବା ଘଟଣାରେ ଦରଘାବଜାର ପୋଲିସ ମଙ୍ଗଳବାର ୨ଜଣଙ୍କୁ କାବୁ କରିଛି। ସେମାନଙ୍କ ମଧ୍ୟରୁ ଜଗତ୍‌ସିଂହପୁର ଜିଲା ଚର୍ଚ୍ଚିକାବଜାର ଅଞ୍ଚଳର ଶିବପ୍ରସାଦ ଖଟୁଆ(୨୨)ଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିବାବେଳେ ମଙ୍ଗଳାବାଗ ଥାନା କେଶରପୁରର ଜଣେ ୧୭ ବର୍ଷୀୟ ନାବାଳକଙ୍କୁ ବାଳସୁଧାର ଗୃହକୁ ପଠାଇ ଦେଇଛି। ଶିବପ୍ରସାଦ ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ଯୁକ୍ତ ୩ ଶେଷ ବର୍ଷରେ ପାଠ ପଢୁଥିବା ପୋଲିସ ସୂଚନା ଦେଇଛି। ଶିବପ୍ରସାଦ ମଙ୍ଗଳାବାଗ ଥାନା ଅନ୍ତର୍ଗତ ମାତାମଠ ବିଏସ୍‌ଏନ୍‌ଏଲ୍ କଲୋନୀରେ ରହୁଥିଲେ। ସେ ସକିଲଙ୍କ ଆପରାଧିକ ସାମ୍ରାଜ୍ୟର ଜଣେ ପ୍ରମୁଖ ସହଯୋଗୀ ଥିବା ପୋଲିସ କହିଛି। ପୂର୍ବରୁ ସକିଲଙ୍କ ଗ୍ୟାଙ୍ଗରେ ସମ୍ପୃକ୍ତ ଥିବା ୨ଜଣ ଉଚ୍ଚଶିକ୍ଷିତା ଯୁବତୀଙ୍କୁ ପୋଲିସ ଗିରଫ କରିଥିବାବେଳେ ଏବେ ଜଣେ ବିଶ୍ୱବିଦ୍ୟାଳୟ ଛାତ୍ର ଓ ନାବାଳକଙ୍କୁ ପୋଲିସ ଗିରଫ କରିବା ସହରରେ ଆଲୋଡନ ସୃଷ୍ଟି କରିଛି। ଉଚ୍ଚଶିକ୍ଷିତା ଯୁବତୀଯୁବକ ଅର୍ଥ ଓ କ୍ଷମତା ପାଇବା ଆଶାରେ ଯେପରି ଭାବେ ଅପରାଧୀଙ୍କ ସହ ହାତ ମିଳାଉଛନ୍ତି ତାହା ଏବେ ଚିନ୍ତାର ବିଷୟ ପାଲଟିଛି। ତେବେ ସକିଲ ଗ୍ୟାଙ୍ଗରେ ଆଉ ୨ଜଣ ଛାତ୍ରଙ୍କ ସମ୍ପୃକ୍ତି ରହିଛି। ସେମାନଙ୍କ ଉପରେ ପୋଲିସ କଡା ନଜର ରଖିଥିବା ନେଇ ଜଣେ ପୋଲିସ ଅଫିସର ନାମ ଗୋପନ ରଖି କହିଛନ୍ତି।

ଅଭିଯୋଗ ଅନୁଯାୟୀ, ଗତ ଡିସେମ୍ବର ୧୨ ତାରିଖରେ ବକ୍ସିବଜାରସ୍ଥିତ ଆନନ୍ଦ ଷ୍ଟୋର୍ସର ମାଲିକ ଯୋଗେଶ ଅଗ୍ରୱାଲଙ୍କୁ ଏକ ଧମକପୂର୍ଣ୍ଣ କଲ୍ ଆସିଥିଲା। ଯୋଗେଶ ବରାହୀ ଲେନ୍‌ରେ ଏକ ଜାଗା କିଣିଥିବାବେଳେ ଏଥିପାଇଁ ଚୌଦ୍ୱାର ଜେଲରେ ଥିବା ଗ୍ୟାଙ୍ଗଷ୍ଟର ସକିଲ ଫୋନ କରି ତାଙ୍କୁ ୧୦ଲକ୍ଷ ଟଙ୍କା ଦାଦାବଟି ମାଗିଥିଲେ। ପରେ ସକିଲ୍‌ଙ୍କ ସହଯୋଗୀମାନେ ସେଠାରେ ପହଞ୍ଚି ଯୋଗେଶଙ୍କୁ ବନ୍ଧୁକ ଦେଖାଇ ଧମକ ଦେଇଥିଲେ। ଏ ନେଇ ଯୋଗେଶ ଦରଘାବଜାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୧୬/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ପୋଲିସ ପୂର୍ବରୁ ସକିଲଙ୍କ ବାପା, ଭାଇ ଓ ଦୁଇ ବାନ୍ଧବୀଙ୍କ ସମେତ ୯ ଜଣଙ୍କୁ ଗିରଫ କରିଥିଲା।




# ଧରାପଡ଼ିଲା ବାଂଲାଦେଶୀ ସେକ୍ସ ର୍‍ୟାକେଟ

- ପିପିଲି ନିକଟରୁ କିଙ୍ଗ୍‌ପିନ୍ ଅଞ୍ଜଳି ଦିଦି, ସ୍ୱାମୀ ସେକ୍ ଇବ୍ରାହିମ୍ ଗିରଫ
- ଭୁବନେଶ୍ୱରରେ ଭଡ଼ାରେ ରହୁଥିବା ୬ ରୂପଜୀବୀ ଧରାହେଲେ
- ଆପତ୍ତିଜନକ ସାମଗ୍ରୀ ଜବତ କରିବା ସହ ଘର ସିଲ୍
- ପୋଲିସ ଅଧାଛାଡ଼ିଲା, ଏସ୍‌ଟିଏଫ୍ ପର୍ଦ୍ଦାଫାଶ କଲା





ଧରାପଡ଼ିଥିବା ବାଂଲାଦେଶୀ ରୂପଜୀବୀ



ରହୁଥିବା ଭଡ଼ାଘର ଭିତରର ଦୃଶ୍ୟ।



ପର୍ନ ସାଇଟ୍‌ରେ ଥିବା ରୂପଜୀବୀଙ୍କ ଫଟୋ

**ଭୁବନେଶ୍ୱର,୨୧।୧(ବ୍ୟୁରୋ)**

ଓଡ଼ିଶାରେ କାୟା ମେଲିଛି ବାଂଲାଦେଶୀ ସେକ୍ସ ର୍‍ୟାକେଟ। କିଛିଦିନ ତଳେ ଧରାପଡ଼ିଥିବା ଜଣେ ବାଂଲାଦେଶୀ ରୂପଜୀବୀଙ୍କଠାରୁ ସୁରାକ ମିଳିଥିଲା। ତାଙ୍କୁ କୋର୍ଟଚାଲାଣ କରିବା ପରେ ଚୁପ୍ ବସିଥିଲା କମିଶନରେଟ ପୋଲିସ। ହେଲେ ମଙ୍ଗଳବାର କିଙ୍ଗ୍‌ପିନ୍ କୁହାଯାଉଥିବା ବାଂଲାଦେଶୀ ଦମ୍ପତି ଅଞ୍ଜଳି ଦିଦି ଓ ତାଙ୍କ ସ୍ୱାମୀ ସେକ୍ ଇବ୍ରାହିମ୍ ଖାନ୍‌ଙ୍କୁ ଗିରଫ କରି ପୂରା ର୍‍ୟାକେଟର ପର୍ଦ୍ଦାଫାଶ କରିଛି କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍। ଏଥିସହ ସେମାନେ ନିୟୋଜିତ କରିଥିବା ୬ଜଣ ରୂପଜୀବୀଙ୍କୁ ଧରି ର୍‍ୟାକେଟର ଚେର ଖୋଜୁଛି। ଇତିମଧ୍ୟରେ ଏସ୍‌ଟିଏଫ୍‌କୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଥିବା ଜଣାପଡିଛି।

ମିଳିଥିବା ସୂଚନାନୁସାରେ, ସେକ୍ସ ର୍‍ୟାକେଟର କିଙ୍ଗ୍‌ପିନ୍ ଅଞ୍ଜଳି ଓ ଇବ୍ରାହିମ୍‌ଙ୍କ ସମ୍ପର୍କରେ ସୁରାକ ମିଳିବା ପରେ ତାଙ୍କୁ ଧରିବାକୁ ଯୋଜନା କରିଥିଲା ଏସ୍‌ଟିଏଫ୍। ଏକ ସ୍ୱତନ୍ତ୍ର ଟିମ୍ ମଙ୍ଗଳବାର ପିପିଲି ନିକଟରେ ଚଢ଼ାଉ କରି ସେମାନଙ୍କୁ ଧରିବା ପରେ ଏସ୍‌ଟିଏଫ୍ କାର୍ଯ୍ୟାଳୟକୁ ଅଣାଯାଇ ପଚରାଉଚରା କରାଯାଇଥିଲା। ସେମାନେ ବାଂଲାଦେଶରୁ ଏକାଧିକ ଯୁବତୀଙ୍କୁ ଆଣି ଏଠାରେ ଦେହ ବ୍ୟବସାୟରେ ଲଗାଉଥିଲେ। ପୁରୁଣା ଭୁବନେଶ୍ୱର ରଥରୋଡ଼୍‌ରେ ଏକ ଘର ଭଡ଼ା ନେଇ ରୂପଜୀବୀମାନେ ରହୁଥିବା ସେମାନେ କହିବା ପରେ ଏସ୍‌ଟିଏଫ୍ ଟିମ୍ ଅପରାହ୍ନ ପ୍ରାୟ ୫ଟାରେ ସେଠାରେ ଚଢାଉ କରି ୬ଜଣ ଯୁବତୀଙ୍କୁ ଧରିଥିଲା। ଉକ୍ତ ଘରୁ ଏସ୍‌ଟିଏଫ୍ ଟିମ୍ କିଛି ଆପତ୍ତିଜନକ ସାମଗ୍ରୀ ଜବତ କରିବା ସହ ଘରକୁ ସିଲ୍ କରିଛି। ଏନେଇ ଘର ମାଲିକ ବିଷ୍ଣୁପ୍ରିୟା ପଣ୍ଡା କହିଛନ୍ତି, ସେମାନେ ୩ ମାସ ହେବ ଘର ଭଡ଼ାନେଇଥିଲେ। ଜଣେ ନର୍ସିଂ ଓ ଅନ୍ୟ ଜଣେ ଟେଲରିଂ କରୁଥିବା କହି ରହିଥିଲେ। ସେମାନେ ବାଂଲାଦେଶୀ କି ଅଣଓଡ଼ିଆ ସେନେଇ କିଛି ଜାଣିପାରି ନ ଥିଲେ। ସେମାନେ ମଧ୍ୟ କୌଣସି ପ୍ରମାଣପତ୍ର ଦେଇ ନ ଥିଲେ। ଅନ୍ୟମାନଙ୍କ ସମ୍ପର୍କରେ କିଛି ଜାଣି ନ ଥିବା, ରହିବା ପରଠୁ ମଧ୍ୟ ସେମାନଙ୍କୁ କୌଣସି ପ୍ରମାଣପତ୍ର ମଗାଯାଇ ନ ଥିଲା ବୋଲି ସେ କହିଛନ୍ତି।



### ଘର ବାହାରେ କୋଚିଂ ସେଣ୍ଟର ବୋର୍ଡ

ଗ୍ରାହକ ଯୋଗାଡ଼ ଦାୟିତ୍ୱରେ ଥିଲେ ନିଜେ ଅଞ୍ଜଳି ଦିଦି। ଲୋକାଲ ପର୍ନ ସାଇଟ୍‌ରେ ଦିଆଯାଇଥିବା ଫୋନ୍ ନମ୍ବର ଓ ଫଟୋ ଦେଖି ଗ୍ରାହକମାନେ ତାଙ୍କ ସହ ଯୋଗାଯୋଗ କରିଥାନ୍ତି। ଏହାପରେ ବାଂଲାଦେଶୀ ରୂପଜୀବୀ ରହୁଥିବା ପୁରୁଣା ଭୁବନେଶ୍ୱର ରଥରୋଡ଼ସ୍ଥିତ ଉକ୍ତ ଭଡ଼ା ଘରକୁ ଦିଦି ଗ୍ରାହକ ପଠାଇଥାନ୍ତି। ଗ୍ରାହକମାନେ ସେଠାରେ ପହଞ୍ଚିବା ପୂର୍ବରୁ ରୂପଜୀବୀଙ୍କ ସହ ସବୁକିଛି କଥାବାର୍ତ୍ତା ସରିଥାଏ। ଗ୍ରାହକ ରୂପଜୀବୀଙ୍କୁ ଚୟନ କରିବା ପରେ କାର୍‌ରେ ହୋଟେଲ କିମ୍ବା ଲଜ୍‌କୁ ନେଇଥାନ୍ତି। ସେହି ଘର ବାହାରେ ଯୁକ୍ତ ୨ ଓ ଯୁକ୍ତ ୩ କୋଚିଂ ସେଣ୍ଟର ବୋର୍ଡ ଲାଗିଥିଲା। ଫଳରେ ସ୍ଥାନୀୟ ଅଞ୍ଚଳରେ ରହୁଥିବା ଲୋକେ ଅନ୍ୟ କିଛି ସନ୍ଦେହ କରୁ ନ ଥିଲେ କି ରୂପଜୀବୀ ରହୁଥିବା ନେଇ ଜାଣିପାରି ନ ଥିଲେ। ଏବେ ଜଣାପଡ଼ିବା ପରେ ସେମାନେ ଚକିତ ହୋଇଯାଇଛନ୍ତି।

### ନୂଆ ବର୍ଷ ପାଇଁ ୨୫ ଯୁବତୀଙ୍କୁ ରାଜଧାନୀ ଆଣିଥିଲେ

ଅଞ୍ଜଳି ଦିଦି ବାଂଲାଦେଶର ଯୁବତୀମାନଙ୍କୁ ଚାକିରି ଦେବା ପାଇଁ କହି ପ୍ରଥମେ କଲିକତା ଓ ପରେ ବାଲେଶ୍ୱର ଦେଇ ଭୁବନେଶ୍ୱରକୁ ଆଣୁଥିଲେ। ଏଠାରେ ହୋଟେଲରେ ରଖି ସେକ୍ସ ର୍‍ୟାକେଟରେ ସମ୍ପୃକ୍ତ କରୁଥିଲେ। ୨୦୨୦ ନୂଆ ବର୍ଷକୁ ଆଖି ଆଗରେ ରଖି ଦିଦି ଜାଲ୍ କାଗଜପତ୍ର ମାଧ୍ୟମରେ ୨୫ଜଣ ବାଂଲାଦେଶୀ ଯୁବତୀଙ୍କୁ ରାଜଧାନୀକୁ ଆଣିଥିଲେ। କିନ୍ତୁ କଟକରୋଡ଼୍‌ରେ ଜଣେ ରୂପଜୀବୀ ଗିରଫ ହେବା ପରେ ସେ ଅନ୍ୟ ଯୁବତୀଙ୍କୁ ହୋଟେଲରୁ ନେଇ ଭଡ଼ା ଘରେ ରଖିଥିଲେ।

### ସୁନୀଲ ମେହେରଙ୍କ ମୁଖ୍ୟ ସହଯୋଗୀ ଅଞ୍ଜଳି ଦିଦି

ସେକ୍ସ ର୍‍ୟାକେଟର ବାଦ୍‌ଶାହ କୁହାଯାଉଥିବା ସୁନୀଲ ମେହେରଙ୍କ ମୁଖ୍ୟ ସହଯୋଗୀ ହେଉଛନ୍ତି ଅଞ୍ଜଳି ଦିଦି। ଦିଦିଙ୍କ ଘର ବାଂଲାଦେଶ ହୋଇଥିବାବେଳେ ତାଙ୍କୁ ସୁନୀଲ ଓଡ଼ିଶା ଆଣିଥିବା ଏସ୍‌ଟିଏଫ୍ ସୁରାକ ପାଇଛି। ପରବର୍ତ୍ତୀ ସମୟରେ ଅଞ୍ଜଳି ହିଁ ବାଂଲାଦେଶରୁ ଯୁବତୀଙ୍କୁ ଆଣି କଲିକତା ଓ ପରେ ଓଡ଼ିଶା ପହଞ୍ଚାଉଥିଲେ। କିନ୍ତୁ ସୁନୀଲ ଗିରଫ ହେବାପରେ ର୍‍ୟାକେଟର ମଙ୍ଗ ଧରିଥିଲେ ନିଜେ ଅଞ୍ଜଳି ଓ ସ୍ୱାମୀ ଇବ୍ରାହିମ୍।

### ଜାଲ୍ ପ୍ରମାଣପତ୍ର କରୁଥିଲେ ଅଭି ଓ ରାଜୁ

ଅଞ୍ଜଳି ଦିଦି ବାଂଲାଦେଶୀ ଯୁବତୀଙ୍କୁ ପଶ୍ଚିମବଙ୍ଗ ଦେଇ ଭାରତରେ ପ୍ରବେଶ କରାଉଥିଲେ। ଏଥିପାଇଁ ବାଂଲାଦେଶ ଓ ପଶ୍ଚିମବଙ୍ଗ ସୀମାରେ ଥିବା ପୋଲିସ ମୋଟାଅଙ୍କର ଅର୍ଥ ନେଇ ଏହି ବେଆଇନ ପ୍ରବେଶକୁ ସୁଯୋଗ ଦେଇଥିଲେ। କଲିକତାରେ ପହଞ୍ଚିବା ପରେ ଅଭି ଓ ରାଜୁ ନାମକ ଦୁଇଜଣ ବ୍ୟକ୍ତି ସେମାନଙ୍କ ନାମରେ ଜାଲ୍ ପ୍ରମାଣପତ୍ର ତିଆରି କରୁଥିଲେ। ଯୁବତୀମାନଙ୍କୁ କଲିକତାରେ କିଛିଦିନ ରଖିବା ପରେ ବାଲେଶ୍ୱର ଓ ପରେ ଭୁବନେଶ୍ୱରକୁ ଅଣାଯାଉଥିଲା। ବିଶେଷକରି ରାଜଧାନୀର ହୋଟେଲରେ ରଖି ପେଡ୍ ଗର୍ଲଫ୍ରେଣ୍ଡ, କଲ୍‌ଗର୍ଲ ଭାବେ ପରିଚୟ ପାଉଥିଲେ। ଗ୍ରାହକ ପିଛା ରାତିକୁ ଗ୍ରାହକଙ୍କଠାରୁ ୧୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ନିଆଯାଉଥିଲା।

### ବାଂଲାଦେଶୀ ଯୁବତୀଙ୍କ ଏତଲା ସୁରାକ ଦେଇଥିଲା

ଗତବର୍ଷ ଡିସେମ୍ବର ୧୬ରେ କଟକରୋଡରେ ଥିବା ଏକ ଲଜ୍‌ରେ ଜଣେ ବାଂଲାଦେଶୀ ଯୁବତୀଙ୍କୁ ହୋଟେଲ କର୍ମଚାରୀ ବଳାତ୍କାର କରିବା ନେଇ ଲକ୍ଷ୍ମୀସାଗର ଥାନାରେ ପୀଡିତା ଅଭିଯୋଗ କରିଥିଲେ। ପୋଲିସ ବାଂଲାଦେଶୀ ଯୁବତୀଙ୍କ ଅଭିଯୋଗ ଆଧାରରେ ହୋଟେଲର ଦୁଇ କର୍ମଚାରୀଙ୍କୁ ଗିରଫ କରିଥିଲା। କିନ୍ତୁ ଯୁବତୀ ଜଣକ ଜାଲ ପ୍ରମାଣପତ୍ରରେ ଏଠାକୁ ଆସିଥିବା ପୋଲିସ ତଦନ୍ତରୁ ଜାଣିବା ପରେ ତାଙ୍କୁ ଗିରଫ କରିଥିଲା। ପୋଲିସ ଯୁବତୀଙ୍କୁ ପଚରାଉଚରା କରିବାପରେ ବାଂଲାଦେଶୀ ସେକ୍ସ ର୍‍ୟାକେଟର ସୁରାକ ପାଇଥିଲା। ଏହି ଘଟଣା ତାଙ୍କ ପାଇଁ କାଳ ହେଲା ବୋଲି ଅଞ୍ଜଳି ଦିଦି ଏସ୍‌ଟିଏଫ୍ ଆଗରେ ସ୍ୱୀକାର କରିଛନ୍ତି।

## ପିପିଲିରେ ଜାଗା କିଣି ରହୁଥିଲେ

ଅଞ୍ଜଳିଙ୍କୁ ଯୁବତୀ ପଠାଇବାରେ ବାଂଲାଦେଶରେ ଥିବା ତା'ର ଭଉଣୀ ସହଯୋଗ କରୁଥିଲେ। ବାଂଲାଦେଶରେ ଅଞ୍ଜଳି ଓ ଭଉଣୀଙ୍କ ନାଁରେ ହତ୍ୟା ମାମଲା ରହିଛି। ସେମାନେ ମଧ୍ୟ ଜେଲ୍ ଯାଇଛନ୍ତି। ଜେଲରୁ ବାହାରିବା ପରେ ଅଞ୍ଜଳି ସେକ୍ସ ର୍‍ୟାକେଟ ଚଳାଉଥିଲା। ଅନ୍ୟପକ୍ଷରେ ବ୍ରାଉନସୁଗାର ବେପାର କରୁଥିଲେ ଇବ୍ରାହିମ। ବ୍ରାଉନସୁଗାର ପାଇଁ ଇବ୍ରାହିମ୍ ବାଂଲାଦେଶ ଯାଉଥିବାବେଳେ କୌଣସି ଏକ ପରିସ୍ଥିତିରେ ଉଭୟଙ୍କ ଦେଖାସାକ୍ଷାତ ଓ ପରିଚୟ ହୋଇ ସମୟକ୍ରମେ ପ୍ରେମରେ ପରିଣତ ହୋଇଥିଲା। ପରେ ଉଭୟ ବିବାହ କରି ପିପିଲି ଅଞ୍ଚଳରେ ଏକ ଜାଗା କିଣି ଘର କରି ରହୁଥିଲେ। ନାଗରିକତା ବିଲ୍ ଆସିବା ପରେ ଏବେ ଅନୁପ୍ରବେଶକାରୀଙ୍କ ଉପରେ ପୋଲିସର ନଜର ପଡିଥିଲା। ଏପରି ଅନୁପ୍ରବେଶ କରିଥିବା ବାଂଲାଦେଶୀଙ୍କ ଉପରେ ଏସ୍‌ଟିଏଫ୍ ତୀକ୍ଷ୍ଣ ନଜର ରଖିଥିବା ଜଣେ ଅଧିକାରୀ କହିଛନ୍ତି।

ଅଞ୍ଜଳି ଓ ଇବ୍ରାହିମ୍‌ଙ୍କ ଆପରାଧିକ ସାମ୍ରାଜ୍ୟର ଖୋଳତାଡ଼ କରିବ ଏସ୍‌ଟିଏଫ୍। ସେମାନଙ୍କ ନିକଟରୁ ଏସ୍‌ଟିଏଫ୍ ଏକ ଡାଏରୀ ପାଇଛି। ସେଥିରେ ଗ୍ରାହକଙ୍କ ନାଁ ରହିଥିବାରୁ ସେମାନଙ୍କୁ ଧରି ଅଧିକ ତଦନ୍ତ କରିବ। ଅନ୍ୟପକ୍ଷରେ ଉଭୟଙ୍କ ବ୍ୟାଙ୍କ ଆକାଉଣ୍ଟ ଓ ଅନ୍ୟ କାଗଜପତ୍ର ଯାଞ୍ଚ କରିବାକୁ ଏସ୍‌ଟିଏଫ୍ ଆଶା ରଖିଛି।



ସ୍ୱାମୀ ଇବ୍ରାହିମ୍‌ଙ୍କ ସହ ଅଞ୍ଜଳି









1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଯଦି ଆମେ ସତ୍ ଜୀବନଯାପନ କରିବାକୁ ଚାହିଁବା, ଆମକୁ ମନ ଭିତରେ ଅଳସୁଆମୀକୁ ତ୍ୟାଗ କରି କିଛି ଭଲ ଚିନ୍ତା କରିବାକୁ ପଡ଼ିବ। ତା'ହେଲେ ଆମର ଜୀବନ ଧାରା ସରଳ ହୋଇଯିବ।
-ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ଦିବ୍ୟାଙ୍ଗ ଭାଇବୋହୂଙ୍କୁ ଆକ୍ରମଣ ଅଭିଯୋଗ

**ମାହାଙ୍ଗା,୨୧।୧(ସ୍ୱ.ପ୍ର.):** ମାହାଙ୍ଗା ଥାନା ଅନ୍ତର୍ଗତ ନନ୍ଦ କିଶୋରପୁର ଗ୍ରାମରେ ଜଣେ ଦିବ୍ୟାଙ୍ଗ ମହିଳାଙ୍କୁ ତାଙ୍କ ଦେଢ଼ଶ୍ୱର ଆକ୍ରମଣ କରିଥିବା ନେଇ ସୋମବାର ଥାନାରେ ଅଭିଯୋଗ ହୋଇଛି । ଗ୍ରାମର ଡମ୍ବରୁଧର ନାୟକଙ୍କ ସ୍ତ୍ରୀ ସ୍ୱାଗତିକାଙ୍କ ଅଭିଯୋଗ ଅନୁଯାୟୀ, ଘରବିବାଦକୁ କେନ୍ଦ୍ର କରି ଦେଢ଼ଶୁର ଉଦ୍ଦେଶ୍ୟମୂଳକ ଭାବେ ତାଙ୍କ ଝରକା ନିକଟରେ ଘଷି ଗୁଣ୍ଡା ପକାଇ ଧୂଆଁ ଦେଉଥିଲେ। ଏହାକୁ ସ୍ୱାଗତିକା ବିରୋଧ କରିବାରୁ ଦେଢ଼ଶୁର ତାଙ୍କୁ ଗାଳିଗୁଲଜ କରି ଆକ୍ରମଣ କରିଥିଲେ। ଫଳରେ ସେ ଆହତ ହୋଇଥିଲେ। ରିପୋର୍ଟ ଲେଖା ହେବା ବେଳକୁ ଏନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିଲା।

### ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟିତ

**ମାହାଙ୍ଗା,୨୧।୧(ସ୍ୱ.ପ୍ର.):** ମାହାଙ୍ଗା ବ୍ଲକ୍ ଅନ୍ତର୍ଗତ ଲଳିତଗିରି ପଞ୍ଚାୟତରେ ସୋମବାର ବିଜେଡିର ପଞ୍ଚାୟତ କାର୍ଯ୍ୟାଳୟକୁ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଲଳିତଗିରିର ପ୍ରସିଦ୍ଧ ଓଲାଶୁଣି ମେଳା ଅବସରରେ ଏହି କାର୍ଯ୍ୟାଳୟକୁ ଉଦ୍‌ଘାଟନ କରି ମେଳାରେ ସମସ୍ୟାର ସମ୍ମୁଖୀନ ହେଉଥିବା ଭକ୍ତଙ୍କୁ ସାହାଯ୍ୟ କରିବା ପାଇଁ ସେ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ କିଶୋର ଚନ୍ଦ୍ର ସିଂହ, ଜାନକୀ ପରିଡା, ଜୟରାମ ସ୍ୱାଇଁ, ଶରତ ମହାପାତ୍ର, ହାପି ନାୟକ, ତପନ ସିଂହ ଓ ଜଗନ୍ନାଥ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

### ସଙ୍ଗୀତ ସାମ୍ରାଜ୍ଞୀ ସୁନନ୍ଦାଙ୍କ ବିୟୋଗରେ ଶୋକ

**ବଡ଼ମ୍ବା,୨୧।୧(ଡି.ଏନ୍.ଏ.):** ବିଶିଷ୍ଟ କଣ୍ଠଶିଳ୍ପୀ ସଙ୍ଗୀତଜ୍ଞା ସ୍ୱର୍ଗତା ସୁନନ୍ଦା ପଟ୍ଟନାୟକଙ୍କ ବିୟୋଗରେ ବଡମ୍ବା ଓକିଲ ସଂଘ ପକ୍ଷରୁ ସୋମବାର ଶୋକ ଓ ପୁଷ୍ପାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସୁନନ୍ଦାଙ୍କ ନିଜ ଘର ବଡମ୍ବାସ୍ଥିତ ନିଜିଗଡ ହୋଇଥିବାବେଳେ ସେ ସବୁଜକବି ସ୍ୱର୍ଗତଃ ବୈକୁଣ୍ଠନାଥ ପଟ୍ଟନାୟକଙ୍କ କନ୍ୟା ଥିଲେ। ତାଙ୍କ ବିୟୋଗରେ ଓକିଲ ସଂଘ ଗୃହରେ ଆୟୋଜିତ ସଭାରେ ସଂଘ ସଭାପତି କୈଳାସଚନ୍ଦ୍ର ଜେନା ସଭାପତିତ୍ୱ କରିଥିଲେ । ଏଥିରେ ଆଇନଜୀବୀ ସନ୍ତୋଷ କୁମାର ପଟ୍ଟନାୟକ, ହରିହର ବଳବନ୍ତରାୟ, ଆର୍ତ୍ତତ୍ରାଣ ଶତପଥୀ, ସରୋଜ କୁମାର ବେଉରା, ସନ୍ତୋଷ କୁମାର ବେହେରା ଓ ଶାରଦା ପ୍ରସାଦ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ସୁନନ୍ଦାଙ୍କ ଜୀବନୀ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସୁନନ୍ଦାଙ୍କ ସ୍ମୃତି ଉଦ୍ଦେଶ୍ୟରେ ବଡ଼ମ୍ବାରେ ବିଭିନ୍ନ କାର୍ଯ୍ୟକ୍ରମ କରିବା ପାଇଁ ସଂଘ ତରଫରୁ ସ୍ଥିର କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଭାରେ ଶ୍ରୀଧର ମହାନ୍ତି, କୃଷ୍ଣାନନ୍ଦ ମିଶ୍ର, ପ୍ରମୋଦ ପୁହାଣ, ପ୍ରଭାତ ରଞ୍ଜନ ବଳିଆରସିଂ ଓ ପ୍ରମୋଦ କୁମାର ପୁହାଣ ପ୍ରମୁଖ ଉପସ୍ଥିତ ଥିଲେ।

### ଆଦ୍ୟ ଶୈଶବ ଯତ୍ନ, ତାଲିମ୍ ଶିବିର



**ବାଙ୍କୀ,୨୧।୧(ସ୍ୱ.ପ୍ର):** ବାଙ୍କୀ ବ୍ଲକ ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟରେ ୬ଦିନ ବ୍ୟାପି ହେବାକୁ ଥିବା ଆଦ୍ୟ ଶୈଶବ ଯତ୍ନ ଓ ତାଲିମ୍ ଶିବିର ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ମହିଳା ଶିଶୁ ବିକାଶ ଅଧିକାରିଣୀ ରୂପାଲି ମିତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହାକୁ ଆୟୋଜନ କରାଯାଉଛି। ଏଥିରେ ଓଡ଼ିଆ, ସୁବର୍ଣ୍ଣପୁର ମଣ୍ଡଳର ୩୧ଜଣ ଅଙ୍ଗନୱାଡି କର୍ମୀ ଯୋଗଦେଇଛନ୍ତି। ଶିବିରରେ ଶୂନ୍ୟ ଠାରୁ ୫ବର୍ଷ ପର୍ଯ୍ୟନ୍ତ ଶିଶୁର ସାମାଜିକ ବିକାଶ, ଆବେଗିକ, ବୌଦ୍ଧିକ, ଭାଷାର, ଶାରୀରିକ ବିକାଶ, ସୌନ୍ଦର୍ଯ୍ୟ ଓ ସୃଜନଶୀଳତା ବିକାଶ ସମ୍ପର୍କରେ ଅଙ୍ଗନୱାଡି କର୍ମୀଙ୍କୁ ତାଲିମ୍ ପ୍ରଦାନ କରାଯିବ ବୋଲି ମହିଳା ପରିଦର୍ଶିକା ସୁଜାତା ମହାପାତ୍ର ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ମହିଳା ପରିଦର୍ଶିକା ପ୍ରମୋଦିନୀ ପାଢୀ, ଅନ୍ନପୂର୍ଣ୍ଣା ପ୍ରଧାନ ଓ ମାଳତୀ ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ପିପି ଦେବ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ବିକ୍ଷୋଭ

**ଟିଗିରିଆ, ୨୧।୧ (ଡି.ଏନ.ଏ.)**



ଛାତ୍ରୀଛାତ୍ରୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ରାଜ୍ୟ ଗଣଶିକ୍ଷା ବିଭାଗର ଯୁକ୍ତ ୨ ପ୍ରଥମ ବର୍ଷରେ ପାସ ଫେଲ ପ୍ରଚଳନ ନିଷ୍ପତ୍ତିକୁ ବିରୋଧ କରି ମଙ୍ଗଳବାର ଟିଗିରିଆ ପ୍ରସନ୍ନ ପୁରୁଷୋତ୍ତମ ଦେବ ମହାବିଦ୍ୟାଳୟର ଛାତ୍ରୀଛାତ୍ର କଲେଜ ସମ୍ମୁଖ ରାଜ୍ୟ ରାଜପଥରେ ଟାୟାର ଜାଳି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିକ୍ଷୋଭରେ ମହାବିଦ୍ୟାଳୟର ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଏନେଇ ଏକ ସ୍ମାରକପତ୍ର ବିଭାଗୀୟ ନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଦିଆଯାଇଥିଲା। ବର୍ଷର ଶେଷ ସମୟରେ ଏହି ନିଷ୍ପତ୍ତି ନିଆଯିବା ଦ୍ୱାରା ବହୁ ଛାତ୍ରଛାତ୍ରୀଙ୍କ ଭବିଷ୍ୟ ଅନ୍ଧାର ଆଡକୁ ଠେଲି ହୋଇଯିବ ବୋଲି ସେମାନେ ଅଭିଯୋଗ କରିଥିଲେ। ଚଳିତ ବର୍ଷ ଏହି ନିୟମକୁ ବାତିଲ କରି ଆଗାମୀ ବର୍ଷରୁ ଏହାକୁ ଲାଗୁ କରିବା ପାଇଁ

**ଯୁକ୍ତ ୨ ପ୍ରଥମବର୍ଷ ପରୀକ୍ଷାକୁ ବିରୋଧ**

ସେମାନେ ଦାବି କରିଥିଲେ। ଖବରପାଇ ଟିଗିରିଆ ଥାନା ପୋଲିସ ଓ କଲେଜ ଅଧ୍ୟାପକମାନେ ଛାତ୍ରୀଛାତ୍ରଙ୍କୁ ବୁଝାଶୁଝା କରିବା ପରେ ସେମାନେ ରାଜରାସ୍ତାରୁ ହଟିଥିଲେ। ସୂଚନାଯୋଗ୍ୟ, ଗଣଶିକ୍ଷା ବିଭାଗର ନିଷ୍ପତ୍ତି ମୁତାବକ ଚଳିତ ବର୍ଷ ଛାତ୍ରୀଛାତ୍ରମାନେ ଯୁକ୍ତ ଦୁଇ ପ୍ରଥମ ବର୍ଷ ପରୀକ୍ଷାରେ ପାସ୍ ନ କଲେ ୨ୟ ବର୍ଷକୁ ଉତ୍ତୀର୍ଣ୍ଣ ହୋଇପାରିବେ ନାହିଁ। ୨ୟ ବର୍ଷକୁ ଯିବାକୁ ହେଲେ ସେମାନେ ପ୍ରଥମ ବର୍ଷରେ ୩୩ ପ୍ରତିଶତ ନମ୍ବର ରଖିବା ଜରୁରୀ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି।

# ପୃଥକ୍ ମାମଲାରେ ୨ ଗିରଫ

**ମାହାଙ୍ଗା, ୨୧।୧(ସ୍ୱ.ପ୍ର.)**

**ନାବାଳିକାଙ୍କୁ ବଳାତ୍କାର, ଅସଦାଚରଣ ଘଟଣା**

ନାବାଳିକାଙ୍କୁ ବଳାତ୍କାର ଓ ଅସଦାଚରଣ କରାଯାଇଥିବା ଅଭିଯୋଗରେ ମାହାଙ୍ଗା ଥାନାରେ ୨ ପୃଥକ ମାମଲା ରୁଜୁ ହୋଇଥିଲା। ଏହି ଘଟଣାରେ ଉଭୟ ଅଭିଯୁକ୍ତଙ୍କୁ ମଙ୍ଗଳବାର ପୋଲିସ ଗିରଫ କରିଛି। ସେମାନଙ୍କ ମଧ୍ୟରୁ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବାବେଳେ ଅନ୍ୟ ଜଣଙ୍କୁ ଥାନାରେ ଅଟକ ରଖାଯାଇଛି। ଗତ ୪ ତାରିଖରେ ମାହାଙ୍ଗା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରି ନେଇଥିବା ନେଇ ତାଙ୍କ ବାପା ଥାନାରେ ଅଭିଯୋଗ କରିଥିଲା। ଏନେଇ ଥାନାରେ ମାମଲା(ନଂ.୩/୨୦)ରୁଜୁ ହୋଇଥିଲା। କୌଣସି ସୂତ୍ରରୁ ଖବରପାଇ ସୋମବାର ମାହାଙ୍ଗା ପୋଲିସ ଅଭିଯୁକ୍ତ କିଶୋର ମହାରଣା(୨୯)ଙ୍କୁ ଗିରଫ କରିବା ସହ ଅପହୃତା ନାବାଳିକାଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିଲା। ନାବାଳିକାଙ୍କ ବୟାନ ଅନୁଯାୟୀ, ଜୀବନରୁ ମାରି ଦେବାକୁ ଧମକ ଦେଇ ଘରେ କେହି ନ ଥିବାବେଳେ ଅଭିଯୁକ୍ତ କିଶୋର ତାଙ୍କୁ ଅପହରଣ କରିଥିଲେ। ଏଥିସହ ନିଶା ଖୁଆଇ ବାରମ୍ବାର ବଳାତ୍କାର କରିଥିଲେ। ଏହାପରେ ଅଭିଯୁକ୍ତ କିଶୋରଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେହିପରି ଏହି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଗତ ୨୦୧୯ରେ ଉକ୍ତ ଅଞ୍ଚଳର ଜଗୁ ରାଉତ(୧୯) ଅସଦାଚରଣ କରିବା ସହ ବଳାତ୍କାର ଉଦ୍ୟମ କରିଥିଲେ। ଏନେଇ ଥାନାରେ ମାମଲା (ନଂ ୧୭୮/୧୮)ରୁଜୁ ହୋଇଥିଲା। ଏହା ପରଠୁ ଅଭିଯୁକ୍ତ ଜଗୁ ଫେରାର ଥିଲେ। ଘଟଣାର ପ୍ରାୟ ବର୍ଷେ ପରେ ସେ ଗାଁକୁ ଫେରି ବୁଲୁଥିବା ବେଳେ ମଙ୍ଗଳବାର ପୋଲିସ ତାଙ୍କୁ ଗିରଫ କରିଛି। ମାତ୍ର ବିଳମ୍ବ ହୋଇଯିବାରୁ କୋର୍ଟ ଚାଲାଣ କରି ନ ପାରି ଥାନାରେ ରଖିଛି ବୋଲି ଏସଆଇ ଚିନ୍ମୟୀ କର କହିଛନ୍ତି।



ଗିରଫ ଅଭିଯୁକ୍ତ।

# ସଫେଇ କର୍ମଚାରୀଙ୍କ ଆନ୍ଦୋଳନ ଚେତାବନୀ

**ଆଠଗଡ, ୨୧।୧।(ସ୍ୱ.ପ୍ର.)**

ଆଠଗଡ଼ ଏନ୍ଏସିରେ ନିୟୋଜିତ ସଫେଇ କର୍ମଚାରୀମାନଙ୍କ ୭ ଦଫା ଦାବିକୁ ପ୍ରଶାସନ ଏପର୍ଯ୍ୟନ୍ତ ପୂରଣ କରିନାହିଁ। ଆଗାମୀ ୩ ଦିନରେ ସେମାନଙ୍କ ଦାବି ପୂରଣ ନହେଲେ ସେମାନେ ଆନ୍ଦୋଳନ କରିବେ ବୋଲି ମଙ୍ଗଳବାର ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଏକ ସ୍ମାରକପତ୍ର ଉପଜିଲାପାଳ ଦିଆଯାଇଥିଲା। ମାତ୍ର ସେ ଅନୁପସ୍ଥିତ ଥିବାରୁ ସହକାରୀ ଜିଲାପାଳ ପ୍ରିୟବ୍ରତ ଦାସ ଏହି ସ୍ମାରକପତ୍ର ଗ୍ରହଣ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ସଫେଇ କର୍ମଚାରୀମାନଙ୍କୁ ନିୟମିତ କରିବା, ସରକାରଙ୍କ ଦ୍ୱାରା ଧାର୍ଯ୍ୟ ମଜୁରୀ ପ୍ରଦାନ କରିବା, ଇପିଏଫ୍ ଆକାଉଣ୍ଟରେ ଅର୍ଥ ଜମା କରିବା ଭଳି ବିଭିନ୍ନ ଦାବିନେଇ ଉପଜିଲାପାଳ ଅମୀୟ କୁମାର ସାହୁଙ୍କୁ ଜାନୁୟାରୀ ୭ରେ ଏକ ଦାବିପତ୍ର ଦିଆଯାଇଥିଲା। ଏହି ସମସ୍ୟାର ତୁରନ୍ତ ସମାଧାନ କରିବା ପାଇଁ ସାହୁ ସେତେବେଳେ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଏପର୍ଯ୍ୟନ୍ତ ସେମାନଙ୍କ ଦାବି ପୂରଣ ହୋଇନାହିଁ ବୋଲି ସଫେଇ କର୍ମଚାରୀମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସୁଧାଂଶୁ ଶେଖର ସାହୁ କହିଛନ୍ତି, ରାଜ୍ୟର ବିଭିନ୍ନ ଏନ୍ଏସି ଓ ମୁନିସିପାଲଟିରେ ସଫେଇ କାର୍ଯ୍ୟକୁ ଘରୋଇକରଣ କରାଯାଇଥିବାବେଳେ ଆଠଗଡ଼ ଏନ୍ଏସିରେ ଏଯାବତ ତାହା କାର୍ଯ୍ୟକାରୀ ହୋଇନାହିଁ। ସରକାରୀ ନିୟମ ମୁତାବକ କର୍ମଚାରୀମାନଙ୍କର ସମସ୍ୟା ସମାଧାନ ପାଇଁ ବ୍ୟବସ୍ଥା ହେଉଥିବାବେଳେ ଇପିଏଫ୍ ଜମା ସମ୍ପର୍କରେ ପଦକ୍ଷେପ ନିଆଯାଇଛି। ଖୁବ୍ କମ୍ ଦିନ ଭିତରେ ସେମାନଙ୍କର ଜମାରାଶି ସମ୍ପର୍କରେ ଜଣାଇଦିଆଯିବ। ଏସବୁସତ୍ତ୍ୱେ ସଫେଇ କର୍ମଚାରୀମାନେ ଆନ୍ଦୋଳନ ଚେତାବନୀ ଦେଉଥିବାରୁ ସେ କ୍ଷୋଭ ପ୍ରକାଶ କରିଥିଲେ।

### ସଫେଇ ନାଁରେ ସୁନା ଚୋରି ଘଟଣା

## ଅଭିଯୁକ୍ତ କୋର୍ଟ ଚାଲାଣ

**ବଡ଼ମ୍ବା,୨୧।୧(ଡି.ଏନ୍.ଏ)**

ବଡମ୍ବା ଥାନା ଅନ୍ତର୍ଗତ ସାନବାର ସିଂହଗ୍ରାମରେ ସୁନା ସଫେଇ ନାଁରେ ଚୋରି ଘଟଣାରେ ଅଭିଯୁକ୍ତ ଇନ୍ଦର କୁମାର ଶାହା (୨୭)ଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ତାଙ୍କ ଘର ଘର ବିହାର ରାଜ୍ୟର ସାଜିଲ୍ଲାରେ ବୋଲି ପୋଲିସ କହିଛି। ଏନେଇ ଥାନାରେ ମାମଲା (ନଂ.୧୫/୨୦)ରୁଜୁ କରାଯାଇଛି। ପୂର୍ବାହ୍ନରେ ସାନବାର ସିଂହଗ୍ରାମର ଜୟ ପାଲଙ୍କ ଘରେ ଅଭିଯୁକ୍ତ ଶାହା ପହଞ୍ଚି ସୁନା ସଫେଇ କାର୍ଯ୍ୟ କରିଥିଲେ। ଏହି ସମୟରେ ସେ ପିଇବାକୁ ପାଣି ମାଗିଥିଲେ। ପାଲଙ୍କ ସ୍ତ୍ରୀ ପାଣି ଆଣିବାକୁ ଯାଇଥିବା ବେଳେ ସେ ସେଠାରୁ ଚମ୍ପଟ ମାରିଥିଲେ। ଏନେଇ ପାଲଙ୍କ ସ୍ତ୍ରୀ ପାଟି କରିବାରୁ ସ୍ଥାନୀୟ ଲୋକେ ଅଭିଯୁକ୍ତ ଶାହାଙ୍କୁ ରାସ୍ତାରୁ ଧରି ପୋଲିସରେ ଦେଇଥିଲେ। ସେହିପରି ଘଟଣାରେ ସମ୍ପୃକ୍ତ ଅନ୍ୟ ଜଣେ ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିଛି ବୋଲି ବଡମ୍ବା ଥାନା ଆଇଆଇସି ପ୍ରଭାତ କୁମାର ମଲ୍ଲିକ କହିଛନ୍ତି।

# ରାଜ୍ୟସ୍ତରୀୟ କ୍ରିକେଟ: ଫାଇନାଲରେ ମଞ୍ଚେଶ୍ୱର

**ବାଙ୍କୀ,୨୧।୧(ସ୍ୱ.ପ୍ର.)**

ବାଙ୍କୀ କଚେରି ପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ଗୋପାଳଚନ୍ଦ୍ର ଚ୍ୟାଉପଟ୍ଟନାୟକ କ୍ରିକେଟ ଟୁର୍ନାମେଣ୍ଟର ୧୦ମ ଦିନରରେ ମଙ୍ଗଳବାର ମଞ୍ଚେଶ୍ୱର ଭୁବନେଶ୍ୱର ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଟିଏଫସି ଭୁବନେଶ୍ୱର ଓ ମଞ୍ଚେଶ୍ୱର ଭୁବନେଶ୍ୱର ମଧ୍ୟରେ ଏହି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଟିଏଫସି ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୨ ଓଭରରେ ୭ ଉଇକେଟ୍ ହରାଇ ୧୭୬ ରନ୍ କରିଥିଲା। ଜବାବ୍‌ରେ ମଞ୍ଚେଶ୍ୱର ଦଳ ୮ଉଇକେଟ ବିନିମୟରେ ୧୭୭ ରନ କରି ବିଜୟୀ ହୋଇଥିଲା।

ମ୍ୟାଚରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଅଭୟ ମଲ୍ଲିକଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ବାଙ୍କୀ ଆଇଆଇସି ସମୀର କୁମାର ପଣ୍ଡା ଅତିଥି ଭାବେ ଯୋଗଦେଇ ତାଙ୍କୁ ପୁରସ୍କୃତ କରିଥିଲେ। ଶୁଭେନ୍ଦୁ ମିଶ୍ର ଓ ରାଜକିଶୋର ମହାପାତ୍ର ଖେଳ ପରିଚାଳନା କରିଥିଲେ। ଆଥଲେଟିକ୍ ଆସୋସିଏଶନ୍ ସାଧାରଣ ସମ୍ପାଦକ ସନ୍ତୋଷ କୁମାର ରଣା, ସୌମେନ୍ଦ୍ର ମିଶ୍ର ଓ ଅସୀତ୍ ବରୁଣ ପଟ୍ଟନାୟକ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

# କର୍କଟ ରୋଗ ସମ୍ପର୍କିତ ସଚେତନତା ଶିବିର




ଶିବିରରେ ଯୋଗଦେଇଥିବା ଡାକ୍ତର ଓ ଅନ୍ୟମାନେ।

**ଆଠଗଡ,୨୧।୧(ସ୍ୱ.ପ୍ର.)**

ଆଠଗଡ଼ ଡ଼ାକ୍ତରଖାନାରେ କର୍କଟ ରୋଗ ନିରାକରଣ ଓ ଉପଚାର ସମ୍ବନ୍ଧୀୟ ଏକ ସଚେତନତା ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କଟକସ୍ଥିତ ଆଚାର୍ଯ୍ୟ ହରିହର କର୍କଟ ରୋଗ ଗବେଷଣା କେନ୍ଦ୍ର ଓ ଟାଟା ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରକୁ ଭାରପ୍ରାପ୍ତ ଡ଼ାକ୍ତରଖାନା ଅଧୀକ୍ଷକ ଡ଼ାକ୍ତର ନିହାର ରଞ୍ଜନ ମିଶ୍ର ଉଦ୍‌ଘାଟନ କରିଥିଲେ। ଶିବିରରେ ଆଠଗଡ଼ ଅଞ୍ଚଳର ୫୨ ଜଣ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଟାଟାମେମୋରିଆଲ ଟ୍ରଷ୍ଟର କାର୍ଯ୍ୟକ୍ରମ ପରିଚାଳକ ଡ଼ାକ୍ତର ମୁକେଶ ସାହୁ, ଆଚାର୍ଯ୍ୟ ହରିହର କର୍କଟ ରୋଗ ଚିକିତ୍ସା କେନ୍ଦ୍ରର ପ୍ରଫେସର ଡ଼ାକ୍ତର ପ୍ରମୋଦ କୁମାର ତ୍ରିପାଠୀ, ସରକାରୀ ପ୍ରଫେସର ଡ଼ାକ୍ତର ଅଶୋକ କୁମାର ପାଢ଼ୀ, ଡ଼ାକ୍ତର ତପନ ସାହୁ, ଟାଟା ମେମୋରିଆଲ ଟ୍ରଷ୍ଟର ଡ଼ାକ୍ତର ପ୍ରମୋଦ ପ୍ରଣତୀ ହିରାନକର ପ୍ରମୁଖ ଏଥିରେ ଯୋଗଦେଇ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଶିବିର ପରିଚାଳନାରେ ସ୍ୱାଗତିକା ସେନାପତି, ପୂଜା ଖିଲାର ଓ ସୁଶ୍ରୀ ସୁଚରିତା ଦାସ ପ୍ରମୁଖ ସହାୟତା କରିଥିଲେ। ଆଠଗଡ଼ ଡ଼ାକ୍ତରଖାନା ପରିଚାଳିକା ରୋଜାଲିନ ରାଉତ ଶିବିର ସଂଯୋଜନା କରିଥିଲେ।

# ରୋଗୀ କଲ୍ୟାଣ ସମିତ ବୈଠକ

**ବଡମ୍ବା,୨୧।୧(ଡି.ଏନ୍.ଏ.)**

ବଡମ୍ବା ଓ ମାଣିଆବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପୃଥକଭାବେ ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉଭୟ ବୈଠକରେ ବଡ଼ମ୍ବା ବିଧାୟକ ଦେବୀପ୍ରସାଦ ମିଶ୍ର ପୌରୋହିତ୍ୟ କରିଥିଲେ। ବଡ଼ମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଆୟୋଜିତ ବୈଠକରେ ବଡ଼ମ୍ବା ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ନିର୍ମାଣ ସହ ଅନ୍ୟାନ୍ୟ କାର୍ଯ୍ୟ ତୁରନ୍ତ ଶେଷ କରିବା ପାଇଁ ବିଧାୟକ ମିଶ୍ର ନିର୍ଦ୍ଦେଶ ଦେଇଥିଲେ । ସେହିପରି ଡେଲିଭରୀ କକ୍ଷର ତୁରନ୍ତ ସମାପ୍ତି କରିବା, ଆମ୍ବୁଲାନ୍ସ ଯୋଗାଣ, ଷ୍ଟାଫ ନର୍ସ ଓ ଡାକ୍ତର ନିଯୁକ୍ତି ଉପରେ ବୈଠକରେ ଆଲୋଚନା ହୋଇଥଲା। ଏଥିରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସତ୍ୟବ୍ରତ ଛୋଟରାୟ, ଡିପିଏମ୍. ଦୀପକ କୁମାର ସାହୁ, ବ୍ଲକ ଅଧକ୍ଷା ଅନୁସୂୟା ନାଏକ, ଦୋଳଗୋବିନ୍ଦ ଜେନା, ସଦାନନ୍ଦ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ସେହିପରି ମାଣିଆବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୋଜିତ ବୈଠକରେ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଏଥିରେ ବ୍ଲକ୍ ଅଧକ୍ଷାଙ୍କ ସମେତମାଣିଆବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଓ ଅନ୍ୟାନ୍ୟ କର୍ମଚାରୀ ଯୋଗଦେଇଥିଲେ। ଜନସ୍ୱାସ୍ଥ୍ୟ ଅଧିକାରୀ ଶରତ ଚନ୍ଦ୍ର ଖୁଣ୍ଟିଆଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଏହାକୁ ପରିଚାଳନାକରିଥିଲେ।



ବୈଠକରେ ବିଧାୟକ ଦେବୀ ପ୍ରସାଦ ମିଶ୍ର ଓ ଅନ୍ୟମାନେ।

# ୧୬,୭୮୫ ଶିଶୁଙ୍କୁ ପୋଲିଓ ବୁନ୍ଦା

**ବାଙ୍କୀ,୨୧।୧(ସ୍ୱ.ପ୍ର.)**

ବାଙ୍କୀ ଉପଖଣ୍ଡ ଡମପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତଥା ବାଙ୍କୀ ଚିକିତ୍ସାଳୟ ଅଧୀନରେ ଥିବା ୧୪୬ କେନ୍ଦ୍ରରେ ୩ ଦିନ ବ୍ୟାପି ଚାଲିଥିବା ପଲସ୍ ପୋଲିଓ କାର୍ଯ୍ୟକ୍ରମ ମଙ୍ଗଳବାର ଶେଷ ହୋଇଛି। ବାଙ୍କୀ ଉପଖଣ୍ଡକୁ ପୋଲିଓ ମୁକ୍ତ କରିବା ପାଇଁ ଚାଲିଥିବା ଏହି କାର୍ଯ୍ୟକ୍ରମରେ ଶୂନ୍ୟଠାରୁ ୫ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କୁ ପୋଲିଓ ବୁନ୍ଦା ଦିଆଯାଇଥିଲା। ଏହି ଅବସରରେ ବାଙ୍କୀ ଉପଖଣ୍ଡ ଅନ୍ତର୍ଗତ ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରରେ ସମୁଦାୟ ୧୬,୭୮୫ଜଣ ଶିଶୁଙ୍କୁ ପୋଲିଓ ବୁନ୍ଦା ଦିଆଯାଇଥିଲା। ବାଙ୍କୀ ଉପଖଣ୍ଡ ଚିକିତ୍ସା ଅଧିକାରୀ ଡାକ୍ତର ଧୂଳେଶ୍ୱର ପ୍ରଧାନ, ଡମପଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ଅଧକ୍ଷ ଡାକ୍ତର ବିଶ୍ୱଜିତ୍ ପଣ୍ଡା, ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧକ୍ଷ ଡାକ୍ତର ଅମରେନ୍ଦ୍ର ସାହୁ, ଡମପଡ଼ା ବ୍ଲକ ସମ୍ପ୍ରସାରଣ ଅଧିକାରିଣୀ ଶାନ୍ତିଲତା ଦେଇ, ସୁବର୍ଣ୍ଣପୁର ଜନସ୍ୱାସ୍ଥ୍ୟ ଅଧିକାରୀ ପ୍ରଦୀପ କୁମାର ସାହୁ ଏହି ଅବସରରେ ବିଭିନ୍ନ ପୋଲିଓ କେନ୍ଦ୍ରକୁ ଯାଇ କାର୍ଯ୍ୟକ୍ରମକୁ ତଦାରଖ କରିଥିଲେ। ଏଥିରେ ବାଙ୍କୀ ଉପଖଣ୍ଡର ସମସ୍ତ ଅଙ୍ଗନୱାଡି କର୍ମୀ, ଆଶା କର୍ମୀ ଓ ସ୍ୱାସ୍ଥ୍ୟ କର୍ମୀମାନେ ସହଯୋଗ କରିଥିଲେ।



ଶିଶୁଙ୍କୁ ପୋଲିଓ ବୁନ୍ଦା ଦିଆଯାଉଛି।

### ଅଗ୍ନିକାଣ୍ଡର ମୁକାବିଲା ସମ୍ପର୍କିତ କୌଶଳ ପ୍ରଦର୍ଶନ

**ଆଠଗଡ,୨୧।୧(ସ୍ୱ.ପ୍ର.)**

ବାଣୀକଣ୍ଠନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମଙ୍ଗଳବାର ଅଗ୍ନିକାଣ୍ଡର ମୁକାବିଲା ସମ୍ପର୍କିତ ବିଭିନ୍ନ କୌଶଳ ପ୍ରଦର୍ଶନ କରାଯାଇଛି। ଆଠଗଡ଼ ଅଗ୍ନିଶମ କେନ୍ଦ୍ର ପକ୍ଷରୁ କାର୍ଯ୍ୟକ୍ରମରେ ସହକାରୀ ଅଗ୍ନିଶମ ଅଧିକାରୀ ଦୁଷ୍ମନ୍ତ ସ୍ୱାଇଁ ଯୋଗଦେଇ ଅଗ୍ନି ନିରାପତ୍ତା ଓ ମୁକାବିଲା ସମ୍ପର୍କରେ ବିଷଦ ଆଲୋଚନା କରିଥିଲେ।

# ୧୦ଦିନ ପରେ ବି ପୋଲିସ ହାତ ଖାଲି

**ନିଶ୍ଚିନ୍ତକୋଇଲି,୨୧।୧(ସ୍ୱ.ପ୍ର.)**

**ନାବାଳିକାଙ୍କୁ ବଳାତ୍କାର ମାମଲା**

ବଳାତ୍କାର ମାମଲାର ତୁରନ୍ତ ଫଇସଲା ପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। ଏନେଇ ସ୍ୱତନ୍ତ୍ର କୋର୍ଟ ଗଠନ କରାଯାଇଥିବା ବେଳେ ପୋଲିସ ତଦନ୍ତକୁ କ୍ରିୟାଶୀଳ କରିବା ପାଇଁ ଗୃହ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଉଛି। ମାମଲାଗୁଡ଼ିକର ତ୍ୱରିତ ତଦନ୍ତ ଶେଷ କରିବା ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ କଟକ ଜିଲା ନେମାଳ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର ମାମଲାରେ ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ ବିଫଳ ହୋଇଛି। ଥାନାରେ ଅଭିଯୋଗ ହେବାର ୧୦ ଦିନ ବିତି ଯାଇଥିଲେ ମଧ୍ୟ ଅଭିଯୁକ୍ତଙ୍କୁ ଧରିବାରେ ପୋଲିସକୁ ଅଭିଯୁକ୍ତଙ୍କ ପତ୍ତା ମିଳୁନାହିଁ। ପୀଡିତାଙ୍କ ମା'ବାପା ନ୍ୟାୟ ପାଇଁ ଅପେକ୍ଷା ରହିଥିବା ବେଳେ ପୋଲିସର କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗତ ୧୩ ତାରିଖ ସନ୍ଧ୍ୟାରେ ଏହି ଥାନା ଅନ୍ତର୍ଗତ ଏକ ଗ୍ରାମରେ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲୁଥିବା ବେଳେ ସେହି ଗ୍ରାମର ତପନ ବଳ(୨୨) ସମ୍ପୃକ୍ତା ନାବାଳିକାଙ୍କୁ ପ୍ରଲୋଭନ ଦେଖାଇ ନିକଟସ୍ଥ ଏକ ଘରର ପଛପଟକୁ ନେଇ ବଳାତ୍କାର କରିଥିଲେ। ଏ ସମ୍ପର୍କରେ ପୀଡିତା ଘରେ ଆସି କହିବା ପରେ ତାଙ୍କ ମା' ନେମାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

ଏହାକୁ ଭିତ୍ତି କରି ନେମାଳ ପୋଲିସ ପକ୍ଷରୁ ସମ୍ପୃକ୍ତା ନାବାଳିକାଙ୍କ ଡାକ୍ତରୀମାଇନା କରାଯାଇ ଥାନାରେ ମାମଲା (ନଂ.୪/୨୦)ରୁଜୁ ହୋଇଥିଲା। ଏପର୍ଯ୍ୟନ୍ତ ଅଭିଯୁକ୍ତ ଧରାପଡି ନ ଥିବା ବେଳେ ପୋଲିସ ତଦନ୍ତରେ ଶିଥିଳତା ଦେଖି ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ନେମାଳ ଥାନାର ଅଧିକାରୀ ଗୋପବନ୍ଧୁ ମଲ୍ଲିକଙ୍କୁ ମୋବାଇଲ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ନ ଉଠାଇବାରୁ ତାଙ୍କ ସହ ସମ୍ପର୍କ ହୋଇପାରି ନ ଥିଲା। ଏ ସମ୍ପର୍କରେ କଟକ ଗ୍ରାମାଞ୍ଚଳ ଏସ୍‌ପି ରାଧାବିନୋଦ ପାଣିଗ୍ରାହୀ କୁହନ୍ତି, ପୋଲିସ ପକ୍ଷରୁ ଉକ୍ତ ମାମଲାକୁ ଗୁରୁତର ସହ ନିଆଯାଇଛି। ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରିରହିଛି।



ଯଦି ଆମେ ସତ୍ ଜୀବନଯାପନ କରିବାକୁ ଚାହିଁବା, ଆମକୁ ମନ ଭିତରେ ଅଳସୁଆମୀକୁ ତ୍ୟାଗ କରି କିଛି ଭଲ ଚିନ୍ତା କରିବାକୁ ପଡ଼ିବ। ତା'ହେଲେ ଆମର ଜୀବନ ଧାରା ସରଳ ହୋଇଯିବ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ଫାଇନାନ୍ସ ମ୍ୟାନେଜରଙ୍କ ଠାରୁ ଲୁଟ୍ ଘଟଣା, ୪ ଗିରଫ



**ଚୌଦ୍ୱାର,୨୧।୧(ଡି.ଏନ୍.ଏ.):** ଚୌଦ୍ୱାରସ୍ଥିତ ଭାରତ ଫାଇନାନ୍ସ କମ୍ପାନୀର ମ୍ୟାନେଜରଙ୍କ ଠାରୁ ଲୁଟ୍ ଘଟଣାରେ ଚୌଦ୍ୱାର ପୋଲିସ ମଙ୍ଗଳବାର ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଟାଙ୍ଗୀ ଥାନା ହଳଦିବସନ୍ତ ଗ୍ରାମର ଗୌତମ ମଲ୍ଲିକ(୩୨), ଜରିପଡ଼ା ଗ୍ରାମର ରମେଶ ଚନ୍ଦ୍ର ମଲ୍ଲିକ୍(୩୬), ଚୌଦ୍ୱାର ଥାନା ଶାଳଗାଁର ଗୋପୀନାଥ ବେହେରା ଓ ସାନଚାଞ୍ଚୋ ଗ୍ରାମର କିଶୋର ପରିଡ଼ା(୩୩)। ଏମାନଙ୍କ ନିକଟରୁ ୫ହଜାର ୪୦୦ଟଙ୍କା, ୨ଟି ବାଇକ୍ ଓ ୪ଟି ମୋବାଇଲ ଫୋନ୍ ଜବତ ହୋଇଛି।

ସୂଚନା ଅନୁଯାୟୀ, ମ୍ୟାନେଜର ଆଶିଷ କୁମାର ମିଶ୍ର ଗତ ଡିସେମ୍ବର ୫ ରେ ଚୌଦ୍ୱାର ନିକଟସ୍ଥ କୁଜିବର ଗ୍ରାମରୁ ହିତାଧିକାରୀଙ୍କ ଠାରୁ ଋଣଟଙ୍କା ଆଦାୟ କରି ସନ୍ଧ୍ୟାରେ ଅଫିସକୁ ଫେରୁଥିଲେ। ଏହି ସମୟରେ କୁଜିବର-ନୂଆଗାଁ ରାସ୍ତାର ଏକ ନିଛାଟିଆ ସ୍ଥାନରେ ୨ଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇବା ସହିତ ମାରଣାସ୍ତ୍ର ଦେଖାଇ ୩୮ହଜାର ୮୯୮ଟଙ୍କା ଛଡ଼ାଇ ନେଇ ଫେରାର ହୋଇଯାଇଥିଲେ। ଆଶିଷଙ୍କ ଅଭିଯୋଗକ୍ରମେ ଚୌଦ୍ୱାର ପୋଲିସ ଏକ ମାମଲା(ନଂ.୪୯୮/୧୯)ରୁଜୁ କରି ତଦନ୍ତ ଚଳାଇଥିଲା। ଏସ୍ଆଇ ପାର୍ଥପ୍ରତିମ ବେଉରା ଘଟଣାର ତଦନ୍ତ କରି ବିଭିନ୍ନ ସ୍ଥାନରୁ ୪ଜଣଙ୍କୁ ଗିରଫ କରିଥିଲେ। ଗିରଫ ଅଭିଯୁକ୍ତଙ୍କ ନାମରେ ବିଭିନ୍ନ ଥାନାରେ ଆପରାଧିକ ମାମଲା ଥିବା ପୋଲିସ କହିଛି।

### ଲୋକଙ୍କ ପାଇଁ ଗୋପଦ ଅଭିଯାନ

**କଟକ ଅଫିସ, ୨୧।୧:** ଜିଲା ପ୍ରଶାସନ ଦ୍ୱାରା ଚାଲୁଥିବା ଗୋପଦ ଅଭିଯାନ ସମ୍ପର୍କରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ମଙ୍ଗଳବାର ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। ଲୋକଙ୍କ ପାଖରେ ପହଞ୍ଚି ସେମାନଙ୍କର ସମସ୍ୟା ସମାଧାନ କରିବା ଏହି ଅଭିଯାନର ଲକ୍ଷ୍ୟ। ଏଥିପାଇଁ ଜିଲା ପ୍ରଶାସନ ଓ କଟକ ମହାନଗର ନିଗମକୁ ସାମିଲ କରାଯାଇଛି। ଏହି ଅଭିଯାନ ପୂର୍ଣ୍ଣମାତ୍ରାରେ ସଫଳ ହୋଇ ନ ଥିଲେ ବି ଏଥିରୁ କିଛି ପରିମାଣରେ ଜନସାଧାରଣ ଉପକୃତ ହୋଇଥିଲେ। ଶିଶୁ, ମହିଳା, ଭିନ୍ନକ୍ଷମ, ରୋଗାକ୍ରାନ୍ତ ଆଦି ଦୁର୍ବଳ ଶ୍ରେଣୀର ଲୋକଙ୍କ ଜୀବନଧାରଣର ମାନରେ ପରିବର୍ତ୍ତନ ଆଣିବା ପାଇଁ ଏହି ଅଭିଯାନ ଚାଲୁରହିବ ବୋଲି ଜିଲାପାଳ ଚୟନୀ କହିଥିଲେ। ଏହି ଗୋପଦ ଅଭିଯାନରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ କାର୍ଯ୍ୟ କରିବେ। ଜିଲା ପ୍ରଶାସନ କିପରି ପରିବର୍ତ୍ତନର ମୁଖ୍ୟ ବାହକ ହୋଇପାରିବ ସେ ଦିଗରେ ଗୋପଦ ଅଭିଯାନ କାର୍ଯ୍ୟ କରିବ ଜିଲାପାଳ ଚୟନୀ ସୂଚନା ଦେଇଥିଲେ।

### ଆନ୍ତଃ ବିଦ୍ୟାଳୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ: ଭକ୍ତମଧୁ ଚାମ୍ପିୟନ

**ଚୌଦ୍ୱାର,୨୧।୧(ଡି.ଏନ୍.ଏ.):** ଚୌଦ୍ୱାର ସ୍ପୋର୍ଟସ୍ କାଉନ୍‌ସିଲ ପକ୍ଷରୁ ଆନ୍ତଃ ବିଦ୍ୟାଳୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଓଟିଏମ୍ ପଡ଼ିଆରେ ଦୀର୍ଘ ୫ଦିନ ଧରି ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ କଟକର ଭକ୍ତମଧୁ ବିଦ୍ୟାପୀଠ ଚାରବାଟିଆ କେନ୍ଦ୍ରୀୟ ବିଦ୍ୟାଳୟକୁ ହରାଇ ଚାମ୍ପିୟନ ହୋଇଛି। ସ୍ପୋର୍ଟସ୍ କାଉନସିଲର ଯୁଗ୍ମ ସମ୍ପାଦକ ଭୈରବ କେତନ ମହାନ୍ତିଙ୍କ ପୌରୋହିତ୍ୟରେ ମଙ୍ଗଳବାର ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ ଉତ୍ସବରେ ଗଣିତ ବିଶାରଦ ଗୋପାଳକୃଷ୍ଣ ଧଳ ଅତିଥିଭାବେ ଯୋଗଦେଇ ବିଜୟୀ ଭକ୍ତମଧୁ ଦଳକୁ ଟ୍ରଫି ଓ କେନ୍ଦ୍ରୀୟ ବିଦ୍ୟାଳୟ ଟିମ୍‌କୁ ରନର୍ସ କପ୍ ପ୍ରଦାନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ବିଦ୍ୟାଳୟର ଫୁଟବଲ୍ ଟିମ୍ ଅଂଶଗ୍ରହଣ କରିଥିଲେ।

# 'ସିଲ୍‌ଭର୍ ସିଟି'କୁ କଟକ ଚିନ୍ତା




ଆମ କ୍ଲବ

**କଟକକୁ ଭଲ ପାଇ ବସିଛନ୍ତି କିଛି ଯୁବଗୋଷ୍ଠୀ। ରାସ୍ତାଘାଟ ଅଳିଆ ହେବାଠାରୁ ଆରମ୍ଭ କରି କଟକରୁ ସରକାରୀ ଦପ୍ତରଗୁଡ଼ିକ ସ୍ଥାନାନ୍ତରିତ ହେବା ପ୍ରସଙ୍ଗକୁ ନେଇ ପ୍ରତିବାଦର ସ୍ୱର ଉଠାଉଛନ୍ତି। ଯେଉଁ ଛକରେ ଜେବ୍ରା ଲାଇନ୍ ଲିଭି ଯାଇଛି ତାହାକୁ ନିଜ ଖର୍ଚ୍ଚରେ ରଙ୍ଗ ଦେଉଛନ୍ତି। ଯେଉଁଠି ଜାଇକାର କାମ ଚାଲିଛି ସେଠାରେ ନିଜ ଉଦ୍ୟମରେ ଲଗାଉଛନ୍ତି ସଚେତନତା ଫଳକ। ଏହିସବୁ କାର୍ଯ୍ୟ କରୁଥିବା କ୍ଲବର ନାଁ ହେଉଛି 'ସିଲଭର ସିଟି'। ପୂର୍ବରୁ ଏକ ଢ଼ଗ ଥିଲା କଟକର ଚିନ୍ତା ବାଇମୁଣ୍ଡିକୁ। ଏହି ଢ଼ଗକୁ ଯଥାର୍ଥ କରିବା ଭଳି ଏବେ 'ସିଲଭର ସିଟି' କ୍ଲବ ସହରବାସୀଙ୍କ ପାଇଁ ଯଥେଷ୍ଟ ଉଦ୍ୟମ କରୁଥିବା ଦେଖିବାକୁ ମିଳୁଛି।**

**କଟକ ଅଫିସ,୨୧।୧**

କିଛିଦିନ ତଳେ ପୁରୀଘାଟ ନିକଟ ଏକ ଗୋଦାମଘରେ ନିଆଁ ଲାଗିଥାଏ। ଅଗ୍ନିଶମ କର୍ମଚାରୀମାନେ ନିଆଁ ଆୟତ୍ତ କରିବାକୁ ପ୍ରାଣପଣେ ଚେଷ୍ଟା କରୁଥାନ୍ତି। ହଠାତ୍ ଦେଖିବାକୁ ମିଳିଲା କିଛି ଯୁବଗୋଷ୍ଠୀ ଏକଜୁଟ ହୋଇ ଏହି ନିଆଁ ଲିଭାଇବାକୁ ଚେଷ୍ଟା କରୁଛନ୍ତି। କିଏ ବାଲି ପକାଉଛି ତ କିଏ ପାଣି ଢାଳୁଛି। ଅନ୍ୟକେହି ଅଗ୍ନିଶମ କର୍ମଚାରୀଙ୍କୁ ସହାୟତା କରୁଛନ୍ତି। ଆଉ କିଛିଜଣ ଭିଡ଼ ନିୟନ୍ତ୍ରଣ କରିବା ପାଇଁ ଟ୍ରାଫିକ ଦାୟିତ୍ୱ ହାତକୁ ନେଇଛନ୍ତି। ପାର୍ବଣଠାରୁ ନେଇ ବିଭିନ୍ନ ଅସୁବିଧା ସମୟରେ ମଧ୍ୟ ଏହି କ୍ଲବର କାର୍ଯ୍ୟକଳାପ ସହରବାସୀଙ୍କୁ ଆକୃଷ୍ଟ କରିଛି।

ଫେସ୍‌ବୁକ ମାଧ୍ୟମରେ ଏହି କ୍ଲବର ମୂଳଦୂଆ ପଡ଼ିଥିଲା। ବ୍ୟଙ୍ଗାତ୍ମକ, ସଚେତନତାମୂଳକ ପୋଷ୍ଟ କରି ଏହି ଗ୍ରୁପ ରାଜ୍ୟରେ ଅଳ୍ପଦିନରେ ପରିଚୟ ସୃଷ୍ଟି କରିଥିଲା। ସୋସିଆଲ ମିଡ଼ିଆ ସହିତ ସାମାଜିକ କାର୍ଯ୍ୟ କରିବାକୁ ଗ୍ରୁପର ସଦସ୍ୟମାନେ ମନସ୍ଥ କରିଥିଲେ। ଏହିଠାରୁ ଆରମ୍ଭ ହୋଇଥିଲା କ୍ଲବ। ୨୦୧୭ ସେପ୍ଟେମ୍ବର ୨୭ ତାରିଖରେ ଏହି କ୍ଲବ ଗଠନ ହୋଇଥିଲା। ଏବେ ଏଠାରେ ୬୦ଜଣ ନିୟମିତ ସଦସ୍ୟ ଅଛନ୍ତି, ଯେଉଁମାନେ ବିଭିନ୍ନ କାର୍ଯ୍ୟକ୍ରମରେ ଲୋକଙ୍କୁ ସହଯୋଗ କରୁଛନ୍ତି। କ୍ଲବର ପ୍ରତିଷ୍ଠାତା ସିଡିଏ ଅଞ୍ଚଳର ଅଭିଜିତ ପୃଷ୍ଟି। ସେ ମାଛୁଆବଜାର ଅଞ୍ଚଳର ମୂଳବାସିନ୍ଦା ହୋଇଥିବାବେଳେ ଏବେ ପୁଣେରେ ଚାକିରି କରୁଛନ୍ତି। ଅଭିଜିତଙ୍କ କହିବା ଅନୁଯାୟୀ, ସାମାଜିକ କାର୍ଯ୍ୟରେ ଅଧିକ ଖୁସି ମିଳୁଛି। ସୋସିଆଲ ମିଡିଆରେ ଆଜିକାଲିର ଯୁବପିଢି ସୀମିତ ରୁହନ୍ତୁ ନାହିଁ। ସମାଜରେ ଅନେକ ସମସ୍ୟାର ରହିଛି। ଏହାର ସମାଧାନ ପାଇଁ ସମସ୍ତେ ଆଗଭର ହୁଅନ୍ତୁ। ଗତ ବାଲିଯାତ୍ରାରେ କ୍ଲବ ପକ୍ଷରୁ ଏକ ଷ୍ଟଲ ପଡ଼ିଥିଲା। ଯେଉଁଠାରେ କଟକକୁ ଆଧାର କରି ବିଭିନ୍ନ କ୍ୱୋଟ୍‌ସ ଲେଖା ହୋଇଥିବା ଶାର୍ଟ ବିକ୍ରି କରାଯାଇଥିଲା। ଏହି କ୍ଲବର ସଦସ୍ୟମାନେ ନିରାଶ୍ରୟଙ୍କୁ କମ୍ବଳ ଓ ଖାଦ୍ୟ ବଣ୍ଟନ କରୁଛନ୍ତି। ଏବେ ଏକ ଦୃଷ୍ଟାନ୍ତମୂଳକ କାର୍ଯ୍ୟ କ୍ଲବ ପକ୍ଷରୁ ହାତକୁ ନିଆଯାଇଛି। ସହରରେ ଅବହେଳିତ ଅବସ୍ଥାରେ ଥିବା ପ୍ରାଚୀନ ମନ୍ଦିରଗୁଡ଼ିକୁ ସଫେଇ କରିବାକୁ ଉଦ୍ୟମ କରାଯାଉଛି। 'ସିଲଭର ସିଟି' କ୍ଲବକୁ ବିଭିନ୍ନ ନାମୀଦାମୀ ବ୍ୟକ୍ତି ସହାୟତାର ହାତ ବଢାଇଥିବା ଉଦାହରଣ ରହିଛି।

**ରିପୋର୍ଟ– କୁମାରଶ୍ରୀ ସାହୁ**

### ଛାତ୍ରୀଙ୍କୁ ଅସଦାଚରଣ ମାମଲାରେ ଅଧ୍ୟାପକ କୋର୍ଟଚାଲାଣ

**କଣ୍ଟାପଡ଼ା,୨୧।୧(ଡି.ଏନ୍.ଏ.):** ଓଲଟପୁର ଥାନା ଅଞ୍ଚଳର ଜଣେ ନାବାଳିକା କଲେଜ ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ମଙ୍ଗଳବାର ପୋଲିସ ଜଣେ ଅଧ୍ୟାପକଙ୍କୁ କୋର୍ଟ ଚାଲାଣ କରିଛି। ସେ ହେଲେ ନିଆଳି ଥାନା ଅଞ୍ଚଳର ଅରୁଣ କୁମାର ସ୍ୱାଇଁ। ଯୁକ୍ତ ୨ ରେ ପଢୁଥିବା ଛାତ୍ରୀଜଣକ କଲେଜ ନିକଟରେ ଥିବା ଅଧ୍ୟାପକ ସ୍ୱାଇଁଙ୍କ କୋଚିଂ ସେଣ୍ଟରକୁ ଟିଉଶନ ପାଇଁ ଯାଇଥାନ୍ତି। ଗତ ୩ଦିନ ହେବ ଛାତ୍ରୀଜଣକ କଲେଜକୁ ନ ଯିବାରୁ ଘରଲୋକ ଘଟଣା ସମ୍ପର୍କରେ ଜାଣିବାକୁ ଚାହିଁଥିଲେ। ସମ୍ପୃକ୍ତ ଅଧ୍ୟାପକ ତାଙ୍କୁ ଏକାଧିକବାର ଅସଦାଚରଣ କରିଥିବା ସମ୍ପର୍କରେ ଛାତ୍ରୀଜଣକ ଘରଲୋକଙ୍କୁ କହିଥିଲେ। ସୋମବାର ଛାତ୍ରୀଜଣକ ଓଲଟପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା(ନଂ.୯/୨୦) ରୁଜୁକରି ସମ୍ପୃକ୍ତ ଅଧ୍ୟାପକଙ୍କୁ ଗିରଫ କରିଥିଲା। ସୂଚନାଥାଉ କି, ୨୦୧୬ରେ ଅନ୍ୟ ଜଣେ ଛାତ୍ରୀଙ୍କୁ ସମ୍ପୃକ୍ତ ଅଧ୍ୟାପକ ଅସଦାଚରଣ କରିଥିବା ନେଇ ଓଲଟପୁର ଥାନାରେ ଅଭିଯୋଗ ହୋଇଥିଲା। ଏକ ମାମଲା (ନଂ.୯୬/୧୬) ରୁଜୁ ହୋଇଥିଲା।



ସାଧାରଣତନ୍ତ୍ର ଦିବସ ଅବ୍ୟବହିତ ପୂର୍ବରୁ ମଙ୍ଗଳବାର କଟକ ବାରବାଟୀ ଷ୍ଟାଡିୟମ୍‌ରେ ଜିଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ପରେଡ୍ ଅଭ୍ୟାସରେ ଭାଗ ନେଇଥିବା ଛାତ୍ରୀଛାତ୍ର।

## ବାଲିଘାଟ ଉପରେ ହାଇକୋର୍ଟଙ୍କ ରହିତାଦେଶ

**କଟକ ଅଫିସ, ୨୧।୧**

କଟକରେ ବାଲିଘାଟକୁ ନେଇ ଟଣାଓଟରା ଲାଗି ରହିଛି। କେଉଁଠି ବେଆଇନ ବାଲି ଚାଲାଣକୁ ନେଇ ଜରିମାନା କରାଯାଉଛି ତ ଆଉ କେଉଁଠି ଘାଟ ନିଲାମକୁ ନେଇ କୋର୍ଟରେ ମାମଲା ହେଉଛି। ଏବେ କଟକ ସଦର ତହସିଲ ଅଧୀନ ସୁଭଦ୍ରାପୁର ବାଲିଘାଟକୁ ନେଇ ଆଇନଗତ ଦ୍ୱନ୍ଦ୍ୱ ଉପୁଜିଛି। ସୂଚନାଥାଉ କି, ୨୦୧୭ ମସିହାରେ ଏହି ଘାଟର ଟେଣ୍ଡର ହୋଇଥିଲା। ଟେଣ୍ଡରଧାରୀ ଘାଟରୁ ବାଲି ଉତ୍ତୋଳନ କରିବାକୁ ଯିବା ସମୟରେ ବିବାଦ ଉପୁଜିଥିଲା। କାରଣ ସମ୍ପୃକ୍ତ ଟେଣ୍ଡରଧାରୀ ଆଉଏକ ଘାଟରୁ ବେଆଇନ ଭାବେ ବାଲି ଉଠାଉଥିବା ନେଇ ତତ୍କାଳୀନ ସଦର ତହସିଲଦାର ତାଙ୍କ ଉପରେ ୩୨ ଲକ୍ଷ ଟଙ୍କା ଜରିମାନା କରିଥିଲେ। ତେଣୁ ଉକ୍ତ ଟଙ୍କା ନ ଶୁଝିବା ପର୍ଯ୍ୟନ୍ତ ସୁଭଦ୍ରାପୁର ଘାଟରୁ ବାଲି ଉଠାଇବା ପାଇଁ ଅନୁମତି ମିଳିବ ନାହିଁ ବୋଲି ତହସିଲଦାର କହିଥିଲେ। ଏହାପରେ ଘାଟଧାରୀ କିସ୍ତିୱାରି ଜରିମାନା ଟଙ୍କା ଶୁଝିବାକୁ ତହସିଲଦାରଙ୍କ ସହିତ ଚୁକ୍ତି କରିଥିଲେ। ମାତ୍ର ପରବର୍ତ୍ତୀ ସମୟରେ ଟେଣ୍ଡରଧାରୀଙ୍କ ଟେଣ୍ଡରକୁ ବାତିଲ କରି ତହସିଲ ପକ୍ଷରୁ ଆଉ ଜଣେ ବ୍ୟକ୍ତିଙ୍କୁ ଘାଟରୁ ବାଲି ଉଠାଇବା ପାଇଁ ଚୁକ୍ତି କରାଯାଇଥିଲା। ଉକ୍ତ ଚୁକ୍ତି ବିରୋଧରେ ନିଲାମଧାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଉକ୍ତ ଚୁକ୍ତି ଉପରେ ରହିତାଦେଶ ଜାରି କରିଥିଲେ। ଗତ ନଭେମ୍ବରରେ ରହିତାଦେଶ ଉଠିଯାଇଥିଲା। ଫଳରେ ପୂର୍ବ ଟେଣ୍ଡରଧାରୀ ଓ ଚୁକ୍ତିଧାରୀଙ୍କ ମଧ୍ୟରେ ଟଣାଓଟରା ଲାଗିଥିଲା। ଏଭଳି ଟଣାଓଟରା ଫଳରେ ଜାନୁୟାରୀ ପ୍ରଥମ ସପ୍ତାହରେ ତହସିଲ ପକ୍ଷରୁ ଚୁକ୍ତିଧାରୀଙ୍କୁ ବାଲିଉଠାଣ ପାଇଁ ଅନୁମତି ଦିଆଯାଇଥିଲା। ଫଳରେ ପ୍ରଥମ ନିଲାମଧାରୀ ପୁଣି ଥରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ଶୁଣାଣି କରି ହାଇକୋର୍ଟ ଗତ ୧୬ ତାରିଖରେ ଉକ୍ତ ଘାଟ ଉପରେ ରହିତାଦେଶ ଜାରି କରିଛନ୍ତି।

### ଜାତୀୟ କନ୍ୟା ସନ୍ତାନ ସପ୍ତାହ ପାଳିତ

**କଟକ ଅଫିସ, ୨୧।୧:** ଜାତୀୟ କନ୍ୟା ସନ୍ତାନ ସପ୍ତାହ ଉପଲକ୍ଷେ ବେଟି ବଚାଓ, ବେଟି ପଢାଓ କାର୍ଯ୍ୟକ୍ରମ ଜିଲା ସଦ୍‌ଭାବନା ଗୃହରେ ମଙ୍ଗଳବାର ଶୁଭାରମ୍ଭ ହୋଇଛି। ଜିଲାପାଳ ଭବାନୀ ଶଙ୍କର ଚୟନୀ ଏହାକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଜାତୀୟ କନ୍ୟା ସନ୍ତାନ ଦିବସ ସପ୍ତାହ ଗତ ୨୦ରୁ ୨୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି। କନ୍ୟା ସନ୍ତାନର ସୁରକ୍ଷା ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବା ପାଇଁ ସପ୍ତାହବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ କରାଯିବାକୁ ଯୋଜନା ପ୍ରସ୍ତୁତ କରାଯାଇଛି। ଏହି ଉପଲକ୍ଷେ 'ବେଟି ବଚାଓ ଓ ବେଟି ପଢାଓ'ର ଲୋଗୋ ଥିବା ଷ୍ଟିକର ଜିଲାପାଳ, ଅତିରିକ୍ତ ଜିଲାପାଳ ଏବଂ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ଜିଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତି ମହାନ୍ତି, ଶିଶୁ ସୁରକ୍ଷା ୟୁନିଟ୍‌ର କର୍ମକର୍ତ୍ତା ଗୌତମ ମହାପାତ୍ର, ଦେବସ୍ମିତା ନାୟକ, ଶୁଭଲକ୍ଷ୍ମୀ ମିଶ୍ର, କଂଗ୍ରେସ କୁମାର ରାଉତ, ଦେବଯାନୀ ଶରଣ, ସ୍ୱାଗତିକା ବିଶ୍ୱାଳ ଓ ସନ୍ଦୀପ କୁମାର ବିଷୋୟୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବାର୍ଷିକୋତ୍ସବକୁ ନେଇ ବିକ୍ଷୋଭ



ନେତାଜୀ ସୁଭାଷ ସ୍ମାରକୀ ସିଟି କଲେଜ ସମ୍ମୁଖରେ ଛାତ୍ରୀଛାତ୍ରଙ୍କ ବିକ୍ଷୋଭ।

**କଟକ ଅଫିସ,୨୧।୧**

ରାଜାବଗିଚାସ୍ଥିତ ନେତାଜୀ ସୁଭାଷ ସ୍ମାରକୀ ସିଟି କଲେଜରେ ବାର୍ଷିକ ଉତ୍ସବକୁ ନେଇ ମଙ୍ଗଳବାର ଛାତ୍ରୀଛାତ୍ରମାନେ ମୁଖ୍ୟ ଫାଟକରେ ତାଲା ପକାଇବା ସହିତ ଟାୟାର ଜାଳି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହାକୁ ନେଇ କଲେଜ ପରିସରରେ ଚାପା ଉତ୍ତେଜନା ସୃଷ୍ଟି ହୋଇଥିଲା। ବାଦାମବାଡି ପୋଲିସ ପହଞ୍ଚି କଲେଜ କର୍ତ୍ତୃପକ୍ଷ ଓ ଧାରଣାରତ ଛାତ୍ରୀଛାତ୍ରଙ୍କ ସହିତ ଆଲୋଚନା କରି ଘଟଣାର ସମାଧାନ କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ମିଳିଥିବା ସୂଚନା ଅନୁଯାୟୀ, ଆସନ୍ତା ୨୩ ତାରିଖରେ କଲେଜର ବାର୍ଷିକ ଉତ୍ସବ ପାଳନ କରାଯିବ। ଏ ନେଇ କଲେଜ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ମାତ୍ର ବାର୍ଷିକ ଉତ୍ସବରେ ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରୀଛାତ୍ରଙ୍କୁ ନିଜର ପ୍ରତିଭା ଦେଖାଇବା ପାଇଁ ସୁଯୋଗ ଦିଆଯାଉନାହିଁ। ଏହାଛଡା କୌଣସି ଛାତ୍ରୀଛାତ୍ରଙ୍କ ସହିତ ଉତ୍ସବକୁ ନେଇ କଲେଜ କର୍ତ୍ତୃପକ୍ଷ ଆଲୋଚନା କରି ନ ଥିବା ସେମାନେ ଅଭିଯୋଗ କରି ଅଧକ୍ଷଙ୍କୁ ବଦଳି ପାଇଁ ସ୍ଲୋଗାନ ଦେଇଥିଲେ। ଏ ନେଇ ଅଧ୍ୟକ୍ଷ ଡ. ଦେବାଶିଷ ଜେନା କୁହନ୍ତି, ସମସ୍ତ ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ପ୍ରତିଭା ଦେଖାଇବା ପାଇଁ ସୁଯୋଗ ଦିଆଯାଇଛି। ହେଲେ କିଛି ନିର୍ଦ୍ଦିଷ୍ଟ ଛାତ୍ରୀଛାତ୍ର କଲେଜରେ ଅଶାନ୍ତିକର ବାତାବରଣ ସୃଷ୍ଟି କରୁଛନ୍ତି। ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଟୁଲସୀପୁର ଅଞ୍ଚଳରୁ ଶିଶୁକନ୍ୟା ଉଦ୍ଧାର

**ମା' ମୃତ, ବାପା ଜେଲରେ**

**କଟକ ଅଫିସ, ୨୧।୧**

ବିଡାନାସୀ ଥାନା ଅନ୍ତର୍ଗତ ଟୁଲସୀପୁର ଅଞ୍ଚଳରୁ ଜଣେ ୪ ବର୍ଷର ଶିଶୁକନ୍ୟାଙ୍କୁ ମଙ୍ଗଳବାର ଉଦ୍ଧାର କରାଯାଇଛି। ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ମିନତୀ ବେହେରାଙ୍କ ନିର୍ଦ୍ଦେଶକ୍ରମେ ଚାଇଲ୍ଡ ଲାଇନ ପକ୍ଷରୁ ଏହି ଶିଶୁକନ୍ୟାଙ୍କୁ ଉଦ୍ଧାର କରାଯାଇଥିଲା। ପରେ ଶିଶୁକନ୍ୟାଙ୍କୁ ଜିଲା ଶିଶୁ ସୁରକ୍ଷା କମିଟି ନିକଟରେ ଉପସ୍ଥାପନ କରାଯାଇ ବସୁନ୍ଧରା ମୁକ୍ତାଶ୍ରୟ କେନ୍ଦ୍ରରେ ଅସ୍ଥାୟୀ ଭାବେ ଥଇଥାନ କରାଯାଇଛି।

ସୂଚନାଥାଉ କି, ଶିଶୁକନ୍ୟାଙ୍କ ମା' ହେଉଛନ୍ତି ଗାୟତ୍ରୀ ରଣା(୩୭)। ଗତ ୧୮ ତାରିଖରେ ମଠସାହି ନିକଟସ୍ଥ ଏକ ଗଛରୁ ଗାୟତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଥିଲା। ଗାୟତ୍ରୀଙ୍କ ଭାଇ ଅଭିଯୋଗ କରିଥିଲେ, ତାଙ୍କ ଭଉଣୀଙ୍କୁ ଶାଶୁଘର ଲୋକେ ହତ୍ୟା କରିଛନ୍ତି। ଏହି ଅଭିଯୋଗରେ ପୋଲିସ ଗାୟତ୍ରୀଙ୍କ ସ୍ୱାମୀ ନିତିପ୍ରକାଶଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଗାୟତ୍ରୀଙ୍କ ଏକ ୮ ବର୍ଷର ପୁଅ ତାଙ୍କ ବାପଘର ଦେବଗଡ଼ରେ ରହୁଥିବା ଜଣାପଡ଼ିଛି। ଏ ସମ୍ପର୍କରେ ମହିଳା କମିଶନରେ ଗାୟତ୍ରୀଙ୍କ ଭାଇ ଅଭିଯୋଗ କରିଥିଲେ।

### ମେଧାବୃତ୍ତି ପ୍ରଦାନ ଉତ୍ସବ

**ଚୌଦ୍ୱାର,୨୧।୧(ଡି.ଏନ୍.ଏ.):** ଟାଙ୍ଗୀ–ଚୌଦ୍ୱାର ବ୍ଲକ ଶାଳଗାଁ ପଞ୍ଚାୟତର ଷ୍ଟାର କ୍ଲବ ପକ୍ଷରୁ ମେଧାବୃତ୍ତି ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ କ୍ଲବ ସଭାପତି ତୁଷାର କାନୁନ୍‌ଗୋ ଓ ଉଲ୍ଲାସ ଚନ୍ଦ୍ର କାନୁନ୍‌ଗୋ ଅଞ୍ଚଳର ମେଧା ଛାତ୍ରୀଛାତ୍ରଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ରାଜ୍ୟସ୍ତରୀୟ ପଠାଣିସାମନ୍ତ ମେଧାବୃତ୍ତିରେ ସମ୍ମାନିତ ଶ୍ରୀମାନ ଦିବ୍ୟପ୍ରସାଦ ଦାସ ଓ ସୁଶ୍ରୀ ଅଭୀପ୍ସା ମହାନ୍ତିଙ୍କୁ କ୍ଲବ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ଥାନୀୟ ସାଧୁସୁନ୍ଦର ବିଦ୍ୟାପୀଠର ମେଧା ଓ ଆର୍ଥିକ ଦୁର୍ବଳ ଥିବା ଛାତ୍ରୀଛାତ୍ରଙ୍କୁ ସ୍ୱର୍ଗତ କ୍ଷୀରୋଦଚନ୍ଦ୍ର ଓ ମହେନ୍ଦ୍ରମଣି ମେଧା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଯତୀନ୍ଦ୍ର କାନୁନ୍‌ଗୋ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥିଭାବେ ଯୋଗଦେଇଥିଲେ। କାନାଡା ଅଧିବାସୀ ମିସ୍ ଲୀରା, ମିଷ୍ଟର ବବି, ମାଷ୍ଟର ନାଥାନଙ୍କ ସମେତ କ୍ଲବର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ନାଟକରେ ସଚେତନତା ବାର୍ତ୍ତା

**କଟକ ଅଫିସ, ୨୧।୧**

ଥିଏଟର ମୁଭମେଣ୍ଟ ଆନୁକୂଲ୍ୟରେ କଟକ କଳା ବିକାଶ କେନ୍ଦ୍ରଠାରେ ଚାଲିଥିବା ୨୩ତମ ଗ୍ଲୋବାଲ ଥିଏଟର ଫେଷ୍ଟିଭାଲର ମଙ୍ଗଳବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଏହି ସନ୍ଧ୍ୟାରେ ବହୁ ନାଟକ ମଞ୍ଚସ୍ଥ ହୋଇଥିଲା। ପଶ୍ଚାତ୍ୟକରଣକୁ ଆପଣେଇ ଦେଶୀ ମଣିଷ କିଭଳି ନାନା ଅସୁବିଧାରେ ପଡୁଛି ଓ ପରେ ନିଜର ଭୁଲ ବୁଝିପାରି ସ୍ୱଦେଶୀ ହେବାକୁ ଇଚ୍ଛା କରିଛି। ସମସ୍ତଙ୍କ ଉପକାର କରିବା ପାଇଁ ସଚେତନତାର ବାର୍ତ୍ତା ଦେଉଛି ତାହା ଥିଲା ଝାଡଖଣ୍ଡର କାଳାକାରମାନଙ୍କ ଦ୍ୱାରା ମଞ୍ଚସ୍ଥ ହୋଇଥିବା ନାଟକ 'ଭଟକ ତେ ଲୋଗ'ର ବିଷୟବସ୍ତୁ। ଏହି ନାଟକ ସମାଜରେ ଥିବା ଲୋକମାନଙ୍କୁ ସଚେତନତା ବାର୍ତ୍ତା ଦେଇଥିଲା। ଓଡ଼ିଶା, ଆସାମ ମଣିପୁର, ମହାରାଷ୍ଟ୍ର, ଝାଡଖଣ୍ଡ, ନେପାଳ, ପଶ୍ଚିବଙ୍ଗର କଳାକାରମାନେ ବିଭିନ୍ନ ନାଟକ ଓ ନୃତ୍ୟ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ତମ୍ଭକାର ଅରୁଣ କୁମାର ପଣ୍ଡା ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଗଣେଶ ଦାସ ଓ ମିତ୍ରଭାନୁ ମହାନ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରଶାନ୍ତ କୁମାର ସାହୁ ଓ ନିରଞ୍ଜନ ଆରୁକ ମଞ୍ଚ ପରିଚାଳନା କରିଥିଲେ।

**ଗ୍ଲୋବାଲ ଥିଏଟର ଫେଷ୍ଟିଭାଲର ଦ୍ୱିତୀୟ ସନ୍ଧ୍ୟା**




# ଯୁକ୍ତ ଦୁଇ ପ୍ରଥମବର୍ଷ ପାସ୍‌ଫେଲ୍‌ର ପୁନର୍ବିଚାର ହେବ: ମନ୍ତ୍ରୀ

**ଭୁବନେଶ୍ୱର,୨୧।୧(ବ୍ୟୁରୋ)**

ଯୁକ୍ତ ଦୁଇ ପ୍ରଥମବର୍ଷ ପରୀକ୍ଷାରେ ପାଶ୍‌ଫେଲ୍ ବ୍ୟବସ୍ଥାକୁ ନେଇ ଦିନକୁଦିନ ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ ତୀବ୍ର ହେବାରେ ଲାଗିଛି। ଏଭଳି ବିରୋଧ ବଢୁଥିବାରୁ ଶେଷରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି, ପିଲାମାନେ ଯଦି ପ୍ରସ୍ତୁତ ହୋଇନାହାନ୍ତି ତେବେ ଏହି ନିଷ୍ପତ୍ତିରେ ପୁନର୍ବିଚାର କରାଯିବ। ତେଣୁ ଛାତ୍ରୀଛାତ୍ରମାନେ ଭୟଭୀତ ହେବାର କିଛି କାରଣ ନାହିଁ। ଆସନ୍ତାବର୍ଷ ଏହି ବ୍ୟବସ୍ଥା କରାଯିବାକୁ ଯୋଜନା କରାଯିବ।

ପରୀକ୍ଷା ବାତିଲ କରିବା ଦାବିରେ ମଙ୍ଗଳବାର ରମାଦେବୀ ମହିଳା ଜୁନିୟର କଲେଜ ପ୍ରଥମବର୍ଷର ଛାତ୍ରୀ ଏବଂ ଚନ୍ଦ୍ରଶେଖରପୁର ସ୍ଥିତି ଆଚାର୍ଯ୍ୟ ହରିହର କଲେଜର ପ୍ରଥମବର୍ଷ ଛାତ୍ରୀଛାତ୍ରମାନେ ରାଜରାସ୍ତାକୁ ଓହ୍ଲାଇଛନ୍ତି। ରମାଦେବୀ ମହିଳା ଜୁନିୟର କଲେଜର ଛାତ୍ରୀମାନେ ବିଶ୍ୱବିଦ୍ୟାଳୟ ଗେଟରେ ତାଲା ପକାଇ ରୂପାଲି ଛକ ଏବଂ ଶହୀଦନଗର ରାସ୍ତାକୁ ଅବରୋଧ କରିଥିଲେ। ଏପରି କି ଛାତ୍ରୀମାନେ ରାସ୍ତା ଉପରେ ଟାୟାର ଜାଳି ବସି ରହିଥିଲେ। ଫଳରେ ଗାଡି ଚଳାଚଳ ଅଧଘଣ୍ଟା ପାଇଁ ବନ୍ଦ ରହିଥିଲା। ସେହିପରି ମଧ୍ୟ ଚନ୍ଦ୍ରଶେଖରପୁର ଅଞ୍ଚଳରେ ଥିବା ଆଚାର୍ଯ୍ୟହରିହର କଲେଜରେ ମଧ୍ୟ ଛାତ୍ରୀଛାତ୍ରମାନେ ରାଜରାସ୍ତାକୁ ଓହ୍ଲାଇଥିଲେ। ଖବରପାଇ ପୋଲିସ ଏବଂ କଲେଜ କର୍ତ୍ତୃପକ୍ଷ ପହଞ୍ଚି ପିଲାମାନଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

ଆନ୍ଦୋଳନରତ ଛାତ୍ରୀମାନେ କହିଛନ୍ତି ଯେ, ଯଦି ସରକାର ଏଭଳି ନିଷ୍ପତ୍ତି ନେବାର ଥିଲା ତେବେ ପରୀକ୍ଷାର ମାସେ ପୂର୍ବରୁ କାହିଁକି ନେଲେ। ୬ ମାସ ଆଗରୁ ନେଇଥିଲେ କିଛି ଅସୁବିଧା ହୋଇ ନ ଥାନ୍ତା। ଫେବୃୟାରୀ ମାସରେ ପରୀକ୍ଷା ହେବାକୁ ଥିବାବେଳେ ହଠାତ୍ ଜାନୁୟାରୀରୁ ଏମିତି ଘୋଷଣା କରିବା ଠିକ୍ ନୁହେଁ। ଏ ପର୍ଯ୍ୟନ୍ତ ପ୍ରଥମବର୍ଷ ପଢା ଶେଷ ହୋଇନାହିଁ। ତେବେ ପରୀକ୍ଷା କିଭଳି ଦେବୁ ତାହାକୁ ନେଇ ଚିନ୍ତାରେ ପଡିଛୁ। ଛାତ୍ରୀଛାତ୍ରମାନେ ଦାବି କରିଛନ୍ତି ଯେ, ପରୀକ୍ଷା ଏପରି ବ୍ୟବସ୍ଥାରେ କରାଯାଉ, ଯାହା ଦ୍ୱାରା ଛାତ୍ରୀଛାତ୍ରମାନେ ଅସୁବିଧାରେ ପଡିବେ ନାହିଁ। ସହଜରେ ଏବଂ ସୁବିଧାରେ ପରୀକ୍ଷା ଦେଇପାରିବେ। ତେଣୁ ଏବର୍ଷ ପରୀକ୍ଷାକୁ ବାତିଲ କରାଯାଉ ନଚେତ୍ ସମସ୍ତଙ୍କୁ ପାସ୍ କରାଯାଉ ବୋଲି ସେମାନେ ଦାବି କରିଛନ୍ତି।

ସୂଚନାଯୋଗ୍ୟ, ଚଳିତବର୍ଷ ଯୁକ୍ତଦୁଇ ପ୍ରଥମବର୍ଷର ଛାତ୍ରୀଛାତ୍ରମାନେ ୩୩ ପ୍ରତିଶତ ମାର୍କ ନ ରଖିଲେ ଦ୍ୱିତୀୟ ବର୍ଷକୁ ଯାଇପାରିବେ ନାହିଁ। ଏପରିକି ଫେଲ୍ ଛାତ୍ରୀଙ୍କୁ ଦ୍ୱିତୀୟ ଥର ସୁଯୋଗ ଦିଆଯିବ ବୋଲି ଗତ ୧୪ ତାରିଖରେ ଗଣଶିକ୍ଷା ମନ୍ତ୍ରୀ ଦାଶ ଘୋଷଣା କରିଥିଲେ। ଏହାକୁ ନେଇ ୪ଦିନ ତଳେ ପ୍ରଥମେ ବିଜେବି କଲେଜ, ମହର୍ଷି କଲେଜ, ଦେବରାୟ କଲେଜ, ବିଜୁ ପଟ୍ଟନାୟକ କଲେଜ, ଏକାମ୍ର କଲେଜ, ରାଜଧାନୀ କଲେଜ, ଜଟଣୀ କଲେଜ ଆଦି କଲେଜରେ ଛାତ୍ରୀଛାତ୍ର ବିରୋଧ କରି ରାଜରାସ୍ତାକୁ ଓହ୍ଲାଇଥିଲେ।

ଯଦି ଆମେ ସତ୍ ଜୀବନଯାପନ କରିବାକୁ ଚାହିଁବା, ଆମକୁ ମନ ଭିତରେ ଅଳସୁଆମୀକୁ ତ୍ୟାଗ କରି କିଛି ଭଲ ଚିନ୍ତା କରିବାକୁ ପଡ଼ିବ। ତା'ହେଲେ ଆମର ଜୀବନ ଧାରା ସରଳ ହୋଇଯିବ।

- ମହାତ୍ମା ଗାନ୍ଧୀ



# ଆବାସ ଦୁର୍ନୀତି : କାର୍ଯ୍ୟାନୁଷ୍ଠାନ ଦାବିରେ ଆମରଣ ଅନଶନ

## ୧୪ ଦଫା ଦୁର୍ନୀତିର ତଦନ୍ତ ପାଇଁ କମିଶନରଙ୍କୁ ସ୍ମାରକପତ୍ର

**ଖୋର୍ଦ୍ଧା ଅଫିସ, ୨୧।୧**

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ପୋଡାଡିହ ପଞ୍ଚାୟତରେ ବିଭିନ୍ନ ଯୋଜନାରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ମୁଖ୍ୟତଃ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଫନୀ ସହାୟତା, ଏମଜିଏନ୍‌ଆରଇଜିଏସ୍, ବିଜୁ ପକ୍କାଘର, ଭତ୍ତା, ପାଇଖାନା, ରାଶନ ଉପକରଣ ବଣ୍ଟନରେ ଦିର୍ନୀତି ଗନ୍ଧ ବାରି ହୋଇପଡିଛି। ଏ ସମ୍ପର୍କରେ ବାରମ୍ବାର ଅଭିଯୋଗ ପରେ ବ୍ଲକ ଓ ଜିଲା ପ୍ରଶାସନ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାରେ ପଛଘୁଞ୍ଚା ଦେଉଛି। ଏଭଳିସ୍ଥଳେ କୋଟି କୋଟି ଟଙ୍କାର ଦୁର୍ନୀତିର ତଦନ୍ତ କରି ବର୍ତ୍ତମାନର ସରପଞ୍ଚ ଓ ସରକାରୀ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଲୋଅର ପିଏମ୍‌ଜିରେ ବେଗୁନିଆ ବ୍ଲକ ପୋଡାଡିହ ଗାଁର ବିଭୂତି ଭୂଷଣ ଦାଶ ମଙ୍ଗଳବାରଠାରୁ ଆମରଣ ଅନଶନ କରିଛନ୍ତି। ଏ ସମ୍ପର୍କରେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ କମିଶନର ତଥା ପ୍ରମୁଖ ଶାସନ ସଚିବ ଅବଗତ ହେବା ପରେ ବିଭୂତିଙ୍କୁ ଡକାଇ ଆଲୋଚନା କରିଥିଲେ। ବିଭୂତିଙ୍କଠାରୁ ୧୪ ଦଫା ଦୁର୍ନୀତିର ସ୍ମାରକପତ୍ରକୁ ଗ୍ରହଣ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ପୂର୍ବାହ୍ନରୁ ଆରମ୍ଭ କରିଥିବା ଆମରଣ ଅନଶନକୁ ବିଭୂତି ଅପରାହ୍ନରେ ପ୍ରତ୍ୟାହାର କରି ନେଇଥିଲେ।

ଅଭିଯୋଗ ଅନୁସାରେ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କ୍ରମିକ ନମ୍ବରକୁ ବଦଳାଇ ବେନିୟମ ଭାବେ ହିତାଧିକାରୀ ଚୟନ କରାଯାଇ କାର୍ଯ୍ୟାଦେଶ ଦିଆଯାଇଛି। ଏହାର ତଦନ୍ତ କରାଯାଇନି। ତେବେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଅନ୍ୟ ଏକ ଦୁର୍ନୀତିରେ ଜିଲା ପ୍ରଶାସନ ତଦନ୍ତ କରି ୧୨୩ ଅଯୋଗ୍ୟ ହିତାଧିକାରୀଙ୍କ ମଧ୍ୟରୁ ୭୯ ଜଣଙ୍କଠାରୁ କାର୍ଯ୍ୟାଦେଶରେ ଦିଆଯାଇଥିବା ଅନୁଦାନ ଫେରାଇ ଆଣିବାକୁ କହିଥିଲା। ହେଲେ ଏଯାବତ କରାଯାଇନାହିଁ। ଏହାର ଅଂଶବିଶେଷ ୨୦୧୭ରୁ ୨୦୧୯ ମଧ୍ୟରେ ଦୁର୍ନୀତିରେ ଲିପ୍ତ ଥିବା ବିଡିଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ସରପଞ୍ଚଙ୍କୁ ବହିଷ୍କାର



ସାମାଜିକ କର୍ମୀ ବିଭୂତି ଭୂଷଣ ଦାଶଙ୍କ ପକ୍ଷରୁ ପିଏଜିଠାରେ କରିଥିବା ଆମରଣ ଅନଶନ।

କରାଯାଉ। କ୍ରମିକ ନମ୍ବର ବଦଳାଇ ବିଜୁ ପକ୍କାଘର ଯୋଜନାରେ ଅଯୋଗ୍ୟ ହିତାଧିକାରୀ ନେଇଥିବା ସରକାରୀ ଅନୁଦାନକୁ ଫେରାଇ ଅଣାଯାଉ ପରି ଦାବି ରହିଛି। ପୁଣି ୨୦୧୭ରୁ ୨୦୧୯ ମଧ୍ୟରେ ଏମଜିଏନ୍‌ଆରଇଜିଏସର ଅନିୟମିତତା ଓ ଆବାସ ପୁରସ୍କାର ହାତେଇଥିବା ସରପଞ୍ଚ ଓ ଦଲାଲଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କରିବାକୁ ଅନୁରୂପ ଦାବି ରହିଛି। ପଞ୍ଚାୟତ ପ୍ରାଚୀର ନିର୍ମାଣରେ ଅନିୟମିତତା, ପଞ୍ଚାୟତ ପ୍ରାଚୀର ପଥର ନେଇ ମାର୍କେଟ କମ୍ପ୍ଲେକ୍ସ କରିବା ପରି ଘଟଣାର ତଦନ୍ତ, ଫନୀ ସହାୟତାର ଦୁରୁପଯୋଗ ଅଭିଯୋଗ ରହିଛି। ଏକ ହଜାର ଟଙ୍କା ଲାଞ୍ଚ ନେଇ ୯୦୦ ହିତାଧିକାରୀ ଫନୀ ସହାୟତା ଲୁଟି ନେଇଛନ୍ତି। ଏହି ଅନିୟମିତତାରେ ତହସିଲଦାର ଓ ସରପଞ୍ଚ ସମ୍ପୃକ୍ତ ଥିବାର ଅଭିଯୋଗ ରହିଛି। ସେହିଭଳି ଫନୀ ସହାୟତା ପାଇଥିବା ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ଦେବାକୁ ପୁଣି ଲକ୍ଷାଧିକ ଟଙ୍କା ଲାଞ୍ଚ ଆଦାୟ କରାଯାଇଛି। ଫନୀ ସହାୟତା ଟଙ୍କା ଓ ଚାଉଳକୁ ମୃତବ୍ୟକ୍ତିଙ୍କ ନଗଞ୍ଜଧଳେ ନାଁରେ ଓ ପଞ୍ଚାୟତ ବାହାର ଲୋକ ଉଠାଣ କରିଛନ୍ତି। ନିଜର ଘରବାରି ପଟ୍ଟା ଶାରଦ ଜମି ଥାଇ ସରକାରୀ ଜମିରେ ଆବାସ ଯୋଜନା କରାଯାଇଛି। ପୁଣି ପଞ୍ଚାୟତ ନାଁରେ ଥିବା ଖାତା ନଂ ୫୩୭, ପ୍ଲଟ ନଂ ୮ରେ ଥିବା ୨.୭୧୫ ଡେସିମିଲ୍ ଜମି ମଧ୍ୟରୁ ପୂର୍ବ ପ୍ରାଚୀର ଭାଙ୍ଗି ପ୍ରାୟ ୩୦ ଡିସିମିଲ୍ ଜମି ବିକ୍ରୟ କରାଯାଇଛି। ମୃତବ୍ୟକ୍ତିଙ୍କ ନାଁରେ ବର୍ଷ ବର୍ଷ ଧରି ଭତ୍ତା ଟଙ୍କା ହଡପ ଚାଲିଛି। ଜାଲ ଭିନ୍ନକ୍ଷମ ପ୍ରମାଣ ପତ୍ର ଦେଇ ସରକାରୀ ଅନୁଦାନ ଅନୁରୂପ ଭାବେ ହଡପ ହେଉଛି। ପଞ୍ଚାୟତରେ ଜିଆରଏସ୍ ଥିଲେ ମଧ୍ୟ ଦଲାଲ ଫଟୋ ଉଠାଇ ଲାଞ୍ଚ ନେଉଛନ୍ତି। ୨୦୧୭ରୁ ୨୦୧୯ ଆର୍ଥିକ ବର୍ଷ ମଧ୍ୟରେ ନିର୍ମାଣ ହୋଇଥିବା ପାଇଖାନାକୁ ମରାମତି କରି ନୂଆ ଦେଖାଇ ସରକାରୀ ଅନୁଦାନ ହଡପ କରାଯାଇଛି। ୫୦୦ ହିତାଧିକାରୀଙ୍କଠାରୁ ଉତ୍କୋଚ ନେଇ ପାଇଖାନା ବିଲ୍ କରାଯାଇଛି। ଏଭଳି ଏକାଧିକ ଦୁର୍ନୀତି ଘଟଣାର ତଦନ୍ତ ଶୀତଳଭଣ୍ଡାରରେ ପଡି ରହିଛି। ଏ ନେଇ ସାମାଜିକ କର୍ମୀ ବିଭୂତି ଭୂଷଣ ଦାଶ କୁହନ୍ତି, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ କମିଶନର ତଥା ପ୍ରମୁଖ ଶାସନ ସଚିବ ଯଦି କୋଟି କୋଟି ଟଙ୍କାର ଦୁର୍ନୀତିକୁ ପର୍ଦ୍ଦାଫାଶ ନ କରି କାର୍ଯ୍ୟାନୁଷ୍ଠାନ ନେବାରେ ଅଣଦେଖା କଲେ, ପୁଣି ଆମରଣ ଅନଶନ କରିବି। କାର୍ଯ୍ୟାନୁଷ୍ଠାନ ନ ହେଲା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ।

# ଅନାସ୍ଥାରେ ହାରି ପଦ ଛାଡ଼ିଲେ ସରପଞ୍ଚ

**ବାଲିପାଟଣା,୨୧।୧(ଡି.ଏନ୍.ଏ.):**

ବାଲିପାଟଣା ବ୍ଲକ ଅନ୍ତର୍ଗତ ଭାପୁର ପଞ୍ଚାୟତରେ ଦୀର୍ଘ ଦିନ ଧରି ସରପଞ୍ଚ ଏବଂ ୱାର୍ଡ ସଭ୍ୟଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା। ସରପଞ୍ଚଙ୍କ ବିରୋଧରେ ୱାର୍ଡସଭ୍ୟମାନେ ଅନାସ୍ଥା ଆଣିବାକୁ ପ୍ରସ୍ତୁତ ହେଉଥିଲେ। ନିୟମ ଅନୁଯାୟୀ, କାର୍ଯ୍ୟକାଳ ଆରମ୍ଭର ୨ବର୍ଷ ୬ମାସ ପୂର୍ବରୁ ଅନାସ୍ଥା ପ୍ରସ୍ତାବ ଅଣାଯାଇ ପାରିବ ନାହିଁ। ଏହି ଅବଧି ପୂରିବା ପରେ ୱାର୍ଡ ସଭ୍ୟମାନେ ଅନାସ୍ଥା ପ୍ରସ୍ତାବ ଆଣି ମଙ୍ଗଳବାର ଭୁବନେଶ୍ୱର ଉପଜିଲାପାଳଙ୍କ ତତ୍ତ୍ୱାବଧାନରେ ଭୋଟ୍ କରାଯାଇଥିଲା। ୧୪ଜଣ ସଭ୍ୟଙ୍କ ମଧ୍ୟରୁ ୧୩ଜଣ ୱାର୍ଡ ସଭ୍ୟ ସରପଞ୍ଚଙ୍କ ବିରୋଧରେ ଭୋଟ୍ ଦେଇଥିଲେ। ଗୋଟିଏ ଭୋଟ୍ ସରପଞ୍ଚଙ୍କ ସପକ୍ଷରେ ଯାଇଥିଲା। ଫଳରେ ସରପଞ୍ଚ କମଳା ସାହୁଙ୍କୁ ପଦବୀ ହରାଇବାକୁ ପଡ଼ିଥିଲା। ଜିଲାପାଳଙ୍କ ଚିଠି ନଂ.୧୨/୨୦୨୦ ଅନୁଯାୟୀ ଅନାସ୍ଥା ପ୍ରସ୍ତାବ କରାଯାଇଥିଲା।

## ସଂକ୍ଷେପରେ

### ଗାଳିଗୁଲଜ କରି ଯୁବକ ଗିରଫ

**ଖୋର୍ଦ୍ଧା ଅଫିସ, ୨୧।୧:** ଭଉଣୀଙ୍କୁ କମେଣ୍ଟ କରିବା ଓ ଭାଇଙ୍କୁ ଫୋନ ଯୋଗେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ଅଭିଯୋଗରେ ଖୋର୍ଦ୍ଧା ସଦର ଥାନା ପୋଲିସ ଦଧିମାଛଗାଡିଆର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତେବେ ଜାମିନ ନାମଞ୍ଜୁର ହେବା ପରେ ଦଧିମାଛଗାଡିଆ ଗାଁର ସ୍ୱାଧୀନ ପାତ୍ର ଓରଫ ବାଦଲ(୨୨)ଙ୍କୁ ଖୋର୍ଦ୍ଧା ସବ୍‌ଜେଲକୁ ପଠାଇ ଦିଆଯାଇଛି। ପ୍ରାପ୍ତ ସୂଚନା ଅନୁସାରେ, କିଛିଦିନ ହେଲା ସ୍ୱାଧୀନ ଜଣେ ୨୨ ବର୍ଷୀୟା ଯୁବତୀଙ୍କୁ ଏକତରଫା ପ୍ରେମ କରୁଥିଲେ। ଏପରି କି କମେଣ୍ଟ ମାରୁଥିଲେ। କିଛିଦିନ ତଳେ ଯୁବତୀଙ୍କ ଭଉଣୀଙ୍କୁ ଗାଳିଗୁଲଜ କରି ସମାଧାନ କରାଇଥିଲେ। ତେବେ ସୋମବାର ଗାଳିଗୁଲଜ ନେଇ ଅଭିଯୋଗ ହେବା ପରେ ପୋଲିସ ଦଫା ୨୯୪, ୫୦୬, ୫୦୭ରେ ନଂ. ୧୦/୨୦ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା।

### ଗଞ୍ଜେଇ ଜବତ, ବେପାରୀ ଗିରଫ

**ବାଲିଅନ୍ତା,୨୧।୧(ଡି.ଏନ୍.ଏ.):** ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ବାଲିଅନ୍ତା ଥାନା ପୋଲିସ ମଙ୍ଗଳବାର ଜଣେ ବେପାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ଜଗନ୍ନାଥପୁର ଗ୍ରାମର ବିଜୟ୍ କୁମାର ପାତ୍ର। ତାଙ୍କ ନିକଟରୁ ୨କେଜି ୩୫୦ଗ୍ରାମ ଗଞ୍ଜେଇ ଜବତ ହୋଇଛି। ସୂଚନା ଅନୁଯାୟୀ, ବିଜୟ୍ ଗଞ୍ଜେଇକୁ ପୁଡିଆ କରି ବିକ୍ରି କରୁଥିଲେ। ସୋମବାର ଅନନ୍ତପୁରସ୍ଥିତ ଏକ କଲେଜ ସମ୍ମୁଖରେ ଗଞ୍ଜେଇ ଧରି ଘରକୁ ଯାଉଥିବା ବେଳେ ପୋଲିସ ତାଙ୍କୁ ଧରିଥିଲା। ଏ ନେଇ ଥାନାରେ ଏକ ମାମଲା (ନଂ.୧୫/୨୦)ରୁଜୁ ହୋଇଛି।

### ଚାରାରୋପଣ ପାଇଁ ସଂକଳ୍ପ

**ବେଗୁନିଆ, ୨୧।୧ (ଡି.ଏନ.ଏ.)-** ବେଗୁନିଆର ସର୍ବ ପୁରାତନ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟର ୨୦୦୦ ବ୍ୟାଚ୍‌ର ମାଟ୍ରିକ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବନ୍ଧୁ ମିଳନର ଆୟୋଜନ ହୋଇଥିଲା। ବିଗତ ୨୦ ବର୍ଷ ମାଟ୍ରିକ୍ ପରୀକ୍ଷା ବେଳର ଅନୁଭୂତିକୁ ମନେ ପକାଇ ଶିକ୍ଷାଦାନ କରିଥିବା ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିଷ୍ଣୁ ପ୍ରସାଦ ସ୍ୱାଇଁ, ପ୍ରକାଶ କୁମାର ସାହୁ, ରମେଶ କୁମାର ସାହୁ, ରାଜେଶ କୁମାର ସାହୁ, ପ୍ରସନ୍ନ କୁମାର ସାହୁ ଏବଂ ସସ୍ମିତା ସାହୁଙ୍କ ନେତୃତ୍ୱରେ ଆୟୋଜିତ ବନ୍ଧୁମିଳନ ସ୍ଥାନୀୟ ମା' ବରମୂଳେଇଙ୍କ ପୀଠ ପରିସରରେ ୧୭୦ ଜଣ ପିଲା ଯୋଗଦେଇଥିଲେ। ଉପସ୍ଥିତ ଗୁରୁଜୀ ଏବଂ ପୁରାତନ ପିଲାମାନେ ଜଣ ପିଛା ଗୋଟିଏ ଲେଖାଏ ଚାରାରୋପଣ କରି ତା'ର ଯତ୍ନ ନେବେ ବୋଲି ସଂକଳ୍ପ କରିଥିଲେ।

### ସମବାୟ ସମିତିର ସାଧାରଣ ସଭା

**ବାଲିଅନ୍ତା,୨୧।୧(ଡି.ଏନ୍.ଏ.):** ଭୁବନେଶ୍ୱର ମହାନଗର ନିଗମର ୪ ନଂ. ୱାର୍ଡ ଅଧୀନ ପାହାଳ ସେବା ସମବାୟ ସମିତିର ୫୬ତମ ବାର୍ଷିକ ସାଧାରଣ ସଭା ମଙ୍ଗଳବାର ସମିତିର କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରଶାନ୍ତ କୁମାର ଦାସ ଏଥିରେ ଅଧକ୍ଷତା କରିଥିଲେ। ପରିଚାଳନା ପରିଷଦର ସଭ୍ୟାସଭ୍ୟମାନେ ଯୋଗଦେଇ ଆଲୋଚନାରେ ଭାଗନେଇଥିଲେ। ସମିତିର ଜମା ସଂଗ୍ରହ ବୃଦ୍ଧି, କୃଷି ଭିତ୍ତିକ ଓ ଅଣକୃଷି ଋଣ ଲଗାଣ, ବିହନ, ସାର ବିକ୍ରି ଓ ଧାନ କିଣା ସଂପର୍କରେ ଆଲୋଚନା କରାଯାଇଥିଲା। ସମ୍ପାଦକ ସରୋଜ ରଥ ବାର୍ଷିକ ବିବରଣୀ ପାଠ କରିଥିଲେ।

# ପାଇପ୍ ଫାଟି ମେଡିକାଲ ରାସ୍ତାରେ ପାଣି

## ସ୍ଥାନୀୟ ବାସିନ୍ଦାଙ୍କ ହସ୍ତକ୍ଷେପ ପରେ ମରାମତି କାର୍ଯ୍ୟ ଆରମ୍ଭ



ଜଟଣୀ ମେଡିକାଲ ରାସ୍ତାରେ ପାଇପ ଫାଟି ପାଣି ବାହାରୁଛି ।

**ଜଟଣୀ,୨୧।୧(ଡି.ଏନ.ଏ):**

ଜଟଣୀର ଅନ୍ୟତମ ପ୍ରମୁଖ ସଡ଼କପଥ ହରିଭାଇନା ଛକରେ ମେଡିକାଲ ପର୍ଯ୍ୟନ୍ତ ଚାଲିଥିବା ରାସ୍ତା ପ୍ରଶସ୍ତୀକରଣ ସମୟରେ ଅନେକ ସ୍ଥାନରେ ମାଟିତଳେ ଯାଇଥିବା ପାଣି ପାଇପ୍ ଫାଟି ଯାଇଥିଲା। ବିନା ସତର୍କତାରେ ହେଉଥିବା ରାସ୍ତା କାର୍ଯ୍ୟ ଯୋଗୁ ଏପରି ପରିସ୍ଥିତି ସୃଷ୍ଟି ହୋଇଥିବା ଅନେକ ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଫଳରେ ପାଇପ୍ ଫାଟି ୨ଦିନ ହେବା ଏହି ପ୍ରମୁଖ ସଡ଼କପଥ ପାଣିରେ ପରିପୂର୍ଣ୍ଣ ହୋଇପଡ଼ିଥିଲା। ଫଳରେ ପଥଚାରୀ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ରାସ୍ତାପାର୍ଶ୍ୱରେ ଥିବା ବ୍ୟାଙ୍କ ଓ ଅନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟଗୁଡିକୁ ଯାତାୟାତ କରିବା ଲୋକଙ୍କ ପାଇଁ ସମସ୍ୟା ଦେଖା ଦେଇଥିଲା। କେହି ଏ ନେଇ ଅଭିଯୋଗ କଲେ ରାସ୍ତା କାର୍ଯ୍ୟ କରୁଥିବା ପୂର୍ତ୍ତ ବିଭାଗ ଓ ଫାଟିଥିବା ପାଣି ପାଇପ୍ ଦାୟିତ୍ୱରେ ଥିବା ଜନସ୍ୱାସ୍ଥ୍ୟ ବିଭାଗ ପରସ୍ପର ଉପରେ ଦୋଷ ଦେଉଥିଲେ। ସାମାଜିକ କର୍ମୀ ନମିତା ପାଲ, ବାବୁ ହୋତା, ଅନନ୍ତ ଶତପଥୀ, ସ୍ଥାନୀୟ କେତେକ ଅଞ୍ଚଳ ବାସିନ୍ଦା ମଙ୍ଗଳବାର ଉଭୟ ପୂର୍ତ୍ତ ଓ ଜନସ୍ୱାସ୍ଥ୍ୟ ବିଭାଗ ଯନ୍ତ୍ରୀଙ୍କ ସହ ଆଲୋଚନା କରିବା ପରେ ଏହିସମସ୍ୟା ଦୂର ହୋଇଛି। ଫାଟି ଥିବା ପାଣି ପାଇପ୍ ବିଭାଗ ପକ୍ଷରୁ ମରାମତି କାର୍ଯ୍ୟ ଆରମ୍ଭ ହୋଇଛି।

# ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ

**ଜଟଣୀ,୨୧।୧(ଡି.ଏନ.ଏ.)**

ଜଟଣୀ ଥାନା ଅଞ୍ଚଳରେ ୯ ବର୍ଷୀୟା ନାବାଳିକାଙ୍କୁ ୧୩ ବର୍ଷର ଜଣେ ନାବାଳକ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ନାବାଳିକାଙ୍କ ମା' ଏ ନେଇ ଜଟଣୀ ଥାନାରେ ଅଭିଯୋଗ କରିଛନ୍ତି। ଉଭୟ ନାବାଳିକା ଓ ନାବାଳକଙ୍କ ଘର ଗୋଟିଏ ଅଞ୍ଚଳରେ। ଅପରାହ୍ନ ସମୟରେ ଘର ପାଖରେ ନାବାଳିକା ଜଣକ ଖେଳୁଥିବା ବେଳେ ଏପରି ଘଟିଥିବା ଅଭିଯୋଗ ହୋଇଛି। ପୋଲିସ ନଂ. ୩୪/୨୦ରେ ମାମଲା ରୁଜୁ କରି ଏହାର ସତ୍ୟାସତ୍ୟର ତଦନ୍ତ କରୁଛି ।

# ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

**ଜଟଣୀ,୨୧।୧(ଡି.ଏନ.ଏ.)**

ଜଟଣୀ ଥାନା ହାଟ ବଜାର ଗ୍ରାମ ପୋଖରୀରେ ବୁଡ଼ିକି ଜି. ଚନ୍ଦ୍ରୟା (୭୫) ନାମକ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। କିପରି ପାଣିରେ ବୁଡିକି ମୃତ୍ୟୁବରଣ କଲେ ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ପାଣିରେ ଭାସିବା ପରେ ମଙ୍ଗଳବାର ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ମୃତକ ଜଣେ ରିକ୍ସା ଚାଳକ ବୋଲି ଜଣାପଡ଼ିଛି। ସ୍ଥାନୀୟ ଟ୍ରାଫିକ୍ କଲୋନୀ ବସ୍ତି ଅଞ୍ଚଳରେ ରହୁଥିବା ଜଣାପଡିଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ (୬/୨୦)ରେ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି।

# ଗୃହୀତ ପ୍ରସ୍ତାବ କାର୍ଯ୍ୟକାରୀ ନ ହେବାରୁ କ୍ଷୋଭ

## ଖୋର୍ଦ୍ଧାର ବିକାଶ ପାଇଁ ବୈଠକ

**ଖୋର୍ଦ୍ଧା ଅଫିସ, ୨୧।୧**

ଖୋର୍ଦ୍ଧାର ବିକାଶ ପାଇଁ ବିଭିନ୍ନ ସମସ୍ୟାର ସମାଧାନ ଉଦ୍ଦେଶ୍ୟରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାପାଳ ସିତାଂଶୁ କୁମାର ରାଉତଙ୍କ ଅଧକ୍ଷତାରେ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖୋର୍ଦ୍ଧା ବିକାଶ ପରିଷଦର କର୍ମକର୍ତ୍ତା ଓ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ତେବେ ୨୦୧୯ସେପ୍ଟେମ୍ବର ୭ରେ ବୈଠକରେ ଗୃହୀତ ପ୍ରସ୍ତାବ କାର୍ଯ୍ୟକାରୀ ହୋଇ ନ ଥିବାରୁ ବିକାଶ ପରିଷଦ କର୍ମକର୍ତ୍ତାମାନେ କ୍ଷୋଭ ପ୍ରକାଶ କରି ଏହାର ସମାଧାନ କରିବାକୁ ଜିଲାପାଳଙ୍କୁ ଅନୁରୋଧ କରିଥିଲେ। ମଙ୍ଗଳବାର ବୈଠକରେ ଜିଲା ମୁଖ୍ୟ ଚିକିତ୍ସାଳୟର ଅବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା। ଦଲାଲଙ୍କ କବ୍‌ଜାରେ ଚିକିତ୍ସାଳୟ ରହିଛି। ରୋଗୀ ଠିକ୍ ଭାବେ ସେବା ପାଉନାହାନ୍ତି। ସୁରକ୍ଷା ମଧ୍ୟ ନାହିଁ। ସହରରେ ଆଇନଶୃଙ୍ଖଳା ପରିସ୍ଥିତି ଭୁଶୁଡି ପଡିଛି। ଏକାଧିକ ହତ୍ୟା ଘଟଣା ଘଟୁଥିଲେ ମଧ୍ୟ ପୋଲିସ ଟେର ପାଉ ନାହିଁ। ନିଶା ସେବନକାରୀଙ୍କ ସଂଖ୍ୟା ବଢୁଥିବାରୁ ଅସାମାଜିକ କାର୍ଯ୍ୟକଳାପ ବଢୁଛି। ସହରରେ ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ଯେଉଁ ଟ୍ରାଫିକ ପୋଲିସ ମୁତୟନ କରାଯାଇଛି ତା'ର ସୁଫଳ ମିଳୁନି। ସହରର ବିକାଶକୁ ଆଖି ଆଗରେ ରଖି ପୂର୍ବ ପ୍ରସ୍ତାବଗୁଡିକ ସମୀକ୍ଷା କରାଯାଇ ସମାଧାନ କରାଯିବାକୁ ଅନୁରୋଧ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ବିକାଶ ପରିଷଦର ଆବାହକ ଶକ୍ତି ଶଙ୍କର ମିଶ୍ର, ସଦସ୍ୟ ନିକୁଞ୍ଜ ପଟ୍ଟନାୟକ, ଶୁଭ୍ରାଂଶୁ ସାମନ୍ତରାୟ ପ୍ରମୁଖ ଯୋଗ ଦେଇଥିଲେ।



ଖୋର୍ଦ୍ଧା ବିକାଶ ପରିଷଦର କର୍ମକର୍ତ୍ତା ଜିଲାପାଳଙ୍କୁ ଭେଟି ଆଲୋଚନା କରୁଛନ୍ତି ।

# ଡିଜେଲ ଚୋରି ଅଭିଯୋଗରେ ୪ ଜେଲ ଗଲେ

**ଖୋର୍ଦ୍ଧା ଅଫିସ, ୨୧।୧:**

ଡିଜେଲ ଚୋରି ଅଭିଯୋଗରେ ଜଙ୍କିଆ ଥାନା ପୋଲିସ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ଖୋର୍ଦ୍ଧା ସଦର ଥାନା ଦଧିମାଛଗାଡିଆ ଗାଁର ଗଦାଧର ବେହେରା(୪୪), ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ମୁକ୍ତାପସି ଗାଁର କାର୍ତ୍ତିକ ଦେହୁରୀ(୨୭), ଯାଜପୁର ଜିଲା ସୁକିନ୍ଦା ଥାନା କରଡାପଲ୍ଲୀ ଗାଁର ମନୋଜ ରାଉତ(୨୪), ନୟାଗଡ ଜିଲା ଫତେଗଡ ଥାନା ଭୋକିଲାପଡା ଗାଁର ଜିତେନ୍ଦ୍ର ନାୟକ(୧୮)ଙ୍କୁ ଖୋର୍ଦ୍ଧା ସବ୍‌ଜେଲକୁ ପଠାଇ ଦିଆଯାଇଛି। ଅଭିଯୋଗ ଅନୁସାରେ ମଳିପଡାରେ କାର୍ଯ୍ୟରତ ଏକ କମ୍ପାନୀର ୨୫ ଲିଟର ଡିଜେଲ ଚୋରି ହୋଇଥିଲା। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ନଂ.୨୧/୨୦ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା।

# ଯୁକ୍ତ ଦୁଇ ଖୋର୍ଦ୍ଧା ମହିଳା କଲେଜର ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ

**ଖୋର୍ଦ୍ଧା ଅଫିସ, ୨୧।୧:**

ଯୁକ୍ତ ଦୁଇ ବ୍ୟବସ୍ଥାରେ ସଂସ୍କାର ଆଣିବା ପାଇଁ ସରକାର ଚଳିତବର୍ଷ ପ୍ରଥମବର୍ଷ ପରୀକ୍ଷାରେ ପାସ୍ ଫେଲ୍ ବ୍ୟବସ୍ଥା ଲାଗୁ କରିଛନ୍ତି। ତେବେ ଏହାକୁ ଛାତ୍ରୀଛାତ୍ରମାନେ ବିରୋଧ କରି ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସୋମବାର ଜଟଣୀ ଓ ବେଗୁନିଆ କଲେଜରେ ଆନ୍ଦୋଳନ ହୋଇଥିବାବେଳେ ମଙ୍ଗଳବାର ଖୋର୍ଦ୍ଧା ମହିଳା ମହାବିଦ୍ୟାଳୟ ସମ୍ମୁଖରେ ଆନ୍ଦୋଳନ ହୋଇଥିଲା। ଛାତ୍ରୀମାନେ ରାସ୍ତା ଉପରେ ଟାୟାର ଜାଳି ସରକାରଙ୍କ ନିଷ୍ପତ୍ତିକୁ ପ୍ରତିବାଦ କରିଥିଲେ।




ଖୋର୍ଦ୍ଧା ଯୁକ୍ତ ୨ ମହିଳା ମହାବିଦ୍ୟାଳୟ ଛାତ୍ରୀଙ୍କ ରାସ୍ତାରୋକୋ ।

# ଉଚ୍ଛେଦକୁ ୩ ବର୍ଷ ପୂରିଲା: ନିର୍ମାଣ ହେଲାନି ଗୃହ

**ଜଟଣୀ,୨୧।୧(ଡି.ଏନ.ଏ.):**

ଜଟଣୀ କୁଦିଆରୀ ବଜାର ପ୍ରାଥମିକ ବିଦ୍ୟାଳୟ ଉଚ୍ଛେଦ ହେବାକୁ ୩ ବର୍ଷ ବିତିଗଲାଣି। ଏହା ନିକଟରେ ଥିବା ସରକାରୀ ଜମି ଉପରେ ନୂତନ ସ୍କୁଲ ଗୃହ ନିର୍ମାଣ କରାଯିବ ବୋଲି ଉଚ୍ଛେଦ ସମୟରେ ପ୍ରଶାସନ ପକ୍ଷରୁ ଅଭିଭାବକ, ଲୋକମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ହେଲେ ଏଯାବତ୍ ଏହା କାର୍ଯ୍ୟକାରୀ ହୋଇପାରିନାହିଁ। ଏହି ସ୍କୁଲରେ ପଢୁଥିବା ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଛୋଟ ପିଲାମାନଙ୍କୁ କୁଦିଆରୀ ମେଳଣ ପଡ଼ିଆ, ନୋଡାଲ ଓ ଲୋକକଲୋନୀ ସେଟ୍‌ଲମେଣ୍ଟ ୩ଟି ସ୍କୁଲକୁ ଭାଗବାଣ୍ଟି ପଠାଇ ଦିଆଯାଇଥିଲା। ଯାହା ଉଚ୍ଛେଦ ହୋଇଥିବା ସ୍କୁଲଠାରୁ ୨ରୁ ୩ କିମି ଦୂର ହେବ। ଉଚ୍ଛେଦ କୁଦିଆରୀ ବଜାର ସ୍କୁଲରେ ବିଶେଷକରି ବସ୍ତି ଅଞ୍ଚଳର ଗରିବ ଶ୍ରେଣୀ ଲୋକଙ୍କ ପିଲା ପଢୁଥିଲେ। ଏହାଛଡ଼ା ଏଠାରେ ଥିବା ବାପୁଜୀ ଓ ଗାନ୍ଧିପଲ୍ଲୀ କୁଷ୍ଠାଶ୍ରମର ଅନେକ ପିଲା ଅଧ୍ୟୟନ କରୁଥିଲେ। ସ୍କୁଲଟି ଉଚ୍ଛେଦ ହୋଇଯିବା ପରେ ବସ୍ତି ଓ କୁଷ୍ଠାଶ୍ରମର ପିଲାଙ୍କର ଅଧିକ ସମସ୍ୟା ହୋଇଛି। ଏମାନଙ୍କ ମଧ୍ୟରୁ ଅଧିକାଂଶ ଅଭିଭାବକ ଦିନ ମଜୁରିଆ ଭାବେ କାର୍ଯ୍ୟ କରିଥାନ୍ତି। ମଜୁରି ଲାଗିବା ପାଇଁ ସକାଳୁ ଯାଇ ସନ୍ଧ୍ୟାରେ ଫେରନ୍ତି। ପୂର୍ବରୁ ପାଖରେ ବିଦ୍ୟାଳୟଟି ଥିବାରୁ ସେମାନଙ୍କ ପିଲାମାନେ ସ୍କୁଲକୁ ଏକାକି ଯିବା ଆସିବା କରି ପାରୁଥିଲେ। ବର୍ତ୍ତମାନ ଦୂରରେ ଥିବା ସ୍କୁଲକୁ ବିପଦସଂକୁଳ ଭାବେ ରାସ୍ତାରେ ଚାଲି ଯିବାକୁ ପଡୁଛି। ଏ ନେଇ ଜଟଣୀ ବ୍ଲକ ଶିକ୍ଷା ଅଧିକାରୀ ରମେଶ ଚନ୍ଦ୍ର ଖଟେଇ କୁହନ୍ତି, ସେ ନୂତନ ଭାବେ ଯୋଗ ଦେଇଥିବାରୁ ଉଚ୍ଛେଦ ସ୍କୁଲ ସଂକ୍ରାନ୍ତରେ ଅବଗତ ନାହାନ୍ତି। ତେବେ ସ୍କୁଲର ନୂତନ ଗୃହ ନିର୍ମାଣ ନେଇ କି ପ୍ରକାର ସମସ୍ୟା ରହିଛି ଅବଗତ ହେବା ପରେ ମତାମତ ଦେବେ ବୋଲି କହିଥିଲେ।

## ଉଚ୍ଛେଦ ବେଳେ ୮୭ ଛାତ୍ରୀଛାତ୍ର ପଢୁଥିଲେ



ଉଚ୍ଛେଦ ହୋଇଥିବା ସ୍କୁଲରେ ୮୭ ଜଣ ପିଲା ପାଠ ପଢୁଥିଲେ। ତାଙ୍କର ଦୁଇଟି ଝିଅ ଏଠାରେ ଅଧ୍ୟୟନ କରୁଥିଲେ। ସ୍କୁଲ ଗୃହ ଉଚ୍ଛେଦ ସମୟରେ ନିକଟରେ କେଉଁଠି ନୂତନ ଗୃହ କରାଯିବା ନେଇ ପ୍ରଶାସନ ପକ୍ଷରୁ

## କୁଦିଆରୀ ବଜାର ସ୍କୁଲ

ପ୍ରତିଶ୍ରୁତି ମିଳିଥିଲା। ହେଲେ ଏଯାବତ୍ ତାହା ହୋଇପାରିନାହିଁ ।

**-ଅବଦ୍ଧୁଲ୍ ସତାର, ପୂର୍ବତନ ସଭାପତି, ବିଦ୍ୟାଳୟ ପରିଚାଳନା କମିଟି**

## ସ୍କୁଲ ଉଚ୍ଛେଦ ପରେ ଚିନ୍ତାରେ ଅଭିଭାବକ



ତାଙ୍କର ୩ଟି ପିଲା ଏହି ସ୍କୁଲରେ ପଢୁଥିଲେ। ସ୍କୁଲ ଉଚ୍ଛେଦ ହେବା ଦିନଠାରୁ ଅଭିଭାବକ ଭାବେ ଚିନ୍ତାରେ ରହିଛନ୍ତି। ଛୋଟପିଲା ଦୂର ସ୍କୁଲକୁ ଯାତାୟାତ ନେଇ ନାନା ଶଙ୍କା ମଧ୍ୟରେ ରହିବାକୁ ପଡୁଛି। ପାଖରେ ସ୍କୁଲଟି ଥିବାରୁ ଅସୁବିଧା ହେଉ ନ ଥିଲା। ସକାଳୁ ମଜୁରି ଲାଗିବାକୁ ବାହାରକୁ ଯାଉଛି। ଅର୍ଥ ଅଭାବ ଯୋଗୁ ଭଡ଼ା ଗାଡ଼ିରେ ପିଲାଙ୍କୁ ସ୍କୁଲ ପଠାଇବା ତାଙ୍କ ପକ୍ଷରେ ସମ୍ଭବ ନୁହେଁ। ତେଣୁ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଉ ।

**-ଅସରଫଉନ୍ ବିବି, ବାପୁଜୀ କଲୋନୀ**

## ଅର୍ଥ ଆସିଛି, ଜମି ଚିହ୍ନଟ ହେଉନି



ପ୍ରଶାସନର ପ୍ରତିଶ୍ରୁତି ଅନୁଯାୟୀ ନୂତନ ସ୍କୁଲ ଗୃହ ନିର୍ମାଣ ପାଇଁ ସେହି ୱାର୍ଡର ପୂର୍ବତନ କାଉନ୍‌ସିଲର ଭାବେ ବହୁବାର ଆପତ୍ତି ଅଭିଯୋଗ କରାଯାଇଛି। ନୂତନ ଗୃହ ନିର୍ମାଣ ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ଶିକ୍ଷା ବିଭାଗକୁ ଆବଶ୍ୟକ ସମସ୍ତ ଅର୍ଥ ପ୍ରଦାନ କରାଯିବାକୁ ଦୀର୍ଘଦିନ ହୋଇଗଲାଣି। ହେଲେ ଉଚ୍ଛେଦ ସ୍କୁଲ ନିକଟରେ ପ୍ରଶାସନ ପକ୍ଷରୁ ଜମି ଚିହ୍ନଟ ହୋଇପାରୁନାହିଁ। ନିକଟରେ ରେଲୱେର ମଧ୍ୟ ଅନେକ ଜମି ରହିଛି। ରେଲୱେ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ନୂତନ ସ୍କୁଲ ଗୃହ ନିର୍ମାଣ ହୋଇପାରନ୍ତା।

**-ଲୁସେନ୍ ରାୟ, ପୂର୍ବତନ କାଉନ୍‌ସିଲର, କୁଦିଆରୀ**

## ସଂକ୍ଷେପରେ

### ଠିକା କର୍ମଚାରୀଙ୍କ ଧାରଣା

**ପୁରୀ ଅଫିସ, ୨୧।୧:** ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟର ଠିକା କର୍ମଚାରୀମାନେ ବିଭିନ୍ନ ଦାବି ନେଇ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ତଳେ ଧାରଣା ଜାରି ରଖିଛନ୍ତି। ୧୦ ମାସର ବକେୟା ଦରମା ସହ ୭ଦଫା ଦାବି ନେଇ ଠିକା କର୍ମଚାରୀମାନେ ଧାରଣାରେ ବସିଛନ୍ତି। ସଂଘ ସମ୍ପାଦକ ଅନିଲ କୁମାର ମୁଦୁଲି କହିଛନ୍ତି, ଠିକା କର୍ମଚାରୀଙ୍କ ସମସ୍ୟା ନେଇ ଦୀର୍ଘ ଦିନ ଧରି ଧାରଣା ଚାଲିଥିଲେ ମଧ ମେଡିକାଲ କର୍ତ୍ତୃପକ୍ଷ ଅଥବା ଜିଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଶୀତ କାକରରେ କର୍ମଚାରୀମାନେ ଧାରଣାରେ ବସିଛନ୍ତି। ଦରମା ବିନା କର୍ମଚାରୀମାନଙ୍କ ପରିବାର ହଇରାଣ ହେବା ସହ ଦୁଃଖକଷ୍ଟରେ ଚଳୁଛନ୍ତି।

### ଠିକାଦାର ମହାସଂଘ କାକଟପୁର ଶାଖାର ବୈଠକ

**କାକଟପୁର, ୨୧।୧(ଡି.ଏନ୍.ଏ):** କାକଟପୁରସ୍ଥ କୁତାମଚଣ୍ଡୀ ପୀଠରେ ପୁରୀ ଜିଲା ଠିକାଦାର ମହାସଂଘର କାକଟପୁର- ଅସ୍ତରଙ୍ଗ ଶାଖା ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଠିକାଦାରମାନଙ୍କ ବିଭିନ୍ନ ଦାବି ଓ ସମସ୍ୟା ନେଇ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ଗ୍ରାମ୍ୟ ଉନ୍ନୟନ, ଜଳସମ୍ପଦ, ପୂର୍ତ୍ତ, ଜଳ ଓ ପରିମଳ ବିଭାଗ ସହ ବ୍ଲକର ଠିକାଦାରମାନେ ଲେସ୍‌ରେ ଟେଣ୍ଡର ନ ଡାକି ସରକାରଙ୍କ ସ୍ଥିରୀକୃତ ସିଡ୍ୟୁଲ୍ ରେଟ୍‌ରେ ଟେଣ୍ଡର ପକାଇବାକୁ ନିଷ୍ପତ୍ତି ନିଆଯାଇଥିଲା। ଟେଣ୍ଡର ପ୍ରକ୍ରିୟାରେ ଅଂଶଗ୍ରହଣ କରୁଥିବା ଅନୁସୂଚିତ ଜାତି ଓ ଉପଜାତିର ଠିକାଦାରମାନେ ସିଡ୍ୟୁଲ୍ ରେଟ୍‌ରେ ଟେଣ୍ଡର ପକାଇବା ସହ ପ୍ରାଇସ୍ ପ୍ରିଫରେନ୍ସ ନ ମାଗିବାକୁ ମତ ପ୍ରକାଶ ପାଇଥିଲା। ପୁରୀ ଜିଲା ସମେତ ପଡ଼ୋଶୀ ଜିଲାର ଠିକାଦାରମାନଙ୍କୁ ଏହି ନିଷ୍ପତ୍ତି ମାନିବାକୁ ନିବେଦନ କରାଯିବ ବୋଲି ବୈଠକରେ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହି ବୈଠକରେ କାକଟପୁର-ଅସ୍ତରଙ୍ଗ ବିଭାଗ ଠିକାଦାର ସଂଘର ସଭାପତି ଅଭୟ ସ୍ୱାଇଁ, ସମ୍ପାଦକ ବିପିନ ବିହାରୀ ସ୍ୱାଇଁ, କୈଳାସ ଚନ୍ଦ୍ର ସାହୁ, ଅମୂଲ୍ୟ ରତ୍ନ ମହାନ୍ତି, ଅକ୍ଷୟ ରାଉତ, ହରିହର ସ୍ୱାଇଁ, ପ୍ରମୋଦ ସେନାପତି, ସୌମ୍ୟ ରଞ୍ଜନ ସ୍ୱାଇଁ, ଅନିରୁଦ୍ଧ ବାରିକ, ମିଡିଆ ସେଲ୍ ସଭ୍ୟ ପ୍ରଦୀପ ପଣ୍ଡା ଯୋଗଦେଇଥିଲେ।

### ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ବଳଙ୍ଗା,୨୧।୧(ଡି.ଏନ୍.ଏ.):** ବଳଙ୍ଗା ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ୧୯ତମ ରାଜ୍ୟ ସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ମ୍ୟାଚ ଜଗା ୟୁନାଇଟେଡ ଭୁବନେଶ୍ୱର ଓ ପାରାଡାଇଜ କ୍ଲବ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜଗା ୟୁନାଇଟେଡ୍ ବିଜୟୀ ହୋଇଛି। ବିଷ୍ଣୁପ୍ରିୟା ଦାସ, ଅମିତ୍ ନାୟକ ଏବଂ ସୁଜିତ ଦାଶ ଖେଳ ପରିଚାଳନା କରିଥିଲେ। ଅତିଥିଭାବେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଭାଜପା ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ପ୍ରଭାତୀ ପରିଡ଼ା, ପୁରୀ ଜିଲା ଭାଜପା ସଭାପତି ଆଶ୍ରିତ ପଟ୍ଟନାୟକ, ସରପଞ୍ଚ ଅଜିତ୍ ଦଳେଇ ଯୋଗ ଦେଇଥିଲେ। ଲଙ୍କେଶ୍ୱରୀ କ୍ରୀଡ଼ା କ୍ଲବ ସଭାପତି ପ୍ରଭାତ ରାୟ, ସମ୍ପାଦକ କୃପାସିନ୍ଧୁ ଦତ୍ତ, ତୋଫାନ ପ୍ରଧାନ ଖେଳ ପରିଚାଳନାରେ ସହାୟତା କରିଥିଲେ।

# ଭଙ୍ଗାଗଲା ଦକ୍ଷିଣ ପାର୍ଶ୍ୱ ମଠ କୋଠା

**ପୁରୀ ଅଫିସ, ୨୧।୧**

**୭୫ ମିଟର ଶେଷ ସୀମା ଛୁଇଁଲା ପ୍ରଶାସନ**

- ଶ୍ରୀମନ୍ଦିର ସୁରକ୍ଷା ଜୋନ୍‌ରେ ଉଚ୍ଛେଦ ଜାରି
- ଆଗକୁ ଉଚ୍ଛେଦ ପ୍ରକ୍ରିୟା ତ୍ୱରାନ୍ୱିତ ହେବ



ଦକ୍ଷିଣ ପାର୍ଶ୍ୱ ମଠ ଭଙ୍ଗାଯାଉଛି।

ଶ୍ରୀମନ୍ଦିର ସୁରକ୍ଷା ଏବଂ ସୌନ୍ଦର୍ଯ୍ୟକରଣ ପାଇଁ ମେଘନାଦ ପାଚେରି କଡ଼ରୁ ୭୫ ମିଟର ପରିଧି ମଧ୍ୟରେ ଉଚ୍ଛେଦ ଅଭିଯାନ ଜାରି ରହିଛି । ଶ୍ରୀମନ୍ଦିର ସୁରକ୍ଷା ଜୋନ କୁହାଯାଉଥିବା ଏହି ଅଞ୍ଚଳରେ ୫ଟି ମୌଜାର ଜମି ରହିଛି। ତେବେ ମଙ୍ଗଳବାର ପ୍ରଶାସନ ବାସେଳି ସାହି ମୌଜା ଅର୍ଥାତ୍ ଶ୍ରୀମନ୍ଦିର ଉତ୍ତର-ପଶ୍ଚିମ କୋଣ ଗଡ଼ନ୍ତି ଛକରେ ୭୫ ମିଟରର ଶେଷ ସୀମା ଛୁଇଁଛି। ଏଠାରେ ଥିବା ହରେକୃଷ୍ଣ ଲଜ୍‌କୁ ଭଙ୍ଗାଯାଇଛି। ଏଥିସହ ଦକ୍ଷିଣ ପାର୍ଶ୍ୱ ମଠର ବ୍ୟବସାୟିକ କୋଠା ମଧ୍ୟ ଉଚ୍ଛେଦ ହୋଇଛି। ଆଗକୁ ସୁରକ୍ଷା ଜୋନ୍‌ରେ ଉଚ୍ଛେଦ ଅଭିଯାନ ତ୍ୱରାନ୍ୱିତ ହେବ ବୋଲି ଜଣାପଡ଼ିଛି।

ପୂର୍ବାହ୍ନରେ ଶ୍ରୀମନ୍ଦିର ଦକ୍ଷିଣଦ୍ୱାର ଦକ୍ଷିଣ ପାର୍ଶ୍ୱ ମଠ ଉଚ୍ଛେଦ ଲାଗି ୨ ପ୍ଲାଟୁନ ପୋଲିସ ଫୋର୍ସ ପହଞ୍ଚି ପ୍ରସ୍ତୁତି ଆରମ୍ଭ କରିଥିଲେ। ଉଚ୍ଛେଦ ସ୍ଥଳକୁ ବ୍ୟାରିକେଡିଂ କରାଯାଇ ଏହା ସଂଲଗ୍ନ ରାସ୍ତାକୁ ସିଲ୍ କରାଯାଇଥିଲା। ଏହାପରେ ମଠର ବ୍ୟବସାୟିକ କୋଠା ଭଙ୍ଗାଯାଇଥିଲା। ମଠ ଗାଦିଘର, ଠାକୁରଙ୍କ ବିଜେସ୍ଥଳି ଆଦିକୁ ସଂରକ୍ଷିତ ରଖାଯାଇ ଅନ୍ୟାନ୍ୟ ନିର୍ମାଣ ଭଙ୍ଗାଯାଇଥିଲା। ଦକ୍ଷିଣ ପାର୍ଶ୍ୱ ମଠର କୋଠା ପ୍ରାୟ ଶେଷ ହୋଇଯାଇଛି। ଆଉ ଅଳ୍ପ କିଛି ଯାହା ବାକି ରହିଛି ତାହା ବୁଧବାର ଭଙ୍ଗାଯିବ। ସେହିପରି ଅନ୍ୟ ଏକ ଉଚ୍ଛେଦକାରୀ ଟିମ୍ ଶ୍ରୀମନ୍ଦିର ଉତ୍ତର-ପଶ୍ଚିମ କୋଣ ଗଡ଼ନ୍ତି ଛକରେ ଉଚ୍ଛେଦ କରିଥିଲେ। ବାସେଳିସାହି ମୌଜାରେ ଥିବା ହରେକୃଷ୍ଣ ଲଜ୍ ଭାଙ୍ଗିଥିଲେ। ମେଘନାଦ ପାଚେରିଠାରୁ ୭୫ ମିଟର ପରିଧିରେ ଏହି ଲଜ୍ ଶେଷ ସୀମା ଥିଲା। ଏହାକୁ ଉଚ୍ଛେଦ କରିବା ସହ ପ୍ରଶାସନ ୭୫ ମିଟର ଶେଷ ସୀମାକୁ ଛୁଇଁ ପାରିଛି। ଆଗକୁ ଏହି ଉଚ୍ଛେଦ ପ୍ରକ୍ରିୟା ଜୋର୍‌ଦାର କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଏ ସମ୍ପର୍କରେ ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି, ସୁରକ୍ଷା ଜୋନ୍‌ରେ ଯେଉଁମାନେ ସେମାନଙ୍କର ଜମି ବିକ୍ରି କରି ଘର ଖାଲି କରିସାରିଛନ୍ତି, ତାହାକୁ ପର୍ଯ୍ୟାୟକ୍ରମେ ଉଚ୍ଛେଦ କରାଯାଉଛି। ମଙ୍ଗଳବାର ଗଡ଼ନ୍ତି ଛକରେ ହରେକୃଷ୍ଣ ଲଜ୍ ଏବଂ ଦକ୍ଷିଣ ପାର୍ଶ୍ୱ ମଠର ବ୍ୟବସାୟିକ କୋଠା ଭଙ୍ଗାଯାଇଛି। ମଠର ଗାଦିଘର, ଠାକୁରଙ୍କ ବିଜେସ୍ଥଳୀ ଆଦି ଐତିହ୍ୟକୁ ସୁରକ୍ଷିତ ରଖାଯାଇ ଅନ୍ୟାନ୍ୟ କୋଠା ଭଙ୍ଗାଯାଉଛି। ଅନ୍ୟପକ୍ଷରେ ସୁରକ୍ଷା ଜୋନ୍ ମଧ୍ୟରେ ଥିବା ମୋଟ ଘରୋଇ ପ୍ଲଟ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୯୦ ପ୍ରତିଶତ ପ୍ଲଟର ବିକ୍ରି କବଲା ସରିଛି। ବଳକା ୧୦ ପ୍ରତିଶତ କିଣିବା ଲାଗି ପ୍ରଶାସନ ପକ୍ଷରୁ କଥାବାର୍ତ୍ତା ଜାରି ରହିଛି। ଖୁବ୍‌ଶୀଘ୍ର ଏହି ପ୍ଲଟର ସେଲ୍‌ଡିଡ୍ ହୋଇଯିବ। ନଚେତ ଜମି ଅଧିଗ୍ରହଣ ଆଇନ ଅନୁସାରେ ଅଧିଗ୍ରହଣ କରାଯିବ ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

# ରାତିରେ ବିକ୍ରି ହେଉଛି ଭଗ୍ନାବଶେଷ

**ପୁରୀ ଅଫିସ, ୨୧।୧**

- ୩ ହାଇୱା ଅଟକ ପରେ ଛାଡ଼ିଲା ପୋଲିସ
- ଉଚ୍ଛେଦ ପରର ଲୁଟ୍

ଶ୍ରୀମନ୍ଦିର ସୁରକ୍ଷା ଜୋନ୍‌ରେ ଚାଲିଛି ଉଚ୍ଛେଦ ଅଭିଯାନ। ପ୍ରତ୍ୟେକ ଦିନ ଘରୋଇ କୋଠା, ମଠ, ବ୍ୟବସାୟିକ କୋଠା ଆଦି ଭଙ୍ଗାଯାଉଛି। ଫଳରେ ପ୍ରତ୍ୟହ ଶହ ଶହ ଟ୍ରିପ୍ ଭଗ୍ନାବଶେଷ ବାହାରୁଛି। ଏହି ଭଗ୍ନାବଶେଷକୁ ରାତିରେ ସହର ଉପକଣ୍ଠ ଖାଲୁଆ ଜାଗାରେ ପକାଯାଉଛି। ବିଳମ୍ବିତ ରାତିରେ ଏହା ବୁହାଯାଉଥିବାରୁ ଏଥିପ୍ରତି ପ୍ରଶାସନର ନଜର ରହୁନାହିଁ। ଠିକା ଗାଡ଼ି ଦ୍ୱାରା ଏହା ବୁହାଯାଉଛି। କିନ୍ତୁ ଏହି ଭଗ୍ନାବଶେଷ ପ୍ରତିଦିନ ଲୁଟ୍ ହେଉଥିବା ଘଟଣା ଏବେ ପଦାକୁ ଆସିଛି। ଏହି କାମରେ ନିୟୋଜିତ ହାଇୱା ଚାଳକମାନେ ଭଗ୍ନାବଶେଷକୁ ଲୁଟ୍ କରି ଅନ୍ୟତ୍ର ବିକ୍ରି କରୁଛନ୍ତି। ସୋମବାର ରାତିରେ ସଦର ଥାନା ପୋଲିସ ୩ଟି ହାଇୱାକୁ ଜବତ କରିବା ଘଟଣା ଏହାକୁ ସ୍ପଷ୍ଟ କରିଛି। କିନ୍ତୁ ପୋଲିସ କାଗଜପତ୍ର ଯାଞ୍ଚ ପାଇଁ ଅଟକ ରଖାଯାଇଥିବା କହି ପ୍ରସଙ୍ଗକୁ ଏଡ଼ାଇ ଯାଇଛି।

ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଥିବା କୋଠା ଉଚ୍ଛେଦ ଜାରି ରହିଛି। ଦିନରେ ଭଙ୍ଗା ଯାଉଥିବାବେଳେ ରାତିରେ ଭଗ୍ନାବଶେଷ ବୁହାଯାଉଛି। ଭକ୍ତ ଓ ଜନସାଧାରଣଙ୍କ ସୁରକ୍ଷିତ ଯାତାୟାତକୁ ଦୃଷ୍ଟିରେ ରଖି ପ୍ରଶାସନ ଦିନରେ ଆବର୍ଜନା ବୁହାଉ ନାହିଁ। ରାତି ୧୦ଟା ପରଠାରୁ ଭୋର ପର୍ଯ୍ୟନ୍ତ ଏହା ବୁହାଯାଉଛି। ପ୍ରଶାସନ ପକ୍ଷରୁ ଚିହ୍ନଟ ସହର ଉପକଣ୍ଠ ଖାଲୁଆ ଜାଗାରେ ଏହାକୁ ପକାଇବା ଲାଗି ସେମାନଙ୍କୁ କୁହାଯାଇଛି। ବିଳମ୍ବିତ ରାତିରେ ଏହା ବୁହାଯାଉଥିବାରୁ ପ୍ରଶାସନର ନଜର ରହୁନାହିଁ। ଫଳରେ ହାଇୱା ଚାଳକମାନେ ଭଗ୍ନାବଶେଷକୁ ଲୁଟ୍ କରି ରାତିରେ ବିକ୍ରି କରୁଛନ୍ତି। ଏହାକୁ ନେବା ପାଇଁ ଲୋକଙ୍କର ମଧ୍ୟ ଡିମାଣ୍ଡ ରହିଛି। ଛାତ, ପିଲାର, ସିଡି ଆଦିରେ ବ୍ୟବହୃତ ରଡ୍ କଂକ୍ରିଟ ସହିତ ଲାଗି ରହୁଛି। ଏଥିରୁ ବହୁ ପରିମାଣରେ ରଡ୍ ବାହାରୁଛି। ଯେଉଁଠାରେ ଏହା ପକାଯାଉଛି ସେହି ସ୍ଥାନରୁ ଲୋକେ ରଡ୍ ଆଣି ବିକ୍ରି କରୁଛନ୍ତି। ସେହିପରି ଭଙ୍ଗାଇଟା, କଂକ୍ରିଟ୍ ଖାଲୁଆ ଜାଗା ପୋତିବା ପାଇଁ ଲୋକେ କିଣୁଛନ୍ତି। ତେଣୁ ହାଇୱା ଚାଳକମାନେ ପକାଇବାକୁ ନେବା ସମୟରେ ଏହାକୁ ରାତିରେ ଅନ୍ୟ ଲୋକଙ୍କୁ ବିକ୍ରି କରୁଥିବା ଅଭିଯୋଗ ପୂର୍ବରୁ ରହିଥିଲା। ସୋମବାର ରାତିରେ କାକୁଡ଼ିଖାଇ ଛକରୁ ଭଗ୍ନାବଶେଷ ବୁହାଇବା ଲାଗି ୧୧ଟି ହାଇୱା ନିୟୋଜିତ ଥିଲେ। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ମୋଟ ୩୪ ଟ୍ରିପ୍ ଭଗ୍ନାବଶେଷ ଗାଡ଼ି ଚାଳକମାନେ ନେଇଥିଲେ। କିନ୍ତୁ ୨୩ ଟ୍ରିପ୍ ପ୍ରଶାସନ ଦ୍ୱାରା ଚିହ୍ନଟ ସ୍ଥାନରେ ପକାଯାଇଥିବାବେଳେ ୧୧ ଟ୍ରିପ୍ ଗାଏବ କରାଯାଇଥିଲା। ପ୍ରତ୍ୟେକ ଗାଡ଼ି ଶେଷ ଟ୍ରିପ୍‌କୁ ନେଇଯାଇଥିଲେ। ତେବେ ପାଟ୍ରୋଲିଂ ସମୟରେ ସଦର ପୋଲିସ ୩ଟି ହାଇୱାକୁ ଅଟକାଇ ପଚରାଉଚରା କରିବା ପରେ ଘଟଣା ଜଣାପଡ଼ିଥିଲା। ତେଣୁ ପୋଲିସ ସମ୍ପୃକ୍ତ ୩ଟି ଗାଡ଼ିକୁ ଥାନାକୁ ଆଣିଥିଲା। ମାତ୍ର ଚାପରେ ଏହି ଗାଡ଼ିଗୁଡ଼ିକୁ ପୋଲିସ ଛାଡ଼ିଦେଇଥିବା ଚର୍ଚ୍ଚା ହେଉଛି। ହେଲେ ଏହାକୁ ପୋଲିସ ଅସ୍ୱୀକାର କରିଛି। ଏ ସମ୍ପର୍କରେ ସଦର ଥାନା ଆଇଆଇସି ଏସ୍.କେ. ମହାନ୍ତିଙ୍କୁ ପଚାରିବାରେ କହିଛନ୍ତି, କାଗଜପତ୍ର ଯାଞ୍ଚ ପାଇଁ ଗାଡିଗୁଡ଼ିକୁ ଅଟକ ରଖିଥିଲୁ। ଯାଞ୍ଚ ପରେ ଛାଡ଼ି ଦିଆଯାଇଛି।

### ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସମ୍ମିଳନୀ

**କଣାସ, ୨୧।୧(ସ୍ୱ.ପ୍ର)**

କଣାସ ବ୍ଲକ ଗଡ଼ସାହି ପଞ୍ଚାୟତର ମାତୃବିହାର ବରୁଣ ନଗରଠାରେ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ୬ଷ୍ଠ ବାର୍ଷିକ ମହିଳା ପାଠଚକ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଶିକ୍ଷାବିତ୍ ଅକ୍ଷୟ ରଣସିଂହ ସଂଯୋଜନା କରିଥିଲେ। ଜିଲା ପାଠଚକ୍ର ଆବାହକ ସୁକାନ୍ତ କୁମାର ଜେନା, ଡ. ଗୋଲଖ ବିହାରୀ ସାହୁ, ଅଧ୍ୟାପକ ଗଙ୍ଗାଧର ମହାପାତ୍ର, ଶିକ୍ଷାବିତ୍ ବିଶ୍ୱମ୍ଭର ସାହୁ, ସୁରଥ ସ୍ୱାଇଁ ପ୍ରମୁଖ ଯୋଗଦେଇ 'ଜୀବନ ଓ ଯୋଗ' ସମ୍ପର୍କରେ ଆଲୋଚନା କରିଥିଲେ। ଜୀବନ ହିଁ ଅଗ୍ରଗତି ସକାଶେ ଏକ ମୁକ୍ତ ଓ ଜୀବନ୍ତ ପରିବେଶ। ପରିବେଶ ଯେତେ ଶୁଦ୍ଧ ଓ ସଙ୍ଗଠିତ ହୁଏ ଅଗ୍ରଗତି ସେତେ ତୀବ୍ର ଓ ମଜଭୁତ ହୁଏ। ଯୋଗ ମାଧ୍ୟମରେ ସମାଜର ଉନ୍ନତି ହୋଇପାରିବ ବୋଲି ବକ୍ତାମାନେ କହିଥିଲେ। ସମ୍ମିଳନୀରେ ୨୦୦ରୁ ଊର୍ଦ୍ଧ୍ୱ ମହିଳା ଉପସ୍ଥିତ ଥିଲେ। ଅଧ୍ୟକ୍ଷା ଗୀତାଞ୍ଜଳି ପ୍ରଧାନ ଦୁର୍ଗାସ୍ତୋତ୍ର ପାଠ କରିଥିଲେ। ମମତା ପ୍ରିୟଦର୍ଶନୀ ମଙ୍ଗରାଜ ମାତୃ ସଙ୍ଗୀତ ଗାନ, ବିଜୟ ପରିଡ଼ା ଧନ୍ୟବାଦ ଦେଇଥିଲେ।

# ଯୁକ୍ତ ଦୁଇ ପ୍ରଥମବର୍ଷ ପାସ୍‌ଫେଲ୍‌ର ପୁନର୍ବିଚାର ହେବ: ଗଣଶିକ୍ଷା ମନ୍ତ୍ରୀ

**ଭୁବନେଶ୍ୱର,୨୧।୧(ବ୍ୟୁରୋ)**

ଯୁକ୍ତ ଦୁଇ ପ୍ରଥମବର୍ଷ ପରୀକ୍ଷାରେ ପାସଫେଲ୍ ବ୍ୟବସ୍ଥାକୁ ନେଇ ଦିନକୁଦିନ ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ ତୀବ୍ର ହେବାରେ ଲାଗିଛି। ଏଭଳି ବିରୋଧ ବଢୁଥିବାରୁ ଶେଷରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି, ପିଲାମାନେ ଯଦି ପ୍ରସ୍ତୁତ ହୋଇନାହାନ୍ତି ତେବେ ଏହି ନିଷ୍ପତ୍ତିରେ ପୁନର୍ବିଚାର କରାଯିବ। ତେଣୁ ଛାତ୍ରୀଛାତ୍ରମାନେ ଭୟଭୀତ ହେବାର କିଛି କାରଣ ନାହିଁ। ଆସନ୍ତାବର୍ଷ ଏହି ବ୍ୟବସ୍ଥା କରାଯିବାକୁ ଯୋଜନା କରାଯିବ।

ପରୀକ୍ଷା ବାତିଲ କରିବା ଦାବିରେ ମଙ୍ଗଳବାର ରମାଦେବୀ ମହିଳା ଜୁନିୟର କଲେଜ ପ୍ରଥମବର୍ଷର ଛାତ୍ରୀ ଏବଂ ଚନ୍ଦ୍ରଶେଖରପୁର ସ୍ଥିତ ଆଚାର୍ଯ୍ୟ ହରିହର କଲେଜର ପ୍ରଥମବର୍ଷ ଛାତ୍ରୀଛାତ୍ରମାନେ ରାଜରାସ୍ତାକୁ ଓହ୍ଲାଇଛନ୍ତି। ରମାଦେବୀ ମହିଳା ଜୁନିୟର କଲେଜର ଛାତ୍ରୀମାନେ ବିଶ୍ୱବିଦ୍ୟାଳୟ ଗେଟରେ ତାଲା ପକାଇ ରୂପାଲି ଛକ ଏବଂ ଶହୀଦନଗର ରାସ୍ତାକୁ ଅବରୋଧ କରିଥିଲେ। ଏପରି କି ଛାତ୍ରୀମାନେ ରାସ୍ତା ଉପରେ ଟାୟାର ଜାଳି ବସି ରହିଥିଲେ। ଫଳରେ ଗାଡି ଚଳାଚଳ ଅଧଘଣ୍ଟା ପାଇଁ ବନ୍ଦ ରହିଥିଲା। ସେହିପରି ମଧ୍ୟ ଚନ୍ଦ୍ରଶେଖରପୁର ଅଞ୍ଚଳରେ ଥିବା ଆଚାର୍ଯ୍ୟହରିହର କଲେଜରେ ମଧ୍ୟ ଛାତ୍ରୀଛାତ୍ରମାନେ ରାଜରାସ୍ତାକୁ ଓହ୍ଲାଇଥିଲେ। ଖବରପାଇ ପୋଲିସ ଏବଂ କଲେଜ କର୍ତ୍ତୃପକ୍ଷ ପହଞ୍ଚି ପିଲାମାନଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

ଆନ୍ଦୋଳନରତ ଛାତ୍ରୀମାନେ କହିଛନ୍ତି ଯେ, ଯଦି ସରକାର ଏଭଳି ନିଷ୍ପତ୍ତି ନେବାର ଥିଲା ତେବେ ପରୀକ୍ଷାର ମାସେ ପୂର୍ବରୁ କାହିଁକି ନେଲେ। ୬ ମାସ ଆଗରୁ ନେଇଥିଲେ କିଛି ଅସୁବିଧା ହୋଇ ନ ଥାନ୍ତା। ଫେବୃୟାରୀ ମାସରେ ପରୀକ୍ଷା ହେବାକୁ ଥିବାବେଳେ ହଠାତ୍ ଜାନୁୟାରୀରୁ ଏମିତି ଘୋଷଣା କରିବା ଠିକ୍ ନୁହେଁ। ଏ ପର୍ଯ୍ୟନ୍ତ ପ୍ରଥମବର୍ଷ ପଢା ଶେଷ ହୋଇନାହିଁ। ତେବେ ପରୀକ୍ଷା କିଭଳି ଦେବୁ ତାହାକୁ ନେଇ ଚିନ୍ତାରେ ପଡିଛୁ। ଛାତ୍ରୀଛାତ୍ରମାନେ ଦାବି କରିଛନ୍ତି ଯେ, ପରୀକ୍ଷା ଏପରି ବ୍ୟବସ୍ଥାରେ କରାଯାଉ, ଯାହା ଦ୍ୱାରା ଛାତ୍ରୀଛାତ୍ରମାନେ ଅସୁବିଧାରେ ପଡିବେ ନାହିଁ। ସହଜରେ ଏବଂ ସୁବିଧାରେ ପରୀକ୍ଷା ଦେଇପାରିବେ। ତେଣୁ ଏବର୍ଷ ପରୀକ୍ଷାକୁ ବାତିଲ କରାଯାଉ ନଚେତ୍ ସମସ୍ତଙ୍କୁ ପାସ୍ କରାଯାଉ ବୋଲି ସେମାନେ ଦାବି କରିଛନ୍ତି।

ସୂଚନାଯୋଗ୍ୟ, ଚଳିତବର୍ଷ ଯୁକ୍ତଦୁଇ ପ୍ରଥମବର୍ଷର ଛାତ୍ରୀଛାତ୍ରମାନେ ୩୩ ପ୍ରତିଶତ ମାର୍କ ନ ରଖିଲେ ଦ୍ୱିତୀୟ ବର୍ଷକୁ ଯାଇପାରିବେ ନାହିଁ। ଏପରିକି ଫେଲ୍ ଛାତ୍ରୀଙ୍କୁ ଦ୍ୱିତୀୟ ଥର ସୁଯୋଗ ଦିଆଯିବ ବୋଲି ଗତ ୧୪ ତାରିଖରେ ଗଣଶିକ୍ଷା ମନ୍ତ୍ରୀ ଦାଶ ଘୋଷଣା କରିଥିଲେ। ଏହାକୁ ନେଇ ୪ଦିନ ତଳେ ପ୍ରଥମେ ବିଜେବି କଲେଜ, ମହର୍ଷି କଲେଜ, ଦେବରାୟ କଲେଜ, ବିଜୁ ପଟ୍ଟନାୟକ କଲେଜ, ଏକାମ୍ର କଲେଜ, ରାଜଧାନୀ କଲେଜ, ଜଟଣୀ କଲେଜ ଆଦି କଲେଜରେ ଛାତ୍ରୀଛାତ୍ର ବିରୋଧ କରି ରାଜରାସ୍ତାକୁ ଓହ୍ଲାଇଥିଲେ।

# ୮ ଦିନରେ ୨୦ ଲୋକଙ୍କୁ କାମୁଡ଼ିଲାଣି ମାଙ୍କଡ଼

**କଣାସ, ୨୧।୧(ସ୍ୱ.ପ୍ର)**

- କାମୁଡ଼ାରେ ପ୍ରଧାନ ଶିକ୍ଷକ ଗୁରୁତର
- ଆତଙ୍କରେ ଛାତ୍ରୀଛାତ୍ର, ଅଞ୍ଚଳବାସୀ



ଆହତ ଜନାର୍ଦ୍ଦନ ବେହେରା।

କଣାସ ବ୍ଲକ ଅଧୀନ ବେଣାଗାଁ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜନାର୍ଦ୍ଦନ ବେହେରା ମାଙ୍କଡ କାମୁଡ଼ାରେ ଗୁରୁତର ହୋଇଛନ୍ତି। ଏହି ଘଟଣା ଯୋଗୁ ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମେତ ଅଞ୍ଚଳବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ପିଲାଙ୍କୁ ବିଦ୍ୟାଳୟକୁ ପଠାଇବା ପାଇଁ ଅଭିଭାବକମାନେ ଆଗ୍ରହ ପ୍ରକାଶ କରୁନାହାନ୍ତି। ଏହି ମାଙ୍କଡ଼ଟି ଗତ ୮ଦିନ ହେଲା ବେଣାଗାଁ, ଡିମିରି, ଦୟାବିହାର ଆଦି ଅଞ୍ଚଳରେ ୨୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ କାମୁଡ଼ିଲାଣି। ଏହାସତ୍ତ୍ୱେ ବନ ବିଭାଗ ଏହାକୁ ନ ଧରି ଚୁପ୍ ବସିଛି।

ସୂଚନା ଅନୁଯାୟୀ, ମଙ୍ଗଳବାର ପୂର୍ବାହ୍ନରେ ବିଦ୍ୟାଳୟରେ ପ୍ରାର୍ଥନା ସଭା ଆରମ୍ଭ ପୂର୍ବରୁ ଏକ ମାଙ୍କଡ ହଠାତ୍ ଛାତ୍ରୀଛାତ୍ରଙ୍କୁ ଖେଙ୍କାରି ହୋଇ ଗୋଡ଼ାଇ ଆସିଥିଲା। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ପ୍ରଧାନ ଶିକ୍ଷକ ବେହେରା ମାଙ୍କଡ଼କୁ ରୋକିବା ପାଇଁ ତା' ଆଗକୁ ଚାଲିଯିବାରୁ ମାଙ୍କଡଟି ତାଙ୍କ କାନ୍ଧ ଉପରକୁ ଡେଇଁ ପଡ଼ି ଗାଲକୁ କାମୁଡ଼ି ଦେଇଥିଲା। ରକ୍ତାକ୍ତ ଅବସ୍ଥାରେ ପ୍ରଧାନଶିକ୍ଷକଙ୍କୁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଡାକ୍ତର ଲିଙ୍ଗରାଜ ସ୍ୱାଇଁ ତାଙ୍କର ପ୍ରାଥମିକ ଚିକିତ୍ସା କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ପରେ ଛାତ୍ରୀଛାତ୍ରମାନେ ମଧ୍ୟାହ୍ନଭୋଜନ ଖାଉଥିବାବେଳେ ମାଙ୍କଡ଼ଟି ପୁଣି ବିଦ୍ୟାଳୟକୁ ପଶି ଆସିଥିଲା। ଫଳରେ ଛାତ୍ରୀଛାତ୍ରମାନେ ଆତଙ୍କିତ ହୋଇ ଖାଇବା ପାଖରୁ ଉଠିପଡ଼ିଥିଲେ। ତେବେ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀମାନେ ଠେଙ୍ଗା ବାଡ଼ି ଧରି ମାଙ୍କଡ଼କୁ ଘଉଡ଼ାଇ ଥିଲେ। ଏହି ମାଙ୍କଡ଼ଟି ଗତ ୮ଦିନ ହେଲା ବେଣାଗାଁ, ଡିମିରି, ଦୟାବିହାର ଆଦି ଅଞ୍ଚଳରେ ୨୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ କାମୁଡ଼ି ଆତଙ୍କ ଖେଳାଇଛି। ତୁରନ୍ତ ବନ ବିଭାଗ ମାଙ୍କଡ଼ଟିକୁ ଧରିନେଇ ଅନ୍ୟତ୍ର ଛାଡ଼ିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଚନ୍ଦକା ଓ ବରୁଣେଇ ଜଙ୍ଗଲରୁ ଗଛପତ୍ର କଟାଯିବା ଫଳରେ ଶହଶହ ମାଙ୍କଡ଼ ଏବେ କଣାସ ଅଞ୍ଚଳର ବିଭିନ୍ନ ଗ୍ରାମକୁ ଚାଲିଆସିଛନ୍ତି। ସେମାନେ ବାଡ଼ିବଗିଚାରେ ପନିପରିବା ଫସଲ ଖାଇବା ସହ ଘରେ ପଶି ଭାତବେଲା ଓ ହାଣ୍ଡି ଟେକି ନେଇଯାଉଛନ୍ତି।

# ଫନୀ କ୍ଷତିଗ୍ରସ୍ତଙ୍କ ତହସିଲ ଅଫିସ ଘେରାଉ

**ସାକ୍ଷୀଗୋପାଳ,୨୧।୧(ଡି.ଏନ୍.ଏ.)**

**ଘରଭଙ୍ଗା ତଦନ୍ତରେ ଅନିୟମିତତା**




ଫନୀ କ୍ଷତିଗ୍ରସ୍ତ ଲୋକେ ସତ୍ୟବାଦୀ ତହସିଲ ଅଫିସ୍ ଘେରାଉ କରିଛନ୍ତି।

ଘରଭଙ୍ଗା ତଦନ୍ତରେ ଅନିୟମିତତା ପ୍ରତିବାଦରେ ମଙ୍ଗଳବାର ସତ୍ୟବାଦୀ ବ୍ଲକ ଫନୀ କ୍ଷତିଗ୍ରସ୍ତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସତ୍ୟବାଦୀ ତହସିଲ ଅଫିସ ଘେରାଉ କରାଯାଇଥିଲା। ଅଯୋଗ୍ୟ ହିତାଧିକାରୀଙ୍କୁ ତାଲିକାରୁ ବାଦ୍ ଦେଇ ଯୋଗ୍ୟ ପରିବାରଗୁଡ଼ିକୁ ସହାୟତା ଯୋଗାଇଦେବାକୁ ଦାବି କରି ନାରାବାଜି ଦେଇଥିଲେ। ଅଭିଯୋଗ ସମ୍ପର୍କରେ ପୂର୍ବରୁ ଉଚ୍ଚ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ ଏବଂ ଅଧିକାରୀଙ୍କ ଆଦେଶକ୍ରମେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ତହସିଲଦାର ଆନ୍ଦୋଳନକାରୀଙ୍କୁ ୧ମାସ ସମୟ ଦେଇଥିଲେ। ପ୍ରତିଶ୍ରୁତିର ୧ମାସ ବିତିଯାଇଥିଲେ ମଧ୍ୟ ସୁଫଳ ନ ମିଳିବାରୁ କ୍ରିୟାନୁଷ୍ଠାନ କମିଟିର କର୍ମକର୍ତ୍ତା ପୁରୀ ଅତିରିକ୍ତ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଏକ ସପ୍ତାହ ମଧ୍ୟରେ ନ୍ୟାୟ ନ ମିଳିଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି। ଗୋବିନ୍ଦ ମହାପାତ୍ର, ସଚ୍ଚିକାନ୍ତ ବରାଳ, ଦୁର୍ଗେଶ ମିଶ୍ର, ପିତାମ୍ବରୀ ଦାସ, ସତ୍ୟଭାମା ଦାସ, ଗିରିଧାରୀ ବରାଳ ଓ ଉମା ବାରିକ ପ୍ରମୁଖ ଅତିରିକ୍ତ ତହସିଲଦାର ମୌସୁମୀ ମିଶ୍ର ଓ ସତ୍ୟବାଦୀ ଥାନା ଆଇଆଇସି ଶକୁନ୍ତଳା ପତିଙ୍କ ସହ ଆଲୋଚନା କରିଥିଲେ। ତହସିଲଦାର କସ୍ତୁରୀ ପ୍ରଧାନ ଦାବି ପୂରଣ ନେଇ ଆସନ୍ତା ୨ ତାରିଖ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପରାମର୍ଶ ଦେଇଥିଲେ। ଏହା ପରେ ଆନ୍ଦୋଳନ ସ୍ଥଗିତ ରଖାଯାଇଥିଲା।



ପ୍ରତିନିଧି ଦଳ ସୂର୍ଯ୍ୟମନ୍ଦିର ବୁଲି ଦେଖୁଛନ୍ତି।

# ପାର୍ଲାମେଣ୍ଟ ଷ୍ଟାଣ୍ଡିଂ କମିଟିର ସୂର୍ଯ୍ୟମନ୍ଦିର ପରିଦର୍ଶନ

**କୋଣାର୍କ, ୨୧।୧(ଡି.ଏନ.ଏ)**

ପାର୍ଲାମେଣ୍ଟ ଷ୍ଟାଣ୍ଡିଂ କମିଟିର ଏକ ପ୍ରତିନିଧି ଦଳ ମଙ୍ଗଳବାର କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିଛନ୍ତି। କମିଟିର ଅଧ୍ୟକ୍ଷ ରାଜୀବ ରଞ୍ଜନ ସିଂଙ୍କ ନେତୃତ୍ୱରେ ଆସିଥିବା ଏହି ଦଳରେ ୧୬ଜଣ ସଦସ୍ୟା ସଦସ୍ୟ ସାମିଲ ଅଛନ୍ତି। ଏହି ପ୍ରତିନିଧି ଦଳ କୋଣାର୍କ ଯାତ୍ରୀନିବାସରେ ପହଞ୍ଚିବା ପରେ ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ ଏବଂ ଏନ୍‌ଏସି ନିର୍ବାହୀ ଅଧିକାରୀ ଏମ୍. ଶ୍ରୀନିବାସ ଗୋଲାପ ଫୁଲ ଦେଇ ସେମାନଙ୍କୁ ସ୍ୱାଗତ କରିଥିଲେ। ସୂର୍ଯ୍ୟମନ୍ଦିରର କଳା, ସଂସ୍କୃତି ଓ ଭାସ୍କର୍ଯ୍ୟ ସମ୍ପର୍କରେ ସରକାରୀ ସ୍ୱୀକୃତିପ୍ରାପ୍ତ ଗାଇଡ୍ ଆଭାସ ଚନ୍ଦ୍ର ମହାନ୍ତି ସେମାନଙ୍କୁ ଅବଗତ କରାଇଥିଲେ । ଏହି ଗସ୍ତ ସମୟରେ ଏସ୍‌ଆଇ ସୁପରିଣ୍ଟେଣ୍ଡେଣ୍ଟ ଅରୁଣ କୁମାର ମଲ୍ଲିକ, କୋଣାର୍କ ମ୍ୟୁଜିୟମ୍ ଅଧିକାରୀ ପ୍ରତାପ ନାୟକ, କୋଣାର୍କ ଏସ୍‌ଆଇ ଅଧିକାରୀ ନିରୋଜ ସିଂ, ଏଏସ୍‌ଆଇ ଭୁବନେଶ୍ୱର ମଣ୍ଡଳର ଇଞ୍ଜିନିୟର ଅନର୍ଭ ଦାସ ଏବଂ କୋଣାର୍କ ଥାନା ଅଧିକାରୀ ରଞ୍ଜନ ମଲିକ ଉପସ୍ଥିତ ଥିଲେ।

# ଭଉଁରିଆ ସେତୁ ବିପଦସଙ୍କୁଳ: ଭୁଶୁଡ଼ିବା ଆଶଙ୍କା

**ଅସ୍ତରଙ୍ଗ, ୨୧।୧ (ଡି.ଏନ.ଏ)**

- ଭାରିଯାନ ଚଳାଚଳ ଉପରେ ଲାଗୁନି କଟକଣା
- ନୂତନ ସେତୁ ନିର୍ମାଣ ଦାବି ଶୁଣୁନି ପ୍ରଶାସନ



ଭଉଁରିଆ ସେତୁ।

ପୁରୀ ଜିଲା ଅସ୍ତରଙ୍ଗ ବଜାରଠାରୁ କିଛି ଦୂରରେ ଥିବା ଭଉଁରିଆ ସେତୁ ଏବେ ବିପଦ ସଙ୍କୁଳ ହୋଇପଡ଼ିଛି। ତଳଭାଗ ପ୍ଲାଷ୍ଟର ଛାଡ଼ିଗଲାଣି। ତଳେ ଜୁଆରିଆ ନଈର ଲୁଣି ପବନରେ ବିମ୍‌ରେ କଳଙ୍କି ଲାଗିଲାଣି। ଉପରିଭାଗ ବି ଭାଙ୍ଗିରୁଜି ଗଲାଣି। ଫଳରେ ଯେ କୌଣସି ମୁହୂର୍ତ୍ତରେ ଏହା ଭୁଶୁଡ଼ି ପଡ଼ିବାର ଆଶଙ୍କା ରହିଛି। ଏହି ସେତୁ ବହୁ ପୁରୁଣା ଓ ସଂକୀର୍ଣ୍ଣ। ପ୍ରାୟ ୫ ଦଶନ୍ଧି ପୂର୍ବେ ନିର୍ମାଣ ହୋଇଥିବା ଏହି ସେତୁଟି ୪ ପଞ୍ଚାୟତବାସୀଙ୍କ ଯାତାୟାତର ମୁଖ୍ୟ ମାଧ୍ୟମ। ସେତେବେଳର ଜନସଂଖ୍ୟାକୁ ଆଧାର କରି ସେତୁ ନିର୍ମାଣ ହୋଇଥିଲା। ମାତ୍ର ଏବେ ସେତୁର ଧାର୍ଯ୍ୟ କ୍ଷମତାଠାରୁ ଅଧିକ ସଂଖ୍ୟକ ଲୋକ ଦୈନିକ ଯାତାୟାତ କରୁଥିବାବେଳେ ଶହଶହ ଗାଡ଼ି ସମେତ ଭାରିଯାନ ଚଳାଚଳ କରୁଛି। ତେଣୁ ସେତୁ ଦବିଯାଇ ଯେ କୌଣସି ମୁହୂର୍ତ୍ତରେ ଭୁଶୁଡ଼ି ପଡ଼ିବା ଆଶଙ୍କା ପ୍ରକାଶ ପାଇଛି। ଏହି ସେତୁର ଉପରିଭାଗ ବିଭିନ୍ନ ସମୟରେ ମରାମତି ହେଉଥିଲେ ବି ଦିନ କେଇଟାରେ ପୂର୍ବ ଅବସ୍ଥାକୁ ଫେରିଆସୁଛି। ଏକ ପ୍ରଶସ୍ତ ନୂଆ ସେତୁ ନିର୍ମାଣ ପାଇଁ ଦୀର୍ଘଦିନ ହେଲା ଅଞ୍ଚଳବାସୀ ଦାବି କରି ଆସୁଥିଲେ ମଧ୍ୟ ଏପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ସେତୁ ଉପରେ ଭାରିଯାନ ଚଳାଚଳ ବନ୍ଦ କରିବାକୁ କିଛିଦିନ ତଳେ ଓଳିହାଁ ଗ୍ରାମର ଲକ୍ଷ୍ମୀଧର ବିଶ୍ୱାଳ ପ୍ରଶାସନକୁ ନିବେଦନ କରିଥିଲେ। ଯାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ। ନଈଗୁଆଁ ପଞ୍ଚାୟତ ଡେରୁଣିଆଁ ଗ୍ରାମର ପୁରୁଖା ବ୍ୟକ୍ତି ମଧୁସୂଦନ ସାହୁ କହିଛନ୍ତି, ୧୯୭୨ ମସିହାରେ ଏହି ସେତୁ ନିର୍ମିତ ହୋଇଥିଲା। ଏହାକୁ ଖାଲି ମରାମତି କଲେ ହେବନାହିଁ, ଲୋକସଂଖ୍ୟା ଦୃଷ୍ଟିକୋଣରୁ ସମ୍ପୂର୍ଣ୍ଣ ନୂଆ ସେତୁ ନିର୍ମାଣର ଆବଶ୍ୟକତା ରହିଛି। ସେହିପରି ଆଳସାହି ସରପଞ୍ଚ ଅଧିକାରୀ ବେହେରା କହିଛନ୍ତି, ସେତୁଟି ବହୁ ପୁରାତନ ଓ ସଂକୀର୍ଣ୍ଣ ହୋଇଥିବାରୁ ଗୋଟିଏ ଗାଡ଼ି ଗଲେ ଅନ୍ୟ ଗାଡ଼ି ଯିବା ତ ଦୂରର କଥା, ଜଣେ ବ୍ୟକ୍ତି ବି ଯିବା କଷ୍ଟକର ହେଉଛି। ପ୍ରଶାସନକୁ ଏ ସମ୍ପର୍କରେ ବାରମ୍ବାର ଜଣାଇବା ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉ ନାହିଁ। ସେହିପରି ଅସ୍ତରଙ୍ଗର ସୂର୍ଯ୍ୟକାନ୍ତ ନାୟକ କହିଛନ୍ତି, ସଂକୀର୍ଣ୍ଣ ସେତୁ ଯୋଗୁ ବହୁ ସମୟରେ ଦୁର୍ଘଟଣା ଘଟୁଛି। ବିଗତ ଦିନରେ ଟ୍ରକ୍ ମାଡ଼ିଯିବାରୁ ଜଣକ ଜୀବନ ଯାଇଥିଲା। ଅନ୍ୟପକ୍ଷେ ପୁରୁଣା ସେତୁର ପୁନରୁଦ୍ଧାର ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ରତନ ନାୟକ କହିଛନ୍ତି, ସେତୁର ଅବସ୍ଥା ପରଖିବା ସହ କାର୍ଯ୍ୟ ପାଇଁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ଜାନୁୟାରୀ ୨୨ /୨୦୨୦



ଯାହା କ୍ଷତି ହୋଇଗଲାଣି ସେଥିପାଇଁ ବସି ଲୁହ ଗଡ଼ାଇବା ନୁହେଁ, ତାକୁ ପୂରଣ କରିବା ପାଇଁ ପ୍ରଫୁଲ୍ଲ ଚିତ୍ତରେ ଆଗେଇ ଯିବା ହେଉଛି ବିଜ୍ଞ ଲୋକର କାମ। -ସେକ୍ସପିଅର



# ନୋ ଫିଶିଂ ଜୋନ୍‌ରେ ଚାଲୁଛି ଟ୍ରଲର

**ପୁରୀ ଅଫିସ, ୨୧।୧:**

■ କଟକଣାକୁ ବେଖାତିର

■ ବନ ବିଭାଗ ଜବତ କଲାଣି ୩ ଟ୍ରଲର

■ ଉଦ୍ଧାର ୪ ଜୀବିତ ଅଲିଭ୍ ରିଡ୍‌ଲେଙ୍କୁ ସମୁଦ୍ରରେ ଛଡ଼ାଗଲା



ନଭେମ୍ବରରୁ ଲକ୍ଷାଧିକ ସଂଖ୍ୟାରେ ଅଲିଭ ରିଡ୍‌ଲେ କଇଁଛ ଓଡ଼ିଶା ଉପକୂଳକୁ ଆସିବା ଆରମ୍ଭ କରନ୍ତି। କୂଳଠାରୁ ୫ରୁ ୧୦ କି.ମି. ମଧ୍ୟରେ ସେମାନଙ୍କର ମିଳନ ହୁଏ। ବିଶେଷକରି ଓଡ଼ିଶାର ଗହୀରମଥା, ଋଷିକୁଲ୍ୟା ମୁହାଣ ଏବଂ ପୁରୀ ଜିଲା ଅସ୍ତରଙ୍ଗ ଦେବୀନଦୀ ମୁହାଣ ଉପକୂଳ ଅଞ୍ଚଳରେ ଅଧିକ ସଂଖ୍ୟାରେ ଅଲିଭ ରିଡ୍‌ଲେ ଦେଖାଯାଆନ୍ତି। ତେଣୁ ଓଡ଼ିଶାମୁହାଁ ହେଉଥିବା ଅଲିଭ୍ ରିଡ୍‌ଲେଙ୍କ ସୁରକ୍ଷା ପାଇଁ ନଭେମ୍ବର ୧ରୁ ମେ ୩୧ ପର୍ଯ୍ୟନ୍ତ ମାଛଧରା ଉପରେ କଟକଣା ଜାରି କରାଯାଇଛି। ଇତିମଧ୍ୟରେ ଏହି କଟକଣା ଅଢେଇ ମାସ ପୂରିଯାଉଛି। ପୁରୀ ବନ୍ୟପ୍ରାଣୀ ଡିଭିଜନ ପକ୍ଷରୁ ଏମାନଙ୍କ ସୁରକ୍ଷା ପାଇଁ ପାଟ୍ରୋଲିଂ ଟ୍ରଲର ବୁଲୁଥିବା ବେଳେ ୧୩ଟି କ୍ୟାମ୍ପ କରାଯାଇଛି। ତଥାପି ନିଷିଦ୍ଧାଞ୍ଚଳରେ ଟ୍ରଲର ମାଛ ମାରୁଥିବା ବେଳେ ଏଥିରେ ମାଡ଼ ହୋଇ ଅନେକ କଇଁଛ ମୃତ୍ୟୁ ଘଟୁଛି। ତେବେ ଏଥର କଟକଣା ପରଠାରୁ ବର୍ତ୍ତମାନ ସୁଦ୍ଧା ବନ ବିଭାଗ ୩ଟି ଟ୍ରଲର ଜବତ କରିଛି। ଗୋଟିଏ ଟ୍ରଲରରୁ ୪ଟି ଜୀବିତ ଅଲିଭ ରିଡ୍‌ଲେ ଜବତ କରାଯାଇ ସମୁଦ୍ରରେ ଛାଡ଼ିଦିଆଯାଇଛି।

ବ୍ରହ୍ମଗିରି ଅରଖକୁଦାଠାରୁ ଅସ୍ତରଙ୍ଗ ଦେବୀ ମୁହାଣ ପ୍ରାୟ ୧୦୦ କି.ମି. ବ୍ୟାପ୍ତ ବେଳାଭୂମି ପୁରୀ ବନ୍ୟପ୍ରାଣୀ ଡିଭିଜନ ଅଧୀନରେ ରହିଛି। ଅଲିଭ ରିଡଲେ କଇଁଛଙ୍କ ଆଗମନ ଏବଂ ଅଣ୍ଡାଦାନ ଲାଗି ବର୍ତ୍ତମାନ ମାଛଧରା ଉପରେ କଟକଣା ଜାରି କରାଯାଇଛି। ଦେବୀ ମୁହାଣଠାରୁ କେଲୁଣୀ ମୁହାଣ ୨୧ କି.ମି. ଅଞ୍ଚଳରେ ଉପକୂଳଠାରୁ ସମୁଦ୍ର ମଧ୍ୟକୁ ୨୦କିମି ଏବଂ ଅନ୍ୟାନ୍ୟ ଅଞ୍ଚଳରେ ଉପକୂଳଠାରୁ ୫ କିମି ମଧ୍ୟରେ ଟ୍ରଲର ଚଳାଚଳ ସମ୍ପୂର୍ଣ୍ଣ ନିଷିଦ୍ଧ ରହିଛି। କିନ୍ତୁ ଏହି ନୋ ଫିଶିଂ ଜୋନ୍‌ରେ ଅଧିକାଂଶ ସମୟ ଚକ୍କର କାଟୁଥିବା ଟ୍ରଲରଗୁଡ଼ିକ ଅଲିଭ ରିଡ୍‌ଲେଙ୍କ ମୃତ୍ୟୁର କାରଣ ସାଜୁଛନ୍ତି।

ପୁରୀ ବନ୍ୟପ୍ରାଣୀ ଡିଭିଜନ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ମୁତାବକ, ପୁରୀ ଡିଭିଜନରେ ୧୩ଟି କଇଁଛ ସୁରକ୍ଷା କ୍ୟାମ୍ପ କରାଯାଇଛି। ୧୨ଟି ବେଳାଭୂମିରେ (ଅନ୍‌ସୋର କ୍ୟାମ୍ପ) ହୋଇଥିବାବେଳେ ଗୋଟିଏ ସମୁଦ୍ର ମଧ୍ୟରେ ପାଟ୍ରୋଲିଂ (ଅଫ୍‌ସୋର କ୍ୟାମ୍ପ) ଲାଗି ଉଦ୍ଦିଷ୍ଟ। ଏହି ୧୨ଟି କ୍ୟାମ୍ପ ଦେବୀନାସୀ, ଗଙ୍ଗାଦେବୀ, ଜାହାନିଆଁ, ଡାଲୁଅକଣି, କଅଁରପୁର, ଚନ୍ଦ୍ରଭାଗାର, ରାମଚଣ୍ଡୀ, ବେଲେଶ୍ୱର, ନୂଆନଈ, ପେଣ୍ଠକଟା, ବଳିଆପଣ୍ଡା ଓ ବାଲିହରଚଣ୍ଡୀରେ କରାଯାଇଛି। ସେହିପରି ଦେବୀନାସୀଠାରେ ଗୋଟିଏ ଅଫ୍‌ସୋର କ୍ୟାମ୍ପ କରାଯାଇଛି। ପ୍ରତି କ୍ୟାମ୍ପରେ ୨ ଜଣ ୱାଚର (ଅସ୍ଥାୟୀ କର୍ମଚାରୀ) ଏବଂ ଜଣେ ଲେଖାଏ ଫରେଷ୍ଟର ଏବଂ ଫରେଷ୍ଟ ଗାର୍ଡ ରହୁଛନ୍ତି। କ୍ୟାମ୍ପରେ ମୁତୟନ ହୋଇଥିବା କର୍ମଚାରୀମାନେ ସମୁଦ୍ରରେ ନୋ ଫିଶିଂ ଜୋନ୍ ଅଞ୍ଚଳରେ ଟ୍ରଲର ଚଳାଚଳ ଉପରେ ତୀକ୍ଷ୍ଣ ନଜର ରଖୁଛନ୍ତି। ଟ୍ରଲର କିମ୍ବା ଡଙ୍ଗା ମାଛ ମାରୁଥିବା ଦେଖିଲେ ଖବର ଦେଇଥାନ୍ତି। ଏଥିସହ ବେଳାଭୂମିରେ ମୃତ କଇଁଛ ଲାଗିଲେ ଏହାକୁ ଚିହ୍ନଟ କରି ନମ୍ବର ଦେଇ ପୋତିଥାନ୍ତି। ଦେବୀନାସୀଠାରେ ମତ୍ସ୍ୟ ବିଭାଗ ସହାୟତାରେ ଅଫ୍‌ସୋର କ୍ୟାମ୍ପ କାର୍ଯ୍ୟକ୍ଷମ ହେଉଛି। ସେଠାରେ ପାଟ୍ରୋଲିଂ ଟ୍ରଲର ରଖାଯାଇଛି। ଏଥିରେ ବନ ବିଭାଗର ୬ଜଣ ଏବଂ ପୋଲିସ କର୍ମଚାରୀ ୫ ଜଣ ଅଛନ୍ତି। ଅସ୍ତରଙ୍ଗ ଅଞ୍ଚଳରେ ଅର୍ଥାତ୍ ଦେବୀ ମୁହାଣଠାରୁ କେଲୁଣୀ ମୁହାଣ ମଧ୍ୟରେ ନିୟମିତ ପାଟ୍ରୋଲିଂ କରାଯାଉଛି। ଯେହେତୁ ଏଠାକୁ ଅଧିକ ସଂଖ୍ୟକ ଅଲିଭ ରିଡ୍‌ଲେ ଆସିଥାନ୍ତି ସେଥିପାଇଁ ଏହି ଅଞ୍ଚଳ ଉପରେ ଅଧିକ ଫୋକସ ରହିଛି। ଗତ ରବିବାର ପେଣ୍ଠକଟା ନିକଟ ସମୁଦ୍ରରେ ବେଆଇନ ଭାବେ ମାଛ ଧରୁଥିବା ସୁନାଦେଉଳ ନାମକ ଏକ ଟ୍ରଲରକୁ ପାଟ୍ରୋଲିଂ ଟିମ୍ ଜବତ କରିଥିଲା। ଏଥିରେ ଥିବା ୫ ମତ୍ସ୍ୟଜୀବୀଙ୍କୁ ବନ୍ୟପ୍ରାଣୀ ସୁରକ୍ଷା ଆଇନ ଅନୁଯାୟୀ ଗିରଫ କରାଯାଇଛି। ଟ୍ରଲରରୁ ୨ଯୋଡ଼ି ଅର୍ଥାତ୍ ୪ଟି ଜୀବିତ ଅଲିଭ୍ ରିଡଲେଙ୍କୁ ଉଦ୍ଧାର କରାଯାଇ ସମୁଦ୍ରରେ ଛଡ଼ାଯାଇଛି। ସେହିପରି ଏଥିରେ ଥିବା ମାଛ ଓ କଙ୍କଡ଼ାକୁ ୧୮,୩୦୦ ଟଙ୍କାରେ ବିକ୍ରି କରାଯାଇଥିବାବେଳେ ଜବତ ଟ୍ରଲରକୁ ସାମୁଦ୍ରିକ ମତ୍ସ୍ୟ ବିଭାଗ ଜିମା ଦେଇଛି ବନ ବିଭାଗ। ଏତଦ୍‌ବ୍ୟତୀତ ଚଳିତ କଟକଣା ଅବଧି ମଧ୍ୟରେ ନିଷିଦ୍ଧାଞ୍ଚଳରେ ମାଛ ମାରୁଥିବା ବେଳେ ଆଉ ୨ଟି ଟ୍ରଲରକୁ ମଧ୍ୟ ଜବତ କରାଯାଇଛି ବୋଲି ସହକାରୀ ବନ ସଂରକ୍ଷକ (ଏସିଏଫ୍) ପ୍ରଶାନ୍ତ କୁମାର ସ୍ୱାଇଁ କହିଛନ୍ତି।

ମିଳିଥିବା ତଥ୍ୟ ଅନୁଯାୟୀ, ୨୦୧୫-୧୬ରେ ୬ଟି, ୨୦୧୬-୧୭ରେ ୬ଟି, ୨୦୧୭-୧୮ରେ ୪ଟି, ୨୦୧୮-୧୯ରେ ୨ଟି ଏବଂ ୨୦୧୯-୨୦ରେ ବର୍ତ୍ତମାନ ସୁଦ୍ଧା ୩ଟି ଟ୍ରଲର ଜବତ କରାଯାଇଛି। ପୁରୀ ବନ୍ୟପ୍ରାଣୀ ଡିଭିଜନର ଏସିଏଫ୍ ସ୍ୱାଇଁ କୁହନ୍ତି, କଇଁଛ ସୁରକ୍ଷା ପ୍ରତି ସମ୍ପୂର୍ଣ୍ଣ ଭାବେ ଦୃଷ୍ଟି ରଖାଯାଇଛି। ସାମୁଦ୍ରିକ ପାଟ୍ରୋଲିଂକୁ ଜୋରଦାର କରାଯାଉଛି। ଆଗକୁ ଏହି ପାଟ୍ରୋଲିଂକୁ ଆହୁରି କଡ଼ାକଡ଼ି କରାଯିବ।

# ବିଦ୍ୟୁତ୍ କାଟ ବନ୍ଦ ଦାବି କଲା ଉପଭୋକ୍ତା ମଞ୍ଚ

**ପୁରୀ ଅଫିସ,୨୧।୧:**

ବକେୟା ବିଦ୍ୟୁତ୍ ବିଲ୍ ଆଦାୟ ନେଇ ସେସୁ ଯେଉଁ ପଦକ୍ଷେପ ଆରମ୍ଭ କରିଛି ତାହା ସ୍ୱାଗତଯୋଗ୍ୟ। କିନ୍ତୁ ଅନେକ କ୍ଷେତ୍ରରେ ଭୁଲ୍‌ବଶତଃ ହେଉ କିମ୍ବା ମିଟରର ତ୍ରୁଟି ପାଇଁ ଉପଭୋକ୍ତାଙ୍କ ଉପରେ ଅଯଥାରେ ବକେୟା ବିଲ୍ ଗଡୁଛି। ଏହାର ଠିକ୍ ହିସାବ ନ ଦେବା ପର୍ଯ୍ୟନ୍ତ ବିଦ୍ୟୁତ୍ ନ କାଟିବା ପାଇଁ ଦାବି କରିଛି ପୁରୀ ଜିଲା ବିଦ୍ୟୁତ୍ ଉପଭୋକ୍ତା ମଞ୍ଚ। ସାଲବେଗ ସମାଧି ପୀଠରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମଞ୍ଚ ପକ୍ଷରୁ କୁହାଯାଇଛି ଯେଉଁମାନଙ୍କର ବକେୟା ବିଲ୍ ରହିଛି ସେମାନଙ୍କର ବିଦ୍ୟୁତ୍ କାଟିଦିଆଯାଉଛି। ହେଲେ କେତେକ କ୍ଷେତ୍ରରେ ମିଟର କିମ୍ବା ରିଡିଂ ମେସିନର ତ୍ରୁଟି ପାଇଁ ହେଉ, ରିଡିଂ କରୁଥିବା କର୍ମଚାରୀଙ୍କ ଅବହେଳା, ମିଟର ନ ଥିବା, ମିଟର ଚାଲୁ ନ ଥିବା, ମିଟର ବଦଳାଯାଇ ନ ଥିବା ଏମିତି ଅନେକ କାରଣ ପାଇଁ ଉପଭୋକ୍ତାଙ୍କ ପାଖକୁ ବିଲ୍ ଆସିଛି। ଏହାକୁ ପଇଠ କରି ନ ଥିବାରୁ ସେମାନଙ୍କ ନାଁରେ ବକେୟା ବିଲ୍ ଗଡୁଛି। ଏ ନେଇ ଉପଭୋକ୍ତାମାନେ ବାରମ୍ବାର ସେସୁ ଓ ଫେଡ୍‌କୋ ଅଧିକାରୀଙ୍କୁ ଦେଖାକରିଥିଲେ ମଧ୍ୟ ସେମାନଙ୍କ କଥା ଶୁଣାଯାଇ ନାହିଁ। ଏଥିସହ ବିଦ୍ୟୁତ୍ ବିଲ୍ ଆଦାୟ ପାଇଁ ବିଭିନ୍ନ ଘରୋଇ ସଂସ୍ଥାକୁ ଠିକା ଦେବା ଏବଂ ସେମାନଙ୍କୁ ପୁଣି ବଦଳାଯାଇଛି। ସମ୍ପୃକ୍ତ ଘରୋଇ ସଂସ୍ଥାଗୁଡ଼ିକ ଠିକ୍ ଭାବେ ହିସାବ ନ ଦେଇ ପଳାଇଯିବା ଏବଂ ପୁଣି ନୂଆ ସଂସ୍ଥାକୁ ଦାୟିତ୍ୱ ଦିଆଯିବା ଦ୍ୱାରା ଏମିତି ଅନେକ ତ୍ରୁଟି ରହିଛି। ଏହିସବୁ ସମସ୍ୟା ଓ ପ୍ରସଙ୍ଗକୁ ଅଣଦେଖା କରାଯାଇଛି। ଉପଭୋକ୍ତାଙ୍କୁ ସେମାନଙ୍କ ବକେୟା ସମ୍ପର୍କରେ ଠିକ୍ ଭାବେ ହିସାବ ନ ଦିଆଯାଇ ଜୋର୍ ଜବରଦସ୍ତ ବିଦ୍ୟୁତ୍ କଟାଯାଉଥିବା ମଞ୍ଚ କର୍ମକର୍ତ୍ତା ଅଭିଯୋଗ କରିଛନ୍ତି। ଏପରି କି ବିଦ୍ୟୁତ୍ କାଟିବା ନିମନ୍ତେ ଆଇନରେ ଯେଉଁ ବିଧି ବ୍ୟବସ୍ଥା ରହିଛି ତାହା ପାଳନ କରାଯାଉ ନାହିଁ। ତେଣୁ ବିଭାଗୀୟ ଅଧିକାରୀ ଏବଂ ଜିଲା ପ୍ରଶାସନ ଉପଭୋକ୍ତାଙ୍କ ଉପରେ ଥିବା ବକେୟା ବିଲ୍‌ର ଠିକ୍ ହିସାବ ପ୍ରଦାନ କରି ଟଙ୍କା ଆଦାୟ କରନ୍ତୁ ଏବଂ ବେଆଇନ ଭାବେ ବିଦ୍ୟୁତ୍ କାଟ ବନ୍ଦ କରନ୍ତୁ। ନଚେତ ଜିଲା ବିଦ୍ୟୁତ୍ ଉପଭୋକ୍ତା ମଞ୍ଚ ଓ ଯୁବ ଆଇନଜୀବୀ ସଂଘ ତରଫରୁ ଆନ୍ଦୋଳନ କରାଯିବ ବୋଲି ମଞ୍ଚର ଆବାହକ ଆଇନଜୀବୀ ସ୍ମୃତିରଞ୍ଜନ ପତି, ଆଇନଜୀବୀ କାଳୀପ୍ରସାଦ ନାୟକ, ଆଇନଜୀବୀ ଶ୍ରୀକାନ୍ତ ପରିଜା, ସାମାଜିକ କର୍ମୀ ଭୀମସେନ ସ୍ୱାଇଁ ପ୍ରମୁଖ ଚେତାବନୀ ଦେଇଛନ୍ତି।

# ବିକ୍ଷୋଭ ପ୍ରଦର୍ଶନ ସହ ରାସ୍ତାରେ ବସିଲେ ଛାତ୍ରୀଛାତ୍ର

## ଯୁକ୍ତଦୁଇ ପ୍ରଥମ ବର୍ଷ କାଉନସିଲ୍ ପରୀକ୍ଷା ବ୍ୟବସ୍ଥାକୁ ବିରୋଧ

**ପୁରୀ ଅଫିସ, ୨୧।୧:**



ଛାତ୍ରୀଛାତ୍ରମାନେ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି।

ଯୁକ୍ତଦୁଇ ପ୍ରଥମ ବର୍ଷ କାଉନସିଲ୍ ପରୀକ୍ଷା ବ୍ୟବସ୍ଥାକୁ ବିରୋଧକରି ସୁରଜ ମଲ୍ଲ ଶାହା କଲେଜ ପ୍ରଥମ ବର୍ଷର ଛାତ୍ରୀଛାତ୍ରମାନେ ମଙ୍ଗଳବାର ଆନ୍ଦୋଳନକୁ ଓହ୍ଲାଇଥିଲେ। ସେମାନେ ପ୍ରଥମେ କଲେଜ କ୍ୟାମ୍ପସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିଭିନ୍ନ ସ୍ଲୋଗାନ ଦେଇ ଶିକ୍ଷା ବିଭାଗର ଏହି ନିଷ୍ପତ୍ତିକୁ ତୀବ୍ର ବିରୋଧ କରିଥିଲେ। ପରେ ପୁରୀ -ସାତପଡ଼ା ଜାତୀୟ ରାଜପଥର ମଙ୍ଗଳାଘାଟ ଛକରେ ପଥର ରଖି ଓ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଧାରଣା ଜାରି ରହିଥିଲା। ଫଳରେ ତିନି ପଟୁ ଯାତାୟତ ଠପ୍ ହୋଇପଡ଼ିଥିଲା। ବ୍ରହ୍ମଗିରି, ପୁରୀ ଓ ବୀରହରେକୃଷ୍ଣପୁର ପଟୁ ଆସୁଥିବା ସମସ୍ତ ବସ୍ ଏବଂ ଅନ୍ୟ ଗାଡ଼ିଗୁଡ଼ିକ ଜାତୀୟ ରାଜପଥ ଉପରେ ଅଟକି ରହିଥିଲା। ଦୀର୍ଘ ୩ଘଣ୍ଟା ଧରି ରାସ୍ତାରୋକୋ ଯୋଗୁ ଯାତ୍ରୀମାନେ ହଇରାଣ ହୋଇଥିଲେ। କେତେଜଣ ଯାତ୍ରୀ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଫଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ବାସେଳିସାହି ଥାନା ପୋଲିସ ପହଞ୍ଚି ଛାତ୍ରୀଛାତ୍ରଙ୍କୁ ବୁଝାଶୁଝା କରିଥିଲା। ଏହାପରେ ଅବରୋଧ ହଟିଥିଲା।

# ପ୍ରସୂତି ମହିଳାଙ୍କୁ ମିଳିଲା ବମ୍ବେ ଗ୍ରୁପ୍ ରକ୍ତ

## ରାଉରକେଲାରୁ ଟ୍ରେନ୍‌ରେ ଆସି ରକ୍ତଦାନ କଲେ ରଜତ



**ଅନୁଗୋଳ ଅଫିସ, ୨୧।୧:** ଅନୁଗୋଳ ବଇଣ୍ଡା ଅଞ୍ଚଳର ଜଣେ ପ୍ରସୂତି ମହିଳାଙ୍କୁ ମିଳିଛି ବିରଳ ବମ୍ବେ ଗ୍ରୁପ୍ ବା 'ଓଏଚ୍ ପଜେଟିଭ' (ବମ୍ବେ ଫେନୋଟାଇପ) ରକ୍ତ। ତେବେ ଏହି ରକ୍ତଦାନ ପାଇଁ ଜଣେ ବ୍ୟକ୍ତିଙ୍କୁ ରାଉରକେଲାରୁ ଟ୍ରେନ୍‌ରେ ଅନୁଗୋଳ ଆସିବାକୁ ପଡ଼ିଛି। ମଙ୍ଗଳବାର ଏହି ଘଟଣା ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି।

ସୂଚନା ଅନୁଯାୟୀ, ଜିଲା ମୁଖ୍ୟ ଚିକିତ୍ସାଳୟରେ ବଇଣ୍ଡାର ମୋନାଲିସା ବେହେରାଙ୍କ ଚିକିତ୍ସା ଚାଲିଛି। ତାଙ୍କର ବ୍ଲଡ୍ ଗ୍ରୁପ୍ 'ଓଏଚ ପଜେଟିଭ' ହୋଇଥିବାରୁ ତାହା ରକ୍ତ ଭଣ୍ଡାରରେ ନ ଥିଲା। ଏହି ଗ୍ରୁପ୍ ଅତ୍ୟନ୍ତ ବିରଳ ଓ କୋଟିଏ ମଣିଷଙ୍କ ମଧ୍ୟରୁ ଜଣଙ୍କ ଦେହରେ ଥିବାରୁ ପରିବାର ଲୋକେ ଅଧିକ ବ୍ୟସ୍ତ ହୋଇପଡ଼ିଥିଲେ। ତେବେ ବହୁ ଯୋଗଯୋଗ ପରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବଜରଙ୍ଗୀ ପ୍ରତିଷ୍ଠାନର ଅନୁରୋଧ କ୍ରମେ ରକ୍ତଦାତା ରାଉରକେଲାର ରଜତ ଏକ୍କା ଇଣ୍ଟରସିଟ୍ ଯୋଗେ ଅନୁଗୋଳ ରକ୍ତ ଭଣ୍ଡାରକୁ ଆସି ଉକ୍ତ ଗ୍ରୁପର ରକ୍ତ ଦାନ କରିଥିଲେ। ରଜତଙ୍କ ଏହି କାର୍ଯ୍ୟ ପାଇଁ ବଜରଙ୍ଗୀ ପ୍ରତିଷ୍ଠାନର ସଦସ୍ୟ ଲିପୁନ ବାରିକ, ଚିକୁନ ପ୍ରଧାନ, ଶିବାଶିଷ କର, ସାମାଜିକ କର୍ମୀ ଯୋଗେନ୍ଦ୍ର କୃତଜ୍ଞତା ଜଣାଇଛନ୍ତି।

# ବିପର୍ଯ୍ୟୟ ମୁକାବିଲା କୌଶଳ ଶିଖିଲେ ଛାତ୍ରୀଛାତ୍ର

**ନିମାପଡ଼ା,୨୧।୧(ଡି.ଏନ.ଏ):**

ନିମାପଡ଼ା ଅଗ୍ନିଶମ ସେବା ସଂସ୍ଥା ପକ୍ଷରୁ ବିଷ୍ଣୁପୁର ନୋଡାଲ୍ ଉଚ୍ଚ ବିଦ୍ୟାଳୟ ଠାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରଙ୍କୁ ବାତ୍ୟା, ବନ୍ୟା, ଅଗ୍ନିକାଣ୍ଡ ଏବଂ ଭୂକମ୍ପ ଭଳି ବିପର୍ଯ୍ୟୟକୁ କେମିତି ମୁକାବିଲା କରାଯାଇପାରିବ, ସେ ସମ୍ପର୍କରେ ତାଲିମ୍ ଦିଆଯାଇଥିଲା। ବିପର୍ଯ୍ୟୟ ସମୟରେ ବିଭିନ୍ନ ପରିସ୍ଥିତିର ମୁକାବିଲା ପାଇଁ ତାଲିମ୍ ଦିଆଯାଇଥିଲା। ଅଗ୍ନିଶମ କେନ୍ଦ୍ରର ଅଧିକାରୀ ବ୍ରହ୍ମାନନ୍ଦ ମଲ୍ଲିକ ତାଲିମ୍ ପ୍ରଦାନ କରିଥିଲେ। ଏଥିରେ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ, କର୍ମଚାରୀମାନେ ଭାଗନେଇଥିଲେ। ମକ୍‌ଡ୍ରିଲ୍ ମାଧ୍ୟମରେ ପାଣିରେ ବୁଡ଼ି ଯାଉଥିବା ଲୋକଙ୍କୁ କିଭଳି ଉଦ୍ଧାର କରାଯିବ, ନିଆଁ ଲିଭାଇବା କୌଶଳ, ଉଚ୍ଚ ଅଟାଳିକାରୁ କେମିତି ତଳକୁ ଅଣାଯିବ, ଆହତ ବ୍ୟକ୍ତିଙ୍କୁ ସ୍ଥାନାନ୍ତର, ପ୍ରାଥମିକ ଚିକିତ୍ସା ଏବଂ ବିଭିନ୍ନ କୌଶଳ ପ୍ରଦର୍ଶନ କରାଯାଇଥିଲା।



ଅଗ୍ନିଶମ କର୍ମଚାରୀମାନେ ମକ୍‌ଡ୍ରିଲ୍ ପ୍ରଦର୍ଶନ କରୁଛନ୍ତି ।

ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ବଳବନ୍ତରାୟ, ଶିକ୍ଷକ କାଶିନାଥ ବେହେରା, ରଞ୍ଜନ ସ୍ୱାଇଁ, ଶିକ୍ଷୟିତ୍ରୀ ପୁଷ୍ପଲତା ପ୍ରଧାନ, ନଳିନୀ ମିଶ୍ର, ଶୁଭସ୍ମିତା ପତି, ସନ୍ଧ୍ୟାରାଣୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ହିତାଧିକାରୀଙ୍କୁ ମିଳୁନି ଶୌଚାଳୟ ନିର୍ମାଣ ଅର୍ଥ

## ଜିଲାପାଳଙ୍କୁ ଅଭିଯୋଗ ପରେ ବିଡିଓଙ୍କୁ ତଦନ୍ତ ନିର୍ଦ୍ଦେଶ

**ଗୋପ,୨୧।୧(ଡି.ଏନ୍.ଏ.):**

ଗୋପ ବ୍ଲକ୍ ଅଧୀନ ବନ୍ତଳୀ ପଞ୍ଚାୟତରେ ୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ଶୌଚାଳୟ ନିର୍ମାଣ କାର୍ଯ୍ୟ ସରିଥିଲେ ମଧ୍ୟ ପ୍ରାପ୍ୟ ପାଇନାହାନ୍ତି। ଏ ନେଇ ସରପଞ୍ଚ କଲ୍ୟାଣୀ ଦାଶ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଜିଲାପାଳ ଅଭିଯୋଗ ପାଇବା ପରେ ବିଡିଓଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ସତ୍ତ୍ୱେ ବିଡିଓ ଦୀପ୍ତିରାଣୀ ଦାସ ତଦନ୍ତ ଆରମ୍ଭ କରିନାହାନ୍ତି। ଫଳରେ ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସୂଚନା ଅନୁଯାୟୀ, ଗୋପ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ଶୌଚାଳୟ ନିର୍ମାଣରେ ମିଥ୍ୟା ବିଲ୍ ଦାଖଲ କରି ଟଙ୍କା ହଡ଼ପ କରାଯାଇଥିବା ନେଇ ପୂର୍ବରୁ ଅଭିଯୋଗ ଉଠିଥିଲା। କେତେକ ପଞ୍ଚାୟତରେ ସ୍ୱାମୀ-ସ୍ତ୍ରୀ, ବାପ- ପୁଅ ଏପରିକି ମୃତ ବ୍ୟକ୍ତିଙ୍କ ନାମରେ ଶୌଚାଳୟ ନିର୍ମାଣ ହୋଇଥିବା ଜଣାପଡ଼ିଥିଲା। ଭିଜିଲାନ୍ସ ତଦନ୍ତ କରିବାକୁ ଦାବି ହୋଇଥିଲା। ବନ୍ତଳୀ ପଞ୍ଚାୟତରେ ହିତାଧିକାରୀମାନେ ଶୌଚାଳୟ ନିର୍ମାଣ କରିଥିଲେ ସୁଦ୍ଧା ସେମାନଙ୍କ ବିଲ୍ ହୋଇପାରୁନି। ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର କର୍ମଚାରୀମାନେ ମଧ୍ୟ ଉଦ୍ଦେଶ୍ୟମୂଳକ ଭାବେ ହଇରାଣ କରୁଥିବା ସରପଞ୍ଚ ଦାଶ ତାଙ୍କ ଅଭିଯୋଗରେ ଦର୍ଶାଇଥିଲେ। ଏ ସମ୍ପର୍କରେ ବିଡିଓ ଦାସ କହିଛନ୍ତି ଜିଲାପାଳଙ୍କ ନିର୍ଦ୍ଦେଶ ପାଇଛି। ଖୁବ୍‌ଶୀଘ୍ର ତଦନ୍ତ କରାଯାଇ ପ୍ରାପ୍ୟ ଦିଆଯିବ।

Government of Odisha
Department of Women and Child Development and Mission Shakti
NOTICE
No. 1061 / WCD, Dated 20.01.2020

**No. g-57:-** In continuation to this Department advt. No. 17758/02.12.2019, it is to inform that the final result for recruitment to the post of M&E Consultant, under MAMATA Scheme has been finalised and published in Department website.

For further information regarding final list of candidate of M&E Consultant, please log in to Deprtment website: http://wcdodisha.gov.in.

33001/11/0024/1920 *Sd./- Joint Secretary to Govt.*

Government of Odisha
Department of Women and Child Development and Mission Shakti
NOTICE
No. 1059 / WCD, Dated 20.01.2020

**No. g-56:-** In continuation to this Department advt. No. 17758/02.12.2019, it is to inform that the final result for recruitment to the post of DPC, MAMATA has been finalised and uploaded in the Department website.

For further details like list of candidates etc. please log in to the Deprtment website: http://wcdodisha.gov.in.

*Sd./- Joint Secretary to Govt.*
33001/11/0023/1920

WORKS DEPARTMENT
OFFICE OF THE EXECUTIVE ENGINEER
MAYURBANJ (R&B) DIVISION, BARIPADA

No.B-615:- e-mail: bpd_eerb@rediffmail.com
Government of Odisha "e" Procurement Notice
Bid Identification No.-E.E.-38/2019-20

| | | | |
|---|---|---|---|
| 1. | Number of works | : | 1 (One) number of work |
| 2. | Period of Completion | : | 3 (Three) Calendar months |
| 3. | Date & Time of availability of bid documents in the portal | : | Dt. 05.02.2020 to 14.02.2020 |
| 4. | Last Date/ Time of receipt of bid in the portal | : | Dt. 14.02.2020 upto 4.00 PM |
| 5. | Date of Opening of bid | : | Dt. 15.02.2020 at 11.00 AM |
| 6. | Name & address of the Office inviting bid | : | Executive Engineer, Mayurbhanj (R&B) Division, Baripada |

Further details can be seen from the e-procurement portal **http://www.tendersodisha.gov.in**.

Sd./- Executive Engineer
34060/11/0025/1920 Mayurbhanj (R&B) Division

ODISHA HYDRO POWER CORPORATION LIMITED
OFFICE OF THE SENIOR GENERAL MANAGER (ELECTRICAL),
BALIMELA HYDRO ELECTRIC PROJECT
POST: BALIMELA, DIST: MALKANGIRI (ODISHA); PIN: 764051, Phones: 06861-232581 (O)/232641 (R) : FAX: 06861-232541.,
E-Mail: unit.head_balimela@yahoo.com
REGD. OFFICE: ODISHA HYDRO POWER CORPORATION LIMITED
ODISHA STATE POLICE HOUSING & WELFARE CORPORATION BUILDING, VANIVIHAR CHOUK, JANAPATH, BHUBANESWAR-22
Tel: 91 -0674-2542983, 2542802, 2545526 , Fax: 2542102, GRAM: HYDROPOWER, E-MAIL: ohpc.co@gmail.com / md@ohpcltd.com,
Web: www.ohpcltd.com, CIN: U40101OR1995SGC003963

DETAIL TENDER CALL NOTICE
TENDER CALL NOTICE NO: BHEP- 55 /2019 - 20 Dated: 20.01.2020
**No.CAD-851:-** Sealed tenders in duplicate are invited by the undersigned from the reputed EPC/Turnkey contractor having eligible criteria in two part bids (Technical Bid & Price Bid) for the following work on "Turnkey Contract basis".

| Sl No. | Description of Work | Cost of tender paper | EMD (in Rs.) |
|---|---|---|---|
| 1 | Engineering Procurement, Erection, Testing and Commissioning of 33/ 11 KV Back up Power Supply System from OPTCL Grid at BHEP, Balimela on Turn Key basis. | Rs. 11,800.00 (Rs. 10,000.00 + GST @ 18% | 1,50,000.00 |

The sale of Tender Paper will be from : 24.01.2020 to 13.00 Hrs. on 10.02.2020.
The last date & time of receipt of Tender : 16.00 Hrs. on 10.02.2020.
The date and time of opening of Technical Bid : 16.30 Hrs. on 10.02.2020.
The due date and time of opening of Price Bid will be intimated later on to the technically qualified bidders.
04019/11/0054/1920 Sd./- C & P Head, BHEP, Balimela

ନିଲାମ ବିଜ୍ଞପ୍ତି

**No. D-267:-** ପୋଲିସ ଉପାୟୁକ୍ତ, କଟକ ସିଦ୍ଧେଶ୍ୱରପୁର ଫାୟାରିଂ ରେଞ୍ଜ, ନରାଜଠାରେ ଥିବା କାଜୁ ବଗିଚା, ୨୦୨୦ ବର୍ଷରେ ନିଲାମ କରିବା ପାଇଁ ଇଚ୍ଛୁକ ନିଲାମଧାରୀଙ୍କଠାରୁ ସାଦା କାଗଜରେ ଟେଣ୍ଡର ଆହ୍ୱାନ କରୁଛନ୍ତି। ଏହି ନିଲାମ ନୋଟିସ୍ ଖବରକାଗଜରେ ବାହାରିବା ପରେ ନିଲାମଧାରୀଙ୍କ ଅବଗତି ନିମନ୍ତେ ଏହା କଟକ ଉପାୟୁକ୍ତଙ୍କ ନୋଟିସ୍ ବୋର୍ଡ଼ରେ ବିଜ୍ଞପ୍ତି ଦିଆଯିବ। ଇଚ୍ଛୁକ ନିଲାମଧାରୀ ବ୍ୟକ୍ତିମାନେ ଉକ୍ତ କାଜୁ ବଗିଚାକୁ ଯେକୌଣସି କାର୍ଯ୍ୟ ଦିବସରେ କାର୍ଯ୍ୟ ନିର୍ଘଣ୍ଟ ସମୟ ମଧ୍ୟରେ ପରିଦର୍ଶନ କରିପାରିବେ। ପୋଲିସ୍ ଉପାୟୁକ୍ତ, ସହରାଞ୍ଚଳ ଜିଲ୍ଲା-କଟକଙ୍କୁ ସମ୍ବୋଧିତ ଜଉମୁଦ ଟେଣ୍ଡର ଲଫାପାକୁ ରିଜର୍ଭ ପୋଲିସ୍ ଲାଇନ୍, ବକ୍ସିବଜାର, କଟକରେ ଥିବା ଏକ ଜଉମୁଦ ବାକ୍ସରେ ପକାଇବେ। ଇଚ୍ଛୁକ ନିଲାମଧାରୀ ବ୍ୟକ୍ତିମାନଙ୍କୁ ୫,୦୦୦/- ଟଙ୍କା (ଟଙ୍କା ପାଞ୍ଚ ହଜାର ମାତ୍ର)ର ଅମାନତ ଟଙ୍କା ବ୍ୟାଙ୍କ ଡ୍ରାଫ୍ଟ ଜରିଆରେ ଆଡ଼ିସିନାଲ ଡି.ସି.ପି., ଡି.ଡି.ଓ.-୧, ପୋଲିସ୍ କମିଶନରେଟ୍, ଭୁବନେଶ୍ୱର-କଟକଙ୍କ ସମକ୍ଷରେ ସଂଲଗ୍ନ କରିବେ, ଯାହା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଟ୍ରେଜେରି ଶାଖା, ଭୁବନେଶ୍ୱରରେ ପୈଠ କରାଯାଇପାରିବ। ଇଚ୍ଛୁକ ନିଲାମଧାରୀ ବ୍ୟକ୍ତିମାନେ ଏହି ଟଙ୍କାର ପରିମାଣ ଅକ୍ଷରରେ ଏବଂ ସଂଖ୍ୟାରେ କାଜୁ ବଗିଚା ନିଲାମ ସକାଶେ ବୋଲି ଉଲ୍ଲେଖ କରିବେ। ନିଲାମ ଟଙ୍କାର ପରିମାଣ ସଂଖ୍ୟାରେ ଓ ଅକ୍ଷରରେ ବ୍ୟତିକ୍ରମ ପରିଲକ୍ଷିତ ହେଲେ ପ୍ରାର୍ଥୀଙ୍କ ନିଲାମ ଖାରଜ ହୋଇଯିବ। ଟେଣ୍ଡର କାଗଜ ଜଉମୁଦ ଟେଣ୍ଡରଗୁଡ଼ିକ ଆସନ୍ତା ତା୨୦।୦୨।୨୦୨୦ରିଖ ଅପରାହ୍ନ ୫ଘଟିକା ସୁଦ୍ଧା ଗ୍ରହଣ କରାଯିବ ଏବଂ ଆସନ୍ତା ତା୨୧।୦୨।୨୦୨୦ରିଖ ଅପରାହ୍ନ ୨ଘଟିକା ସମୟରେ କଟକ ରିଜର୍ଭ ଅଫିସ୍‌ରେ ଟେଣ୍ଡର ପକାଇଥିବା ବ୍ୟକ୍ତି କିମ୍ବା ତାଙ୍କର Agentମାନଙ୍କ ଉପସ୍ଥିତିରେ ଖୋଲାଯିବ। ଯିଏ ସର୍ବାଧିକ ଟେଣ୍ଡର ଡାକିବେ, ତାଙ୍କୁ ସଙ୍ଗେ ସଙ୍ଗେ ୨୫ ପ୍ରତିଶତ ନଗଦ ଟଙ୍କା ଆକାରରେ ଦାଖଲ ଦେବାକୁ ପଡ଼ିବ ଏବଂ ବାକି ୭୫% ଟଙ୍କା ୭ (ସାତ) ଦିନ ମଧ୍ୟରେ ଦାଖଲ କରିବାକୁ ପଡ଼ିବ। ନଚେତ୍ ଅମାନତ ଟଙ୍କା କୌଣସି କାରଣ ନ ଦର୍ଶାଇ ବାଜ୍ୟାପ୍ତ କରାଯିବ ଏବଂ ତାଙ୍କର ପରବର୍ତ୍ତୀ ସର୍ବୋଚ୍ଚ ଟେଣ୍ଡର ଦାଖଲକାରୀଙ୍କୁ ଆମନ୍ତ୍ରଣ କରାଯିବ। ଏ ସଂକ୍ରାନ୍ତରେ ଆଦେଶ ପ୍ରଦାନ କରିବା ପରେ କାଜୁ ବଗିଚାକୁ ଟେଣ୍ଡର ପାଇଥିବା ବ୍ୟକ୍ତିଙ୍କୁ ହସ୍ତାନ୍ତର କରାଯିବ। ଏଥିନିମନ୍ତେ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ। ଅକୃତକାର୍ଯ୍ୟ ହୋଇଥିବା ପ୍ରାର୍ଥୀମାନଙ୍କ ଅମାନତ ଟଙ୍କା ଫେରସ୍ତ କରି ଦିଆଯିବ। ଆବଶ୍ୟକସ୍ଥଳେ ନିମ୍ନ ସ୍ୱାକ୍ଷରକାରୀ କୌଣସି କାରଣ ନ ଦର୍ଶାଇ ଯେକୌଣସି ନିଲାମ ଗ୍ରହଣ କିମ୍ବା ନାକଚ କରିପାରିବେ। ନିଲାମ ପ୍ରକ୍ରିୟା ସମାପ୍ତ ହେଲା ପରେ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ।

ସ୍ୱା./- (ଅଖିଳେଶ୍ୱର ସିଂ, ଭା.ପୁ.ସେ.)
12015/11/0026/1920 ଆରକ୍ଷୀ ଉପାୟୁକ୍ତ, କଟକ

ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ
ପ୍ଲଟ୍ ନଂ.୪, ଚୁନୁକୋଳି, ଶୈଳଶ୍ରୀ ବିହାର,
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର - ୭୫୧୦୨୧
ଇମେଲ: orierc@rediffmail.com, ୱେବସାଇଟ: www.orierc.org

**ସର୍ବସାଧାରଣ ବିଜ୍ଞପ୍ତି (କେସ୍ ନଂ. ୭୪/୨୦୧୯)**

**ବିଦ୍ୟୁତ୍ ଅଧିନିୟମ, ୨୦୦୩ର ଧାରା ୬୨ ସହିତ ପଠନପୂର୍ବକ ଓଇଆରସି (ହ୍ୱିଲିଂ ଶୁଳ୍କସୂଚୀ ଏବଂ ଖୁଚୁରା ଯୋଗାଣ ଶୁଳ୍କସୂଚୀ ନିର୍ଦ୍ଧାରଣ ନିୟମ ଓ ସର୍ତ୍ତାବଳୀ), ୨୦୧୪ ଅଧୀନରେ ଆର୍ଥିକବର୍ଷ ୨୦୨୦-୨୧ ନିମନ୍ତେ ସର୍ବମୋଟ ରାଜସ୍ୱ ଆବଶ୍ୟକତା (ଏଆରଆର୍), ହ୍ୱିଲିଂ ଶୁଳ୍କସୂଚୀ ଏବଂ ଖୁଚୁରା ଯୋଗାଣ ଶୁଳ୍କସୂଚୀ ପାଇଁ ୱେସ୍କୋ ୟୁଟିଲିଟିର ଦରଖାସ୍ତର ଶୁଣାଣି ।**

ୱେସ୍କୋ ୟୁଟିଲିଟି ଦ୍ୱାରା ଆର୍ଥିକବର୍ଷ ୨୦୨୦-୨୦୨୧ ନିମନ୍ତେ ଏହାର ସର୍ବମୋଟ ରାଜସ୍ୱ ଆବଶ୍ୟକତା, ହ୍ୱିଲିଂ ଶୁଳ୍କସୂଚୀ ଏବଂ ଖୁଚୁରା ଯୋଗାଣ ଶୁଳ୍କସୂଚୀ ସଂକ୍ରାନ୍ତରେ ତା୧୭।୧୨।୨୦୧୯ରିଖରେ ଇଂରାଜୀ ଓ ଓଡ଼ିଆ ଦୈନିକ ଖବରକାଗଜରେ ପ୍ରକାଶିତ ସର୍ବସାଧାରଣ ବିଜ୍ଞପ୍ତି ଅନୁଯାୟୀ ଏତଦ୍ୱାରା ସୂଚିତ କରାଯାଉଛି ଯେ ଉପରୋକ୍ତ ଦରଖାସ୍ତଗୁଡ଼ିକୁ ଆର୍ଥିକବର୍ଷ ୨୦୨୦-୨୧ ନିମନ୍ତେ ଓପନ୍ ଆକ୍ସେସ୍ ଶୁଳ୍କ ନିର୍ଦ୍ଧାରଣ ପାଇଁ **କେସ୍ ନଂ.୭୮/୨୦୧୯** ସହିତ **ତା୧୨।୦୨।୨୦୨୦ରିଖ ପୂର୍ବାହ୍ନ ୧୦.୦୦ ଘଟିକାରେ ଏମ୍‌ସିଏଲ୍ ଅଡିଟୋରିୟମ୍, ଜାଗୃତି ବିହାର, ବୁର୍ଲା**ଠାରେ ଗ୍ରହଣ ତଥା ଶୁଣାଣି କରାଯିବ। ଏହି ବିଜ୍ଞପ୍ତିରେ ଦର୍ଶାଯାଉଥିବା ନିମ୍ନରେ ନାମିତ ସଂଗଠନ/ବ୍ୟକ୍ତିବିଶେଷଙ୍କ ଦ୍ୱାରା ୱେସ୍କୋ ୟୁଟିଲିଟିର ଉପରୋକ୍ତ ଦରଖାସ୍ତ ବିରୁଦ୍ଧରେ ଦାଖଲ କରାଯାଇଥିବା ଆପତ୍ତି/ମତାମତଗୁଡ଼ିକୁ କମିଶନ ଦ୍ୱାରା ଶୁଣାଣି ପାଇଁ ଅନୁମତି ପ୍ରଦାନ କରାଯାଇଛି।

ଉଭୟ ଆବେଦନକାରୀ (ୱେସ୍କୋ ୟୁଟିଲିଟି) ଏବଂ ସଂଗଠନ/ବ୍ୟକ୍ତିବିଶେଷ ଯେଉଁମାନଙ୍କର ଆପତ୍ତି/ମତାମତ କମିଶନ ଦ୍ୱାରା ଶୁଣାଣି ପାଇଁ ମନୋନୀତ ହୋଇଛି ସେମାନଙ୍କୁ ଏତଦ୍ୱାରା ନିର୍ଦ୍ଦେଶ ଦିଆଯାଉଛି ଯେ ସେମାନେ ଉପରେ ଦର୍ଶାଯାଇଥିବା ତାରିଖ, ସମୟ ଓ ସ୍ଥାନରେ ବ୍ୟକ୍ତିଗତ ଭାବେ ଅଥବା ସେମାନଙ୍କ ପ୍ରାଧିକୃତ ପ୍ରତିନିଧି କିମ୍ବା ବିଧିବଦ୍ଧ ଭାବେ ଗଠିତ ଓକିଲଙ୍କ ମାଧ୍ୟମରେ ଶୁଣାଣିରେ ଉପସ୍ଥିତ ରହିବେ। ଯେହେତୁ, ଶୁଣାଣି ୱେସ୍କୋ ୟୁଟିଲିଟିର ଯୋଗାଣ ଅଞ୍ଚଳରେ ଅନୁଷ୍ଠିତ ହେଉଛି ଏବଂ ଲାଇସେନ୍ସପ୍ରାପ୍ତ ଅଞ୍ଚଳର ଗ୍ରାହକଙ୍କ ସୁବିଧା ପାଇଁ, ଶୁଣାଣି ନିମନ୍ତେ ତା୦୫।୦୨।୨୦୨୦ରିଖ ସୁଦ୍ଧା ୟୁଟିଲିଟିର ମୁଖ୍ୟ କାର୍ଯ୍ୟାଳୟରେ ନିଜର ନାମ ପଞ୍ଜୀକୃତ କରିଥିବା ବ୍ୟକ୍ତିବିଶେଷଙ୍କ ଆପତ୍ତି/ମତାମତକୁ ଉପସ୍ଥାପିତ କରିବା ପାଇଁ କମିଶନ ଅନୁମତି ପ୍ରଦାନ କରିଛନ୍ତି ।

ଆୟୋଗଙ୍କ ନିର୍ଦ୍ଦେଶକ୍ରମେ
ତା: ୨୧।୦୧।୨୦୨୦ ସ୍ୱା./- ସଚିବ

**ବି.ଦ୍ର.:** ୧. ଉପରୋକ୍ତ ସର୍ବସାଧାରଣ ବିଜ୍ଞପ୍ତି ଏବଂ ଯେଉଁ ସଙ୍ଗଠନ/ବ୍ୟକ୍ତିବିଶେଷଙ୍କ ଆପତ୍ତି/ମତାମତ କମିଶନଙ୍କ ଦ୍ୱାରା ଶୁଣାଣି ପାଇଁ ମନୋନୀତ ହୋଇଛି ସେମାନଙ୍କ ତାଲିକା ଓଇଆରସି ୱେବସାଇଟ୍ **www.orierc.org** ତଥା ୱେସ୍କୋ ୟୁଟିଲିଟିର ୱେବସାଇଟ୍‌ରେ ମଧ୍ୟ ଉପଲବ୍ଧ ।

**ଆପତ୍ତିକାରୀଙ୍କ ତାଲିକା (ୱେସ୍କୋ ୟୁଟିଲିଟି)**

(୧) ଇଂ.(ଡା) ପ୍ରଶାନ୍ତ କୁମାର ପ୍ରଧାନ, ଡୁପ୍ଲେକ୍ସ-୨୪୪, ମନୋରମା ଇଷ୍ଟେଟ୍, ରସୁଲଗଡ଼, ଭୁବନେଶ୍ୱର-୭୫୧୦୧୦। (୨) ଶ୍ରୀ ଅକ୍ଷୟ କୁମାର ସାହାଣୀ, ଅବସରପ୍ରାପ୍ତ ଇଲେକ୍ଟ୍ରିକାଲ ଇନ୍ସପେକ୍ଟର, ଜିଓଓ, ବି/ଏଲ-୧୦୮, ଭିଏସଏସ୍ ନଗର, ଭୁବନେଶ୍ୱର-୭୫୦୦୦୭। (୩) ଶ୍ରୀ ରମେଶ ଚନ୍ଦ୍ର ଶତପଥୀ, ସଚିବ, ନ୍ୟାଶନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆନ୍ ଲେବର୍ ଏବଂ ଅଧ୍ୟକ୍ଷ, ଉପଭୋକ୍ତା ମହାସଂଘ, ପ୍ଲଟ୍ ନଂ.୩୦୨ (ବି), ବେହେରାସାହି, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨। (୪) ପ୍ରିନ୍ସିପାଲ ଚିଫ୍ ଇଲେକ୍ଟ୍ରିକାଲ ଇଞ୍ଜିନିୟର୍, ପୂର୍ବତଟ ରେଳପଥ, ରେଳ ସଦନ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୭୫୧୦୧୭। (୫) ମେସର୍ସ ଉତ୍କଳ ଚାୟର୍ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଲିଃ (ୟୁସିସିଆଇ), ଏନ୍-୬, ଆଇଆରସି ଭିଲେଜ୍, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫। (୬) ମେସର୍ସ ଡି.ଡି. ଆଇରନ୍ ଆଣ୍ଡ ଷ୍ଟିଲ୍ ପ୍ରା. ଲିଃ, ସ୍ଥାନ-ଏଚ୍-୪/୫, ସିଭିଲ ଟାଉନଶିପ୍, ରାଉରକେଲା-୭୬୯୦୦୪, ସୁନ୍ଦରଗଡ଼, ଓଡ଼ିଶା। (୭) ମେସର୍ସ ଶ୍ରୀ ଜଗନ୍ନାଥ ଆଲଏକ୍ ପ୍ରାଇଭେଟ୍ ଲିମିଟେଡ୍, ସ୍ଥାନ- ପ୍ଲଟ୍ ନଂ.- କ୍ୟୁକ୍ୟୁ-୧୪, ସିଭିଲ ଟାଉନଶିପ୍, ରାଉରକେଲା, ଜିଲ୍ଲା- ସୁନ୍ଦରଗଡ଼-୭୬୯୦୦୪। (୮) ମେସର୍ସ ରିତିକା ଇସ୍ପାତ ପ୍ରାଇଭେଟ୍ ଲିମିଟେଡ୍, ପ୍ଲଟ୍ ନଂ.-୪୯୦, ବଲଣ୍ଡା, କାଲୁଙ୍ଗା, ଜିଲ୍ଲା- ସୁନ୍ଦରଗଡ଼-୭୭୦୦୩୧। (୯) ମେସର୍ସ ଶ୍ରୀ ରାଧା କ୍ରୀଷ୍ଣା ଇସ୍ପାତ (ପ୍ରା.) ଲିଃ, ପ୍ଲଟ୍ ନଂ.-୧୯, ପି. ଗୋଇ ଭଙ୍ଗା, କାଲୁଙ୍ଗା, ଜିଲ୍ଲା-ସୁନ୍ଦରଗଡ଼-୭୭୦୦୩୧। (୧୦) ମେସର୍ସ ଟପ୍ ଟେକ୍ ଷ୍ଟିଲସ (ପ୍ରା.) ଲିଃ, ସ୍ଥାନ- ହାତୀବାରି ରୋଡ୍, କୁଆଁରମୁଣ୍ଡା, ବେଦବ୍ୟାସ, ରାଉରକେଲା-୭୭୦୦୩୯। (୧୧) ମେସର୍ସ ଶୁଭ ଇସ୍ପାତ ପ୍ରାଇଭେଟ୍ ଲିମିଟେଡ୍, ସ୍ଥାନ- ଜିଆବାହାଲ, କାଲୁଙ୍ଗା, ସୁନ୍ଦରଗଡ଼-୭୭୦୦୩୧। (୧୨) ମେସର୍ସ ମା ଗିରିଜା ଇସ୍ପାତ (ପ୍ରା.) ଲିଃ, ପଞ୍ଜୀକୃତ କାର୍ଯ୍ୟାଳୟ ସ୍ଥାନ-ବିବି-୨, ତଳ ମହଲା, ସିଭିଲ ଟାଉନଶିପ୍, ରାଉରକେଲା-୭୬୯୦୦୪, ଜିଲ୍ଲା-ସୁନ୍ଦରଗଡ଼। (୧୩) ମେସର୍ସ ଶ୍ରୀ ସାଲାସର କାଷ୍ଟିଂସ୍ ପ୍ରା. ଲିଃ, ସ୍ଥାନ- ବଲଣ୍ଡା, ପୋଷ୍ଟ- କାଲୁଙ୍ଗା-୭୭୦୦୩୧, ଜିଲ୍ଲା- ସୁନ୍ଦରଗଡ଼, ଓଡ଼ିଶା । (୧୪) ମେସର୍ସ ଗ୍ରୀନିଟି ପାୱାର୍ ଟେକ୍ ପ୍ରା. ଲିଃ, ସ୍ଥାନ- କେ-୮-୮୨, କଳିଙ୍ଗ ନଗର, ଘାଟିକିଆ, ଭୁବନେଶ୍ୱର-୭୫୧୦୨୯। (୧୫) ମେସର୍ସ ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ୍, ସ୍ଥାନ/ପୋଷ୍ଟ- ରାଜଗାଙ୍ଗପୁର, ଜିଲ୍ଲା- ସୁନ୍ଦରଗଡ଼-୭୭୦୦୧୭। (୧୬) ମେସର୍ସ ଏଟିସି ଟେଲିକମ୍ ଇନ୍‌ଫ୍ରାଷ୍ଟ୍ରକ୍ଚର୍ (ପ୍ରା.) ଲିମିଟେଡ୍, ୪ର୍ଥ ମହଲା, ମଡ୍ୟୁଲ୍-ଏ, ଫର୍ଚ୍ୟୁନ୍ ଟାୱାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୭୫୧୦୨୩। (୧୭) ଶ୍ରୀ ପ୍ରଭାକର ଦୋରା, ବିଦ୍ୟା ନଗର, ୩ୟ ମହଲା, କୋ-ଅପରେଟିଭ୍ କଲୋନୀ, ରାୟଗଡ଼ା, ଜିଲ୍ଲା- ରାୟଗଡ଼ା-୭୬୫୦୦୧।

OFFICE OF THE ADDITIONAL DISTRICT URBAN PUBLIC HEALTH OFFICER, ROURKELA
TENDER CALL NOTICE No. E-682
Advt. Letter No. 164/ CPMU/NUHM, Rourkela Dated : 20.01.2020

Sealed tenders are invited from the registered firms/ agencies / organization for supply of Lab Reagents & Consumables and Equipment & instrument for CHS, NUHM-Rourkela, Rourkela (Vide Tender No. & respectively) as per given specifications and details of terms and conditions as available in Sundargarh district website i.e. www.sundargarh.nic.in. Interested firms/ agencies / organization are requested to submit their Tender (under two bid system) along with necessary documents (Technical & Financial Bid separately and Outer envelope must contain the said two bids documents) to the office of the ADUPHO, Rourkela on or before dt. 11.02.2020 till 5.00 PM through Speed Post / Regd. Post and Courier only. The authority reserves all the rights to cancel or reject the any or all tender without assigning any reason thereof.

Sd./- Dr. P. Mishra
10144/11/0005/1920 Additional District Urban, Public Health Officer, Rourkela